# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୮/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 8/2023 Page 20 ₹ 7.00

୪୯ଶ ଭାଗ ୧୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 133 ମୂଲ୍ୟ ₹୭/-




**ପ୍ରିୟଙ୍କାଙ୍କୁ ଆଉ ଏକ ବିଗ୍ ପ୍ରୋଜେକ୍ଟ**

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ହଲିଉଡ୍‌ର ଲୋକପ୍ରିୟ ଅଭିନେତା ଜନ୍ ସେନାଙ୍କ ସହିତ ୱେବ୍ ସିରିଜ୍ 'ହେଡ୍ସ ଅଫ୍ ଷ୍ଟେଟ୍'ରେ ନଜର ଆସିବେ।

୦୭

୦୮

**ରାଜନୀତି ଛାଡ଼ିଲେ ଜେସିଣ୍ଡା ଆର୍ଡର୍ନ**

ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନ ରାଜନୀତିରୁ ବିଦାୟ ନେଇଛନ୍ତି। ଦେଶର ସଙ୍କଟ ସମୟରେ ତାଙ୍କ ନେତୃତ୍ୱ ସ୍ମରଣୀୟ ହୋଇ ରହିବ।



# ବିବାଦରେ ଆଇଟି ନିୟମାବଳୀ ସଂଶୋଧନ

**ଏବେ କେନ୍ଦ୍ର ସରକାରଙ୍କ ଆଇଟି ମନ୍ତ୍ରଣାଳୟ ଯେଉଁଭଳି ସୂଚନା ପ୍ରଯୁକ୍ତି ନିୟମାବଳୀରେ ନିଜକୁ ସୁହାଇଲା ଭଳି ସଂଶୋଧନ ଆଣିଛି, ତାହା ବ୍ୟବସ୍ଥାରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ଉପୁଜାଇଲାଣି । ଅତ୍ୟଧିକ କ୍ଷମତା ସରକାରଙ୍କୁ ମନମୁଖି କରିଦେଇଥାଏ ବୋଲି ମତ ପ୍ରକାଶ ପାଉଛି। ତେଣୁ ଉକ୍ତ ସଂଶୋଧନକୁ ପ୍ରତ୍ୟାହାର ସକାଶେ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଦାବି କରିବା ସହିତ ବିଭିନ୍ନ ଗଣମାଧ୍ୟମ ସଂଗଠନ ଓ ପ୍ରେସ୍ ସଂସ୍ଥାଗୁଡ଼ିକର ପରାମର୍ଶ ନେବା ଲାଗି ମନ୍ତ୍ରଣାଳୟକୁ ନିବେଦନ କରିଛି ।**

- **ସଂଶୋଧିତ ନିୟମ ମିଛ ଖବର ନିର୍ଦ୍ଧାରଣରେ ସରକାରଙ୍କୁ ନିରଙ୍କୁଶ କ୍ଷମତା ଦେବ: ଏଡିଟର୍ସ ଗିଲ୍ଡ**
- **ପ୍ରତ୍ୟାହାର ଦାବି**

ନୂଆଦିଲ୍ଲୀ, ୭।୪ (ପି.ଟି.)

ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀରେ କରାଯାଇଥିବା କଠୋର ସଂଶୋଧନ ସରକାରଙ୍କୁ ମିଛ ଖବର ନିର୍ଦ୍ଧାରଣ କରିବା ପାଇଁ ନିରଙ୍କୁଶ କ୍ଷମତା ଦେବ। ଏଭଳି ସଂଶୋଧନ ଅତ୍ୟନ୍ତ ଚିନ୍ତାଜନକ ବୋଲି ଏଡିଟର୍ସ ଗିଲ୍ଡ ଶୁକ୍ରବାର କହିଛି। ସରକାର ସୂଚନା ପ୍ରଯୁକ୍ତି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ସଂଶୋଧନ ନିୟମାବଳୀକୁ ପ୍ରତ୍ୟାହାର କରିନିଅନ୍ତୁ। ଏଥିସହିତ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସହ ପରାମର୍ଶ କରିବାକୁ ଏଡିଟର୍ସ ଗାଇଡ ଏକ ବିବୃତିରେ କହିଛି।

ଗିଲ୍ଡ କହିବା ଅନୁଯାୟୀ, ସଂଶୋଧିତ ନିୟମାବଳୀରେ 'ଫ୍ୟାକ୍ଟ ଚେକିଂ ୟୁନିଟ୍' ସ୍ଥାପନ ଲାଗି ଆଇଟି ମନ୍ତ୍ରଣାଳୟ ନିଜକୁ କ୍ଷମତା ଦେଇଛି। କେଉଁ ଖବର ମିଛ, ଜାଲ୍ କିମ୍ବା ବିଭ୍ରାନ୍ତିକର, ତାହା ଚୟନ କରିବାର ସମ୍ପୂର୍ଣ୍ଣ କ୍ଷମତା କେନ୍ଦ୍ର ସରକାରଙ୍କୁ ମିଳିଯିବ। ଏହା ବ୍ୟତୀତ ଆଇଟି ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମ ମଧ୍ୟସ୍ଥତାକାରୀ, ଇଣ୍ଟରନେଟ୍ ସେବା ପ୍ରଦାନକାରୀ ଏବଂ ଅନ୍ୟ ସେବା ପ୍ରଦାନକାରୀମାନଙ୍କୁ ଏଭଳି ବିଷୟବସ୍ତୁ ପ୍ରସାର ନ କରିବା ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା ପାଇଛି।

ଏଭଳି ଫ୍ୟାକ୍ଟ ଚେକିଂ ୟୁନିଟ ପାଇଁ ଶାସନଗତ ବ୍ୟବସ୍ଥା, ନ୍ୟାୟିକ ଅନୁଧ୍ୟାନ, ଅପିଲ୍ କରିବାର ଅଧିକାର ସମ୍ପର୍କରେ ନିୟମାବଳୀରେ ଉଲ୍ଲେଖ କରାଯାଇ ନାହିଁ। ସେହିପରି ବିଷୟବସ୍ତୁ ହଟାଇବା କିମ୍ବା ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ବ୍ଲକ୍ କରିବା ସମ୍ପର୍କରେ ଶ୍ରେୟା ସିଙ୍ଘାଲ ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁପାଳନ ପ୍ରସଙ୍ଗରେ ମଧ୍ୟ କୌଣସି ଉଲ୍ଲେଖ ନାହିଁ। ଏହା ବାସ୍ତବ ନ୍ୟାୟିକ ନିୟମାବଳୀ ବିରୋଧୀ ଏବଂ ସେନ୍‌ସରଶିପ୍ ସଦୃଶ ବୋଲି ଏଡିଟର୍ସ ଗିଲ୍ଡ କହିଛି।




୨୦୨୩ ଜାନୁୟାରୀରେ ମନ୍ତ୍ରଣାଳୟ ଚିଠା ସଂଶୋଧନ ପ୍ରସ୍ତାବ ଉପସ୍ଥାପନ କରିଥିଲା। ଏହାକୁ ପ୍ରତ୍ୟାହାର କରିନେବା ପରେ ଅର୍ଥମୂଳକ ପରାମର୍ଶ କରିବ ବୋଲି ମନ୍ତ୍ରଣାଳୟ ପ୍ରତିଶ୍ରୁତି ଦେଇଥିଲା। ତେବେ ବିନା ପରାମର୍ଶରେ ଏଭଳି ସଂଶୋଧନକୁ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଗିଲ୍ଡ ବିସ୍ମୟ ପ୍ରକାଶ କରିଛି। ମନ୍ତ୍ରଣାଳୟ ଏଭଳି କଠୋର ନିୟମାବଳୀର ବିଜ୍ଞପ୍ତି ପ୍ରକାଶ କରିବା ଦୁଃଖଦାୟକ। ଉକ୍ତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିନେବା ସହ ଗଣମାଧ୍ୟମ ସଂଗଠନ ଓ ପ୍ରେସ୍ ସଂସ୍ଥାଗୁଡ଼ିକ ସହ ପରାମର୍ଶ କରିବା ଲାଗି ଏଡିଟର୍ସ ଗିଲ୍ଡ ମନ୍ତ୍ରଣାଳୟକୁ ନିବେଦନ କରିଛି।


**ଆଜିର ସମ୍ପାଦକୀୟ**

ଲାଟେରାଲ ଏଣ୍ଟ୍ରିର ସ୍ଥିତି


# ସତର୍କ ରହିବାକୁ ରାଜ୍ୟକୁ ପରାମର୍ଶ

**କେନ୍ଦ୍ରର କୋଭିଡ୍ ଚିନ୍ତା**

**କେରଳ, ମହାରାଷ୍ଟ୍ର, ଦିଲ୍ଲୀ, କର୍ନାଟକ, ହିମାଚଳ ପ୍ରଦେଶ, ତାମିଲନାଡୁ ଓ ହରିୟାଣାରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ନେଇ କେନ୍ଦ୍ର ସରକାର ତତ୍ପର ହୋଇଉଠିଛନ୍ତି। ବର୍ତ୍ତମାନ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ଟେଷ୍ଟିଂ ହାର ୧୦୦ ରହିଥିବାବେଳେ ଏହାକୁ ତତ୍କାଳ ବୃଦ୍ଧି କରିବା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଆର୍‌ଟି-ପିସିଆର୍ ଟେଷ୍ଟକୁ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।**

- **ଟେଷ୍ଟିଂ ବୃଦ୍ଧି, ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼କୁ ଗୁରୁତ୍ୱ**
- **ଆସନ୍ତା ସପ୍ତାହରେ ହସ୍ପିଟାଲଗୁଡ଼ିକରେ ମକ୍‌ଡ୍ରିଲ୍**

ନୂଆଦିଲ୍ଲୀ,୭।୪

ଦେଶରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ହସ୍ପିଟାଲଗୁଡ଼ିକରେ ଆସନ୍ତା ସପ୍ତାହରେ ମକ୍‌ଡ୍ରିଲ୍ କରାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏପ୍ରିଲ ୧୦ ଓ ୧୧ରେ ଏହି ମକ୍‌ଡ୍ରିଲ କରାଯିବ। ☞ପୃଷ୍ଠା-୪



## ଓଡ଼ିଶାରେ ୨୪ ଘଣ୍ଟାରେ ୧୦୪ ପଜିଟିଭ୍

ଭୁବନେଶ୍ୱର, ୭।୪(ବ୍ୟୁରୋ)

ରାଜ୍ୟରେ ପୁଣି ଥରେ କରୋନା ସଂକ୍ରମଣ ଉପରମୁହାଁ ହୋଇଛି। ଦୀର୍ଘ ମାସର ବ୍ୟବଧାନ ପରେ ସଂକ୍ରମଣ ୩ ଅଙ୍କ ଛୁଇଁଛି। ଗତ ୨୪ଘଣ୍ଟାରେ ରାଜ୍ୟରୁ ୧୦୪ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ୍ ସକ୍ରିୟ ସଂଖ୍ୟା ୪୨୯କୁ ବୃଦ୍ଧି ପାଇଛି। ରାଜ୍ୟରେ ୫ହଜାର ୫୨୬ଟି ସାମ୍ପଲ ଟେଷ୍ଟ କରାଯାଇଥିବାବେଳେ ସେଥିରୁ ୧୦୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବିଶେଷକରି ନବରଙ୍ଗପୁର ଜିଲା। ☞ପୃଷ୍ଠା-୪

# ସ୍କୁଲ ଫାଟକ ପଡ଼ି ଶିଶୁ ମୃତ

ଆଠଗଡ଼,୭।୪(ସ୍ୱ.ପ୍ର.)

କଟକ ଜିଲା ଆଠଗଡ଼ ବ୍ଲକ ଅନ୍ତର୍ଗତ ଆଙ୍କୁଲା ସତ୍ୟବାଦୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଫାଟକ ଭାଙ୍ଗି ପଡ଼ିଯିବାରୁ ଶୁକ୍ରବାର ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଆଙ୍କୁଲା ଗାଁର କାର୍ତ୍ତିକ ନାଏକଙ୍କ ପୁଅ ଟିକୁ (୭)। ଶୁକ୍ରବାର ଗୁଡ୍ ଫ୍ରାଇଡେ ପାଇଁ ବିଦ୍ୟାଳୟ ଛୁଟି ଥିଲା। କିନ୍ତୁ ବିଦ୍ୟାଳୟର ଗେଟ୍ ଖୋଲା ରହିଥିଲା। ସେଥିପାଇଁ ପିଲାମାନଙ୍କ ସହ ଟିକୁ ସେଠାକୁ ଖେଳିବାକୁ ଯାଇଥିଲେ। ସ୍କୁଲ ପରିସରରେ ଖେଳିସାରି ଅପରାହ୍ନରେ ଘରକୁ ଫେରୁଥିବାବେଳେ ☞ପୃଷ୍ଠା-୪







**ପୋଲ ଭୁଶୁଡ଼ିବା ଘଟଣାରେ ୩ ଯନ୍ତ୍ରୀ ସସ୍‌ପେଣ୍ଡ**

କେନ୍ଦ୍ରାପଡ଼ା ଅଫିସ: କେନ୍ଦ୍ରାପଡ଼ା ସହରର ବାଇପାସ୍ ରୋଡ୍ ନିର୍ମାଣ ସମୟରେ ମାର୍ଚ୍ଚ ୧୫ରେ ପୋଲ ଗାର୍ଡ ୱାଲ ଭୁଶୁଡ଼ି ପଡ଼ିଥିଲା। ଏହି ଘଟଣାରେ ପୂର୍ବରୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ବେହେରାଙ୍କୁ ବଦଳି କରାଯାଇଥିଲା। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ବେହେରାଙ୍କ ସମେତ ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି ଓ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ସାମଲଙ୍କୁ କାର୍ଯ୍ୟରୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ୩ ଅଧିକାରୀଙ୍କ ଦରମା ବନ୍ଦ ହୋଇଥିବା ସୂଚନା ମିଳିଛି। ଅପରପକ୍ଷରେ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ହୋଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଆଲୋଚନା ଜାରି ରହିଛି।




# ମାନବ ସମ୍ବଳକୁ ମୂଲ୍ୟଯୁକ୍ତ କରାଯିବା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ

## ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩କୁ ନେଇ କର୍ଟେନ ରେଜର୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ପ୍ରତ୍ୟେକ ଜିନିଷକୁ ମୂଲ୍ୟଯୁକ୍ତ କରିବା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। ଏହି କ୍ରମରେ ନୂତନ ଭାରତର ଅଭିବୃଦ୍ଧି ନିମନ୍ତେ ମାନବ ସମ୍ବଳକୁ ମୂଲ୍ୟଯୁକ୍ତ କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି । ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଆନୁକୂଲ୍ୟରେ ଚଳିତ ମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩କୁ ନେଇ ଗୁରୁବାର ନୂଆଦିଲ୍ଲୀଠାରେ କର୍ଟେନ ରେଜର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ମନ୍ତ୍ରୀ ଘଡ଼େଇ କହିଛନ୍ତି, ରାଜ୍ୟରେ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ ଆୟୋଜନ କରି ଆମେ ଆନନ୍ଦିତ। ଏହି କନ୍‌କ୍ଲେଭର ଉଦ୍ଦେଶ୍ୟ ହେଉଛି ଯୁବପିଢ଼ିଙ୍କ ଆତ୍ମବିଶ୍ୱାସକୁ ଉତ୍ସାହିତ କରିବା। ସେମାନଙ୍କ ଭବିଷ୍ୟତକୁ ଆଗକୁ ନେବାରେ ସାହାଯ୍ୟ କରିବା। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଛନ୍ତି, ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ନିକଟରେ ଆମେ କୃତଜ୍ଞ, ଯାହା ଆମକୁ ଓଡ଼ିଶାରୁ କୁଶଳୀ ଶ୍ରମିକଙ୍କ ଅପାର ସମ୍ଭାବନା ପ୍ରଦର୍ଶନ କରିବାରେ ସାହାଯ୍ୟ କରିଛି। ଓଡ଼ିଶାରେ ସ୍କିଲ୍ ଇକୋସିଷ୍ଟମ୍ ପ୍ରତି ଜାତୀୟ ତଥା ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଦକ୍ଷତା ସୃଷ୍ଟି ହୋଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, କୁଶଳୀ ଶ୍ରମିକମାନଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ଚାହିଦା ରହିଛି ଏବଂ ଆମେ କର୍ମଜୀବୀ ଗଠନ ଦିଗରେ କାର୍ଯ୍ୟ କରୁଛୁ ଯାହା କ୍ଷେତ୍ରଗୁଡ଼ିକରେ ଥିବା ଚାହିଦାକୁ ପୂରଣ କରିପାରିବ। ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ ଅତୁଲ ତିୱାରୀ କହିଛନ୍ତି, ସମଗ୍ର ବିଶ୍ୱରେ ଦକ୍ଷତା ଉପରେ ଧ୍ୟାନ ଦିଆଯାଉଛି। ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ ଏକ ଗୁରୁତ୍ୱପୂର୍ଣ୍ଣ ଅବସର, ଯାହା ରାଜ୍ୟର ସଫଳତା ପାଇଁ ଏକ ମାଇଲଖୁଣ୍ଟ ସଦୃଶ। କାର୍ଯ୍ୟକ୍ରମରେ ଓଡ଼ିଶାର ୱାର୍ଲଡ ସ୍କିଲ୍‌ଡ ସେଣ୍ଟରର ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା।

### ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩ ପାଇଁ ଭୂମିପୂଜନ

ଦେଶର ଯୁବକଙ୍କୁ ଉତ୍କର୍ଷ ଏବଂ ସ୍ଥାୟୀ ଦକ୍ଷତା ବିକାଶ ଦିଗରେ ମାର୍ଗଦର୍ଶନ ଦେବା ଲାଗି ଚଳିତ ଏପ୍ରିଲ ୨୦ରୁ ସ୍କିଲ୍‌ଡ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୩ର ଆୟୋଜନ କରାଯାଉଛି। ଏଥିନିମନ୍ତେ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଭୂମିପୂଜା କରାଯାଇ ସମ୍ମିଳନୀ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କନ୍‌କ୍ଲେଭସ୍ଥଳ ପରିଦର୍ଶନ କରି ଲେଆଉଟ ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। କନ୍‌କ୍ଲେଭ ପାଇଁ ଆସନ୍ତା ୧୧ ତାରିଖରେ ଭୁବନେଶ୍ୱରରେ କର୍ଟେନ ରେଜର ଅନୁଷ୍ଠିତ ହେବ। କନ୍‌କ୍ଲେଭରେ ପ୍ରମୁଖ ଶିଳ୍ପ ସଂସ୍ଥା, ଆଇଆଇଟି, ଡିପ୍ଲୋମା, ପଲିଟେକନିକ୍ ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ରୀ ଓ ଯୁବକଙ୍କ ସମେତ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଯୋଗଦେବେ। ସିଙ୍ଗାପୁରରୁ ୨୫ ଜଣ ଛାତ୍ରୀଛାତ୍ରଙ୍କ ସମେତ ଫାକଲ୍‌ଟିମାନେ ଯୋଗଦେଇ ଭାବ ଆଦାନପ୍ରଦାନ ସହ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ୫-ଟି ବିଦ୍ୟାଳୟ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

# ସାଇବର ଠକେଇର ଶିକାର ସ୍ତ୍ରୀଙ୍କୁ ତଲାକ୍ ଦେଲେ ସ୍ୱାମୀ

**ଡେରାବିଶ,୭।୪(ସ୍ୱ.ପ୍ର.)**

ସାଇବର ଠକେଇର ଶିକାର ହୋଇଥିବା ଜଣେ ମହିଳାଙ୍କୁ ତଲାକ ଦେଇଛନ୍ତି ସ୍ୱାମୀ। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ବାବୁରାମପାଟଣା ଗାଁରେ ଏହି ଘଟଣା ଘଟିଛି। ଗାଁର ଶେଖ୍ ରାଜିଦଙ୍କ ସ୍ତ୍ରୀ ଜମରୁନ୍ ବିବି ସାଇବର ଠକେଇର ଶିକାର ହୋଇ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ୱାମୀ ରାଜିଦ୍ ତଲାକ୍ ଦେବା ପରେ ଜମରୁନ ଭରଣପୋଷଣ ପାଇଁ ଥାନାରେ ପୁଣି ଏକ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜିଦ ରାଜ୍ୟ ବାହାରେ ଚାକିରି କରନ୍ତି। କିଛି ମାସ ପୂର୍ବରୁ ଜମରୁନଙ୍କ ଫେସ୍‌ବୁକ୍ ଆକାଉଣ୍ଟକୁ ରବି ଶର୍ମା ନାମକ ଜଣେ ବ୍ୟକ୍ତି ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ। ଜମରୁନ ଏହି ତାହାକୁ ଗ୍ରହଣ କରିଥିଲେ। ଫେସ୍‌ବୁକ୍‌ରେ ଚାଟିଂରୁ ରବି ଏବଂ ଜମରୁନ୍‌ଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା। ଜମରୁନଙ୍କୁ ଆଇଫୋନ୍, ସୁନାହାର, ଫ୍ରିଜ୍ ଆଦି ସାମଗ୍ରୀ ଗିଫ୍ଟ ଦେବାକୁ ରବି କହିଥିଲେ। ହେଲେ ଏହି ସାମଗ୍ରୀଗୁଡ଼ିକର ଦାମ୍ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବାରୁ ଇନ୍‌କମ୍ ଟ୍ୟାକ୍ସ ଓ କୋରିୟର ଚାର୍ଜ ବାବଦରେ ୧ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଉକ୍ତ ଟଙ୍କା ତାଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ରବି ଜମରୁନ୍‌ଙ୍କୁ କହିଥିଲେ। ଏଥିରେ ଜମରୁନ୍ ରାଜି ହୋଇ ରବି ଓ ତାଙ୍କ ସହଯୋଗୀ ଆଶିଷ ପାଣ୍ଡେଙ୍କ ପେଟିଏମ୍ ଓ ଆକାଉଣ୍ଟକୁ ୧ଲକ୍ଷ ୭୦ ହଜାର ଟଙ୍କା ପଠାଇଥିଲେ। ଟଙ୍କା ପଠାଇବାର ଦୀର୍ଘଦିନ ପରେ ମଧ୍ୟ ଗିଫ୍ଟ ନ ଆସିବାରୁ ଜମରୁନଙ୍କ ସନ୍ଦେହ ହୋଇଥିଲା। ସେ ଯୋଗାଯୋଗ କରିବାରୁ ରବି ଆହୁରି ୫ ହଜାର ଟଙ୍କା ମାଗିଥିଲେ। ରବି ତାଙ୍କୁ ଠକି ଦେଇଥିବା ଅନୁଭବ କରି ଜମରୁନ ପ୍ରଥମେ ଗତ ମାର୍ଚ୍ଚ ୧୦ରେ କ୍ରାଇମବ୍ରାଞ୍ଚକୁ ଚିଠି ମାଧ୍ୟମରେ ଅଭିଯୋଗ କରିଥିଲେ। କାର୍ଯ୍ୟାଳୟ ଆସି ଅଭିଯୋଗ କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା। ତେବେ ସେ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ଯାଇ ନ ପାରି କେନ୍ଦ୍ରାପଡ଼ା ସଦର ଥାନାରେ ଗତ ମାର୍ଚ୍ଚ ୧୩ରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୪୭/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସ୍ୱାମୀ ରାଜିଦ୍ ସମସ୍ତ ବିଷୟ ଜାଣିବା ପରେ ଜମରୁନ୍‌ଙ୍କ ଉପରେ ବିରକ୍ତ ହେବା ସହ ତାଙ୍କୁ ଗତ ୧ ତାରିଖରେ ତଲାକ୍ ଦେଇ ସମ୍ପର୍କ ତୁଟାଇ ଦେଇଛନ୍ତି। ଏ ନେଇ ଜମରୁନ୍ ଭରଣପୋଷଣ ଦାବି କରି ଗତ ୫ ତାରିଖରେ ସଦର ଥାନାରେ ରାଜିଦ୍‌ଙ୍କ ବିରୋଧରେ ଆଉ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୬ ତାରିଖରେ ୩୦୦/୨୩ ନମ୍ବରରେ ମାମଲା ରୁଜୁ କରିଛି। ଜମରୁନ୍ ଅଭିଯୋଗରେ ଦର୍ଶାଇଛନ୍ତି, ରାଜିଦ୍ ଦୀର୍ଘବର୍ଷ ହେବ ତାଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି। ତାଙ୍କର ୧୩, ୧୪ ବର୍ଷର ୨ଟି ପୁଅ ଓ ୫, ୭ ବର୍ଷର ୨ଟି ଝିଅଙ୍କୁ କିପରି ପ୍ରତିପୋଷଣ କରିବେ ବୋଲି ସେ କହିଛନ୍ତି। ସାଇବର ଠକାମି ସମ୍ପର୍କରେ ଜମରୁନ କହିଛନ୍ତି, ଅଧିକ ଟଙ୍କାର ଗିଫ୍ଟ ଆଶାରେ ସେ ନିଜ ଭଉଣୀ ଓ ଅନ୍ୟ ସମ୍ପର୍କୀୟଙ୍କଠାରୁ ଧାରକରଜ କରି ୧ଲକ୍ଷ ୭୦ ହଜାର ଟଙ୍କା ଡିପୋଜିଟ୍ କରିଛନ୍ତି। ଘର ଚଳିବା ପାଇଁ ଏପରିକି ପିଲାଙ୍କ ପାଠ ପଢ଼ିବାକୁ ସ୍ୱାମୀ କେବେ ବି ଘରକୁ ଟଙ୍କାଟିଏ ଦେଉ ନ ଥିଲେ। କୌଣସି ଆଲୋଚନା ନ କରି ଘଟଣା ସମ୍ପର୍କରେ ନ ବୁଝି, ତାଙ୍କୁ ତଲାକ୍ ଦେବା ଫଳରେ ୪ ଛୁଆଙ୍କୁ ଧରି ନିଜ ବାପଘରେ ଆଶ୍ରୟ ନେଇଛନ୍ତି ବୋଲି ସେ କହିଛନ୍ତି।


ଜମରୁନ୍ ବିବି

# ଭାରତର 'ସପ୍ତ ମୋକ୍ଷ ପୁରୀ' ମଧ୍ୟରେ ଓଡ଼ିଶାର ପୁରୀ

**ନୂଆଦିଲ୍ଲୀ, ୭।୪**

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ପ୍ରଚାର ପ୍ରସାର କରାଯାଉଥିବା ଦେଶର ୭ ମୋକ୍ଷ କ୍ଷେତ୍ର (ସପ୍ତ ମୋକ୍ଷ ପୁରୀ) ମଧ୍ୟରେ ଓଡ଼ିଶାର ପୁରୀ ସ୍ଥାନ ପାଇଛି। ଅନ୍ୟ କ୍ଷେତ୍ରଗୁଡ଼ିକ ହେଲା ଅଯୋଧ୍ୟା, ମଥୁରା, ହରିଦ୍ୱାର, ବାରାଣସୀ, ଉଜ୍ଜୟିନୀ ଏବଂ ଦ୍ୱାରକା। ପର୍ଯ୍ୟଟନ ଓ ତୀର୍ଥଯାତ୍ରାକୁ ପ୍ରୋତ୍ସାହିତ କରିବାରେ ଏହା ସହାୟକ ହେବ। ସପ୍ତ ମୋକ୍ଷ ପୁରୀର ପ୍ରଚାର ପ୍ରସାର କେବଳ ଦେଶ ଭିତରେ ନୁହେଁ ବିଦେଶ ବଜାରରେ ମଧ୍ୟ ଇଲେକ୍ଟ୍ରୋନିକ, ଛାପା ଓ ଡିଜିଟାଲ ଗଣମାଧ୍ୟମରେ କରାଯାଉଥିବା ମନ୍ତ୍ରଣାଳୟ କହିଛି। ପର୍ଯ୍ୟଟନ ମନ୍ତ୍ରଣାଳୟ ୱେବ୍‌ସାଇଟ ଏବଂ ସୋସିଆଲ ମିଡିଆ ହ୍ୟାଣ୍ଡଲ ଜରିଆରେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ଓ ଉତ୍ପାଦଗୁଡ଼ିକର ପ୍ରଚାର ପ୍ରସାର ହେଉଛି। ଚିହ୍ନଟ ତୀର୍ଥସ୍ଥଳ ଓ ଐତିହ୍ୟ ସ୍ଥାନଗୁଡ଼ିକର ସମନ୍ୱିତ ବିକାଶ ଲକ୍ଷ୍ୟରେ କେନ୍ଦ୍ର ସରକାର ପର୍ଯ୍ୟଟନ କାୟାକଳ୍ପ ଏବଂ ଆଧ୍ୟାତ୍ମିକ, ଐତିହ୍ୟ ବୃଦ୍ଧି ଅଭିଯାନ ଜାତୀୟ ମିଶନ (ପ୍ରସାଦ) ଯୋଜନାରେ ଏଥିପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ସେହିପରି ସ୍ୱଦେଶ ଦର୍ଶନ ଯୋଜନାରେ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ଆର୍ଥିକ ସହାୟତା ଯୋଗାଇଦେଉଛି। ଯୋଜନା ଗାଇଡ୍‌ଲାଇନ ଅନୁଯାୟୀ ପୂର୍ବ ଅନୁଦାନର ବିନିଯୋଗ ପତ୍ର ଏବଂ ଉପଯୁକ୍ତ ପ୍ରୋଜେକ୍ଟ ରିପୋର୍ଟ ଦାଖଲ କରିବା ପରେ ପାଣ୍ଠି ମଞ୍ଜୁର ହୋଇଥାଏ ବୋଲି ମନ୍ତ୍ରଣାଳୟ କହିଛି।






# ସୋନିର ନ୍ୟୁ ଆଲ୍‌ଫା ୭ ଆର୍ ଭି କ୍ୟାମେରା



ଭୁବନେଶ୍ୱର,୭।୪

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଲ୍‌ଫା ୭ଆର୍ ଭି କ୍ୟାମେରାର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ନିକଟରେ ବ୍ରାଣ୍ଡର ଆଲ୍‌ଫା ସିରିଜ ତଥା ନୂତନ ଇଣ୍ଟେଲିଜେନ୍ସ କ୍ୟାମେରାର ବଜାର ପ୍ରବେଶ ମଧ୍ୟ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଓଡ଼ିଶା ବଜାର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ନ୍ୟୁ ଆଲ୍‌ଫା ୭ ଆର୍ ଭି କ୍ୟାମେରା ମଡେଲର ଅନାବରଣ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି ଅବସରରେ ସୋନି ଇଣ୍ଡିଆର ଓଡ଼ିଶା ଶାଖା ମୁଖ୍ୟ ସି.ପି. ଓଝା, ଏଏସ୍‌ଏମ୍ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ଅଭିଷେକ ପୋଦ୍ଦାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସୋନି ଆଲ୍‌ଫା ୭ଆର୍ ଭି ମଡେଲ ସର୍ବୋଚ୍ଚ ରିଜୋଲ୍ୟୁସନ ଇମେଜ୍ ସେନ୍ସରକୁ ଏକ ନୂତନ ଏଆଇ ପ୍ରୋସେସିଂ ୟୁନିଟ୍ ସହ ସଂଯୋଗ କରିଥାଏ। ଏପରିକି ସୋନି ଆଲ୍‌ଫା ୭ଆର୍ ଭି କୌଣସି ଆଲ୍‌ଫା କ୍ୟାମେରାରେ ୬୧ ଏମ୍‌ପି ଫୁଲ୍ ଫ୍ରେମ୍ ସହ ୮ ଷ୍ଟେପ୍ ଇମେଜ୍ ସ୍ଥିରତା ପ୍ରଣାଳୀ ପ୍ରଦାନ କରିଥାଏ। ବିଶେଷକରି ସଂଶୋଧିତ ୧୬-ବିଟ୍ ର ଏଚ୍‌ଡିଏମ୍‌ଆଇ ଏବଂ ଆଇଏସ୍‌ଓ୧୦୨୪୦୦ ଓ ୧୦ ଏଫ୍‌ପିଏସ୍, ୱାଇଫାଇ, ହାଇ-ସ୍ପିଡ୍ କମ୍ୟୁନିକେଶନ ଫଙ୍କସନ, ଉଚ୍ଚସ୍ତରୀୟ ଅପରେବିଲିଟି ସହିତ ସ୍ମୁଥ୍ ୱାର୍କ ଫ୍ଲୋ ଇଣ୍ଟିଗ୍ରେଶନ ପ୍ରଦାନ କରୁଛି ବୋଲି ସୋନି ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବରିଷ୍ଠ ଫଟୋଗ୍ରାଫର ଓ ୫୦ରୁ ଅଧିକ ଗ୍ରାହକ ଏବଂ ସୋନିର ଓଡ଼ିଶା ଶାଖା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମାରୁତି ସୁଜୁକି ଜିମ୍‌ନୀର ଅନାବରଣ

ଭୁବନେଶ୍ୱର,୭।୪




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ଜିମ୍‌ନୀର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ମାରୁତି ସୁଜୁକିର ପ୍ରିମିୟମ ରିଟେଲ ନେଟ୍‌ୱର୍କ ନେକ୍ସା ଜରିଆରେ ନ୍ୟୁ ଜିମ୍‌ନୀର ଦେଶବ୍ୟାପୀ ବିକ୍ରି କରାଯିବ। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ଟ୍ୱିନ୍ ସିଟି ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନ୍ୟୁ ଜିମ୍‌ନୀର ଅନାବରଣ ହୋଇଥିଲା। ଏହି ଅବସରରେ ମାରୁତି ସୁଜୁକି ନେକ୍ସାର ଟେରିଟୋରି ସେଲ୍‌ସ ମ୍ୟାନେଜର ଅନୁଭବ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କାଏ ଅଟୋମୋବାଇଲ୍ସର ମ୍ୟାନେଜିଂ ପାର୍ଟନର ତଥା ସିଇଓ ଅବିନାଶ ସିଂଘାନିଆଙ୍କ ସମେତ ଭାରତୀୟ ଷ୍ଟେଟବ୍ୟାଙ୍କ (ଏସ୍‌ବିଆଇ)ର ସେଲ୍‌ସ ମ୍ୟାନେଜର ନଳିନିକାନ୍ତ ପୁହାନ୍, ଏସ୍‌ବିଆଇ ରାଜ୍ୟ ମୁଖ୍ୟ ସତ୍ୟନାରାୟଣ ନନ୍ଦ, ନେକ୍ସା ଶୋ'ରୁମ୍ ସେଲ୍‌ସ ମ୍ୟାନେଜର ପରେଶ ପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ନ୍ୟୁ ଜିମ୍‌ନୀ ୨ଟି ଭାରିଆଣ୍ଟ ଜେଟା ଓ ଆଲ୍‌ଫା ସହ ୭ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ଏଥିରେ ଅନେକ ବୈଶିଷ୍ଟ୍ୟ ସହ ଆକର୍ଷଣୀୟ ଫିଚର ଅନ୍ତର୍ଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ଉକ୍ତ ମଡେଲ ଯାହା ଏକ ଅଫ୍-ରୋଡ୍ ମେଶିନର ୪ଟି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯଥା ଲ୍ୟାଡର୍ ଫ୍ରେମ୍ ଚେସିସ୍, ଆମ୍ପଲ୍ ବଡି ଆଙ୍ଗେଲ୍, ୩-ଲିଙ୍କ୍ ରିଜିଡ୍ ଆକ୍ସେଲ୍ ସସ୍‌ପେନ୍‌ସନ ଓ ଲୋ ରେଞ୍ଜ ଟ୍ରାନ୍ସଫର ଗିୟର (୪ଏଲ୍ ମୋଡ୍) ୟୁନିଟ୍ ସହିତ ଅଲ୍ ଗ୍ରିପ୍ ପ୍ରୋ (୪ଡବ୍ଲ୍ୟୁଡି) ପ୍ରଦାନ କରୁଛି, ଯାହା ଏକ ୫-ସ୍ପିଡ୍ ଏମ୍‌ଟି ଓ ୪-ସ୍ପିଡ୍ ଏଟି ସହ ସଂଯୋଜିତ ହେବ। ଏପରିକି କମ୍ପାନୀ ଉକ୍ତ ମଡେଲ ଉନ୍ନତ ଷ୍ଟପ୍ ଷ୍ଟାର୍ଟ ଫିଚର ଓ ୧.୫ ଲିଟର କେ୧୫ବି ଇଞ୍ଜିନ ସହିତ ଆସୁଥିବା ବେଳେ ଇନ୍ଧନ ଦକ୍ଷତା ଉପରେ ସାଲିସ ନ କରି ଶକ୍ତିଶାଳୀ ପ୍ରଦର୍ଶନ ପାଇଁ ଏକ ବିସ୍ତୃତ ଆର୍‌ପିଏମ୍ ରେଞ୍ଜରେ ଶକ୍ତିଶାଳୀ ଟର୍କ ପ୍ରଦାନ କରୁଛି। ସୂଚନାଯୋଗ୍ୟ, ଓଡ଼ିଶାର ବହୁ ପୁରାତନ ମାରୁତି ଡିଲରଶିପ୍ ସ୍କାଏ ଅଟୋମୋବାଇଲ୍ସର ନ୍ୟୁ ବ୍ରାଣ୍ଡ ନେକ୍ସା ଟ୍ୱିନ୍‌ସିଟି ଭୁବନେଶ୍ୱର ଠାରେ ଆସନ୍ତା ୨ ଦିନ ପାଇଁ ନ୍ୟୁ ଜିମ୍‌ନୀର ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବ।

# ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର କଲେକ୍ସନ 'ଥାଞ୍ଜାଭୁର'




ଭୁବନେଶ୍ୱର,୭।୪

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ମାଜେଷ୍ଟିକ ଥାଞ୍ଜାଭୁର'ର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଚଳିତ ବର୍ଷର ଅକ୍ଷୟ ତୃତୀୟା ପାଇଁ ଏଭଳି ଏକ ଆକର୍ଷଣୀୟ କଲେକ୍ସନ 'ଥାଞ୍ଜାଭୁର'ର ବଜାର ପ୍ରବେଶ କରାଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଚଳିତ ବର୍ଷର ଅକ୍ଷୟ ତୃତୀୟା ପାଇଁ ଆମେ ସାରା ଭାରତରେ ଥାଞ୍ଜାଭୁର କଲେକ୍ସନ ବଜାର ପ୍ରବେଶ କରାଇଥିବାରୁ ଅତ୍ୟନ୍ତ ଆନନ୍ଦିତ। ବିଶେଷକରି ତାମିଲନାଡୁର ଥାଞ୍ଜାଭୁରର ସମୃଦ୍ଧ ଐତିହ୍ୟକୁ ଏହା ବହନ କରିଥାଏ। ଆମର ଥିମାଟିକ୍ ଜୁଏଲେରି କଲେକ୍ସନ ଭାରତର ବ୍ୟାପକ ସଂସ୍କୃତିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏପରିକି ସିଜନ୍ ୭.୦ର ଶୁଭାରମ୍ଭ ସହ ଏହି ଧାରାକୁ ଅବ୍ୟାହତ ରଖିଥିବାରୁ ଅତ୍ୟନ୍ତ ଆନନ୍ଦିତ। ସେହିଭଳି ଗ୍ରାହକମାନେ ଆମର ଉତ୍କୃଷ୍ଟ କାରିଗରିକୁ ସର୍ବଦା ପସନ୍ଦ କରି ଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି କଲେକ୍ସନ ରିଲାଏନ୍ସ ଜୁଏଲ୍ସର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଛି। ଏପରିକି ରିଲାଏନ୍ସ ଜୁଏଲ୍ସର କ୍ୟାମ୍ପେନ ଅବଧି ୨୦୨୩ ଏପ୍ରିଲ ୨୪ ପର୍ଯ୍ୟନ୍ତ ରହିଛି। ଏହି ସମୟ ମଧ୍ୟରେ ସୁନାଗହଣାର ଗଢ଼ା ମଜୁରି ଉପରେ ଓ ଡାଏମଣ୍ଡ ଜୁଏଲେରି ଇନ୍‌ଭଏସ୍ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି।

# ବିଶ୍ୱଶ୍ରେଣୀୟ ଷ୍ଟିଲ୍ ଉତ୍ପାଦନ ଲକ୍ଷ୍ୟ


ଅଭ୍ୟୁଦୟ ଜିନ୍ଦଲ

ଭୁବନେଶ୍ୱର,୭।୪

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍ (ଜେଏସ୍‌ଏଲ୍)ର ବାଣିଜ୍ୟିକ କାର୍ଯ୍ୟକଳାପକୁ ନେଇ କ୍ରିସିଲ ଏଏ ରେଟିଂ ପଜିଟିଭକୁ ବୃଦ୍ଧି କରାଇଛି। ଏହି ସମୟରେ ସ୍ୱଳ୍ପକାଳୀନ ବ୍ୟାଙ୍କ ସୁବିଧା ଉପରେ ମୂଲ୍ୟାୟନ କ୍ରିସିଲ ଏ୧+ରେ ପୁନଃ ପ୍ରମାଣିତ ହୋଇଛି। ଏପରିକି କମ୍ପାନୀର ଉନ୍ନତ ବ୍ୟବସାୟ ଉପରେ ସକାରାତ୍ମକ ପ୍ରଭାବ ମଧ୍ୟ ଏଥିରୁ ସ୍ପଷ୍ଟ ହୋଇଛି। ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏକ ସ୍ଥାୟୀ ଇକୋ ସିଷ୍ଟମ ଉପରେ ଆମର ଧ୍ୟାନ କେନ୍ଦ୍ରିତ ରହିଛି। ଏହା ସହ ବର୍ଦ୍ଧିତ ଷ୍ଟିଲ୍‌ର ଚାହିଦା ପୂରଣ ଲାଗି ଆମେ ବିଶ୍ୱଶ୍ରେଣୀୟ ଷ୍ଟିଲ୍ ଉତ୍ପାଦନ ଲକ୍ଷ୍ୟରେ ନିଜର ପ୍ରୟାସକୁ ଜାରି ରଖିବାକୁ ଚାହୁଁଛୁ। ସେହିଭଳି କ୍ରିସିଲ ରେଟିଂ ଦ୍ୱାରା ନବୀକରଣ ହୋଇଥିବା ଦୃଷ୍ଟିକୋଣ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଦୃଢ଼ ବ୍ୟବସାୟ ମୌଳିକତା ଓ ପରିବେଶ ତଥା ସାମାଜିକ କୁପ୍ରଭାବକୁ ହ୍ରାସ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ।

# ଜି-୨୦ ପର୍ଯ୍ୟଟନ ବୈଠକରେ ଯୋଗଦେବେ ଜେ.କେ. ମହାନ୍ତି

ଭୁବନେଶ୍ୱର,୭।୪

ଚଳିତ ବର୍ଷ ସମ୍ମାନଜନକ ଜି-୨୦ ସମ୍ମିଳନୀ ଭାରତରେ ହେବାକୁ ଯାଉଛି। ଏପରିକି ଉକ୍ତ ସମ୍ମିଳନୀରେ ଭାରତ ଅଧ୍ୟକ୍ଷତା କରୁଥିବା ବେଳେ କେନ୍ଦ୍ର ସରକାର ଅନେକ ପ୍ରକାର କାର୍ଯ୍ୟକ୍ରମ ମଧ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି)ର ମିଳିତ ସହଯୋଗରେ ଏକ ୩ ଦିନିଆ ଜି-୨୦ ପର୍ଯ୍ୟଟନ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ସେହିଭଳି ଚଳିତ ବର୍ଷ ଏପ୍ରିଲ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରଠାରେ ଜି-୨୦ ପର୍ଯ୍ୟଟନ ସମ୍ମିଳନୀ ସହିତ ଗ୍ରେଟ୍ ଇଣ୍ଡିଆନ ଟ୍ରାଭେଲ ବଜାର(ଜିଆଇଟିବି) ମଧ୍ୟ ଆୟୋଜିତ ହେବ। ଏପରିକି ଉକ୍ତ ସମ୍ମିଳନୀରେ ଜି-୨୦ ସମେତ ୫୫ ଦେଶରୁ ୨୮୦ରୁ ଊର୍ଦ୍ଧ୍ୱ ବିଦେଶୀ ଟୁର୍ ଅପରେଟର ଯୋଗଦେଇ ଭାରତୀୟ ପ୍ରଦର୍ଶନକାରୀମାନଙ୍କ ସହ ମତ ବିନିମୟ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଉକ୍ତ ସମ୍ମିଳନୀରେ ଏକାଧିକ କାର୍ଯ୍ୟକ୍ରମ ରହିଛି। ବିଶେଷ କରି ପର୍ଯ୍ୟଟନର ବିକାଶ ଦିଗରେ ବିଭିନ୍ନ ପଦକ୍ଷେପ ସହ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବ। ଅପରପକ୍ଷରେ ଉକ୍ତ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଆୟୋଜିତ ପ୍ୟାନେଲ ଆଲୋଚନାଚକ୍ର ଜୟପୁରର ରାମବାଗ ପ୍ୟାଲେସ୍‌ରେ ହେବ। ଉକ୍ତ ଆଲୋଚନା ଚକ୍ରରେ ଫିକି ପର୍ଯ୍ୟଟନ କମିଟିର ସହ ଅଧ୍ୟକ୍ଷ ତଥା ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଜେ.କେ. ମହାନ୍ତି ବକ୍ତାଭାବେ ଯୋଗଦେବା ପାଇଁ ଆୟୋଜକଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଏପରିକି ଉକ୍ତ ସମ୍ମିଳନୀ ବୈଠକରେ ପର୍ଯ୍ୟଟନ ଓ ଆତିଥେୟତା ଶିଳ୍ପ ସହ ଜଡ଼ିତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମେତ ଅଭିଜ୍ଞ ବିଶେଷଜ୍ଞମାନେ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ, ଦେଶର ପର୍ଯ୍ୟଟନ ଶିଳ୍ପର ବିକାଶ ଦିଗରେ ଉକ୍ତ ସମ୍ମିଳନୀ ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ଜେ.କେ. ମହାନ୍ତି ମତପ୍ରକାଶ କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୮ ଏପ୍ରିଲ, ୨୦୨୩

ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା



# ଲାଟେରାଲ ଏଣ୍ଟ୍ରିର ସ୍ଥିତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ୨୦୧୮ରେ ମୋଦି ସରକାର ବହୁ ପ୍ରତୀକ୍ଷିତ ପ୍ରୋଗ୍ରାମ ଲାଟେରାଲ ଏଣ୍ଟ୍ରି (ବାହାର କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣି ସରକାରରେ ପ୍ରବେଶ କରାଇବା) ଆରମ୍ଭ କରିଥିଲେ। ସରକାରୀ ବ୍ୟବସ୍ଥାଗୁଡ଼ିକରେ ନୂଆ ଦୃଷ୍ଟିକୋଣ, ବିଶେଷଜ୍ଞତା ଓ ଦକ୍ଷତା ଆଣିବା ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହା ଏବେ ଚମକ ହରାଇବା ଲକ୍ଷ୍ୟ କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ଫାଇନାନ୍ସିଆଲ ସର୍ଭିସ ବିଭାଗର ଯୁଗ୍ମ ସଚିବ ସୌରଭ ମିଶ୍ର ଥିଲେ ପ୍ରଥମ ପର୍ଯ୍ୟାୟ ଲାଟେରାଲ ଏଣ୍ଟ୍ରିର ୬ଜଣଙ୍କ ମଧ୍ୟରୁ ଜଣେ। ଗତ ବର୍ଷ ଅଗଷ୍ଟରେ ତାଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି କରାଯାଇଥିଲେ ବି ସେ ଏବେ ପଦ ଛାଡୁଥିବା କୁହାଯାଉଛି। ସେ ପଦ ଛାଡ଼ିବା ପରେ ଲାଟେରାଲ ଏଣ୍ଟ୍ରିର ଆଉ ମାତ୍ର ୫ ଜଣ ଅଛନ୍ତି। ସେମାନେ ହେଉଛନ୍ତି ରାଜୀବ ସକ୍‌ସେନା (ଡିଇଏ), ଡି.ଡି.ଜଗଦଲେ (ଏମ୍‌ଏନ୍‌ଆର୍‌ଇ) ସୁଜିତ କୁମାର ବାଜପେୟୀ (ଏମ୍‌ଓଇଏଫ୍‌), ସୁମନ ପ୍ରସାଦ ସିଂ (ସଡ଼କ ପରିବହନ) ଏବଂ ଭୂଷଣ କୁମାର (ଶିପିଂ)। କେତେଜଣ ପର୍ଯ୍ୟବେକ୍ଷକ ବିଶ୍ୱାସ କରନ୍ତି ଯେ, କର୍ପୋରେଟ ଜଗତର ପ୍ରଲୋଭନ ପାଇଁ ମିଶ୍ର ପଦବୀ ଛାଡିଛନ୍ତି। କିନ୍ତୁ ଆଉ କେତେକେ ଭାବୁଛନ୍ତି, ମିଶ୍ର ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ୍ ଡେଭଲପ୍‌ମେଣ୍ଟ ଅଫ୍ ଇଣ୍ଡିଆ (ଆଇଆର୍‌ଡିଏଆଇ)ରେ ଆଜୀବନ ସଦସ୍ୟ ଭାବେ ଯୋଗଦେବେ। ଏହା ସ୍ପଷ୍ଟ ଯେ, ସରକାରରେ ଲାଟେରାଲ ଏଣ୍ଟ୍ରି କଠିନ ତଥା ବିପରୀତ ସ୍ଥିତିର ସମ୍ମୁଖୀନ ହେଉଛି। ଏବକାର ଅମଲାତନ୍ତ୍ରରୁ ଏହାକୁ ବିରୋଧ କରାଯାଉଛି। ଏହାର କାରଣ ହେଉଛି, ବହୁସମୟରେ ଲାଟେରାଲ ଏଣ୍ଟ୍ରିରେ ନିଯୁକ୍ତ ଅଧିକାରୀମାନଙ୍କ ଉପରେ ଏହା ବିଶ୍ୱାସ କରିପାରୁନାହିଁ କି ସେମାନଙ୍କୁ ଗ୍ରହଣ କରିପାରୁନାହିଁ। କେତେଜଣ ବାବୁ ବି ଲାଟେରାଲ ଏଣ୍ଟ୍ରିର ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିଷ୍ପକ୍ଷତାର ଅଭାବକୁ ନେଇ ସମାଲୋଚନା କରିଛନ୍ତି। ଏବେ ମିଶ୍ରଙ୍କ ପଦତ୍ୟାଗ ପରେ ସରକାର ଏହିସବୁ ଆହ୍ୱାନ ଓ ବାଧାଗୁଡ଼ିକୁ ସମାଧାନ କରିବା ପାଇଁ ଅଧିକ ଚାପରେ ରହିବେ।

### ଯୋଗୀଙ୍କ ଆର୍ଥିକ ଦୃଷ୍ଟିକୋଣ

ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟ ପାଇଁ ଏକ ନୂଆ ଛବି ଗଢ଼ିବାକୁ ଚେଷ୍ଟା କରିଆସୁଛନ୍ତି। ବିଶ୍ୱରୁ ନିବେଶକଙ୍କୁ ଆକର୍ଷିତ କରି ୟୁପିକୁ ଦେଶର ସବୁଠୁ ବୃହତ୍ ଅର୍ଥବ୍ୟବସ୍ଥା କରିବାକୁ ଚାହୁଁଛନ୍ତି। ସେଥିପାଇଁ ଗ୍ଲୋବାଲ ଇନଭେଷ୍ଟର୍ସ ସମିଟ୍ ଏବଂ ଜି୨୦ ଭଳି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମମାନ ରାଜ୍ୟ ପାଇଁ ଆକର୍ଷଣ କେନ୍ଦ୍ର ପାଲଟିଛି। ନିକଟରେ ଯୋଗୀ ଆଦିତ୍ୟନାଥଙ୍କ ଶିଳ୍ପ ପରାମର୍ଶଦାତା ଭାବେ ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅରବିନ୍ଦ କୁମାରଙ୍କ ନିଯୁକ୍ତି ଏହି ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଛି। ଭିତ୍ତିଭୂମି ଏବଂ ଶିଳ୍ପ ବିକାଶ କମିଶନର ଭାବେ କୁମାର ଅବସର ନେବାର ପାଖାପାଖି ଏକ ମାସ ପରେ ଏଭଳି ନିଯୁକ୍ତି କରାଯାଇଛି। ତାଙ୍କ ସର୍ଭିସର ଶେଷ ମାସରେ କୁମାର ଗ୍ଲୋବାଲ ଇନଭେଷ୍ଟର୍ସ ସମିଟ୍‌ର ନିରୀକ୍ଷଣ କରିଥିଲେ ଯାହାର ସଫଳତା ବିଶ୍ୱରେ ୟୁପିକୁ ଏକ ନୂଆ ପରିଚୟ ଦେଇଛି ବୋଲି ଯୋଗୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପ୍ରାୟ ୧୦,୦୦୦ ନିବେଶକ ଏହି ସମିଟ୍‌ରେ ଯୋଗଦେଇଥିଲେ ଏବଂ ଶିଳ୍ପ କ୍ଷେତ୍ରରେ ୩୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କୁମାରଙ୍କୁ ଏହି ସଫଳତାର ନାୟକ ଭାବେ ଦେଖାଯାଉଛି ଏବଂ ଯୋଗୀ ମଧ୍ୟ କୁମାରଙ୍କ ସର୍ଭିସ୍ ଜାରି ରଖିବାକୁ ଚାହିଁଛନ୍ତି। କୌତୂହଳର ବିଷୟ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ କୁମାରଙ୍କ ନିଯୁକ୍ତି ପାଇଁ ଏକ ୧୧ ମାସିଆ ଅସ୍ଥାୟୀ ପଦବୀ ୨୯ ଫେବୃୟାରୀ ୨୦୨୪ ଯାଏ ସୃଷ୍ଟି କରାଯାଇଛି। ଯୋଗୀଙ୍କୁ ୟୁପିର ଆର୍ଥିକ ଦୃଷ୍ଟିକୋଣରେ ବିକାଶ କରିବାରେ କେତେଜଣ ବାବୁଙ୍କର ଆବଶ୍ୟକତା ଅଧିକ ଥିବାବେଳେ ଯଦି କୁମାର ଏକାକୀ ତାହା କରିପାରିବେ ତେବେ ଏହା ଏକ ବଡ଼ ସଫଳତା ହେବ।

### ଧାମିଙ୍କ ମୁଣ୍ଡବ୍ୟଥା

ମୋଦି ସରକାରରେ ଆଇଏଏସ୍ ଓ ଆଇପିଏସ୍ ଏବଂ ଅନ୍ୟ ସର୍ଭିସ ମଧ୍ୟରେ ବୃତ୍ତିଗତ ଲଢ଼େଇ ବାରମ୍ବାର ଘଟୁଥିବା ଦେଖାଯାଇଛି। ହେଲେ ଏଥିରେ ସବୁବେଳେ ଏକତରଫା ବିଚାର କରାଯାଇଛି। ବର୍ଷେ କି ଦୁଇ ବର୍ଷ ମଧ୍ୟରେ ବରିଷ୍ଠ ପଦବୀଗୁଡ଼ିକୁ ଅନ୍ୟ ଏଆଇଏସ୍ ସର୍ଭିସ୍ ଜବରଦଖଲ କରୁଥିବା ଆଇଏଏସ୍ ଅଧିକାରୀମାନେ ଲକ୍ଷ୍ୟ କରିଛନ୍ତି ଓ ଏହା ସେମାନଙ୍କୁ ଚିନ୍ତିତ କରିଛି। ଏଭଳି ଧାରା ଏବେ କେତେକ ରାଜ୍ୟରେ ବି ଦେଖାଯାଉଛି। ନିକଟରେ ଉତ୍ତରାଖଣ୍ଡ ସଚିବାଳୟରେ ସ୍ୱତନ୍ତ୍ର ସଚିବ ଭାବେ ଆଇପିଏସ୍ ଅଧିକାରୀ ରିଦ୍ଧିମ ଅଗ୍ରୱାଲଙ୍କ ନିଯୁକ୍ତିକୁ ସଚିବାଳୟ ସଂଘ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଛି। ଏକ ନୂଆ ସ୍ୱତନ୍ତ୍ର ସଚିବ ପଦବୀ ସୃଷ୍ଟି କରିବା ଅନାବଶ୍ୟକ ଓ ଏହି ପଦବୀର ଦାୟିତ୍ୱ ପାରମ୍ପରିକ ଭାବେ ଅତିରିକ୍ତ ସଚିବ ଓ ସଚିବ ପଦବୀ ଅଧୀନରେ ରହିବା ଉଚିତ ବୋଲି ସଂଘ କହିଛି। ସୂତ୍ରରୁ ଜଣାପଡ଼ିଛି ଯେ, ବ୍ୟଥିତ ବାବୁମାନେ ଏଥିପାଇଁ ଅତିରିକ୍ତ ମୁଖ୍ୟ ସଚିବ ରାଧା ରାତୁରିଙ୍କୁ ଦୋଷ ଦେଉଛନ୍ତି। ସ୍ୱତନ୍ତ୍ର ସଚିବ ଭାବେ ଅଗ୍ରୱାଲଙ୍କୁ ନିଯୁକ୍ତ କରି ସେ ଗୃହ ବିଭାଗରେ କ୍ଷମତା ବଢାଇ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି। ଉତ୍ତରଖଣ୍ଡ ସଚିବାଳୟ ସଂଘର ସଭାପତି ଦୀପକ ଜୋଷୀ ଏ ସଂକ୍ରାନ୍ତରେ ପୁଷ୍କର ସିଂ ଧାମିଙ୍କ ପାଖରେ ଅଭିଯୋଗ କରି ଅଗ୍ରୱାଲଙ୍କ ନିଯୁକ୍ତିକୁ ଦୃଢ ବିରୋଧ କରିଛନ୍ତି। ଏହି ଘଟଣା ଧାମିଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଣୁ ଧାମିଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ।

Email: dilipcherian@gmail.com

### sudoku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 5 | | | | 7 |
| | | | | | 3 | 2 | | 8 |
| | | 6 | | | | | | |
| | 3 | | 6 | | | | | |
| | | 9 | | 7 | | | | |
| | | | 5 | | | 9 | | |
| | | | | 6 | 2 | 3 | | |
| | | | 7 | 4 | | | | 6 |
| | 2 | 8 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 9 | 4 | 2 | 5 | 8 | 7 | 6 |
| 7 | 2 | 8 | 6 | 9 | 3 | 5 | 1 | 4 |
| 5 | 6 | 4 | 1 | 7 | 8 | 2 | 9 | 3 |
| 8 | 3 | 1 | 5 | 6 | 9 | 4 | 2 | 7 |
| 6 | 9 | 2 | 3 | 4 | 7 | 1 | 5 | 8 |
| 4 | 5 | 7 | 2 | 8 | 1 | 3 | 6 | 9 |
| 1 | 8 | 3 | 7 | 5 | 6 | 9 | 4 | 2 |
| 2 | 7 | 5 | 9 | 3 | 4 | 6 | 8 | 1 |
| 9 | 4 | 6 | 8 | 1 | 2 | 7 | 3 | 5 |

ଗତକାଲିର ଉତ୍ତର

# ବ୍ୟାଙ୍କ ଋଣ ଫେରସ୍ତ ମିଳିବ ତ



କିଶୋର ଜେନା

ବ୍ୟାଙ୍କରୁ ନେଇଥିବା ୨୨ ହଜାର କୋଟି ଟଙ୍କାର ଋଣ ପରିଶୋଧ କଲେ ନାହିଁ ବିଗ୍‌ବଜାର, ବ୍ୟାଣ୍ଡ ଫ୍ୟାକ୍ଟ୍ରି, ପାଣ୍ଟାଲୁନ୍‌ର ମାଲିକ କିଶୋର ଭିୟାନୀ। ବ୍ୟାଙ୍କର ୧୨ ହଜାର କୋଟି ଟଙ୍କାର ଋଣ ଥିଲା, ତାହା ପରିଶୋଧ କରି ନ ପାରି ଭିଡିଓକନ ମାଲିକ ବେଣୁଗୋପାଳ ଧୂତ ଜେଲକୁ ଗଲେ। ବ୍ୟାଙ୍କର ଟଙ୍କା ପରିଶୋଧ କରି ନ ପାରି ନିଜକୁ କାର୍ଯ୍ୟତଃ ଦେବାଳିଆ ଘୋଷଣା କରିଥିଲେ ଫ୍ରାନ୍ସରୁ ଆସିଥିବା ଯୁଦ୍ଧବିମାନ ରାଫେଲ ଡିଲ୍‌ର ଅନ୍ୟତମ ଅଂଶୀଦାର ଅନିଲ ଅମ୍ବାନୀ। ବଡ଼ଭାଇ ମୁକେଶ ଯଦି ଶେଷ ମୁହୂର୍ତ୍ତରେ କେଇ ହଜାର କୋଟି ଟଙ୍କା ଅଦାଲତ ମାଧ୍ୟମରେ ଜମା କରି ନ ଥାନ୍ତେ, ତା' ହେଲେ ଆଜି ଅନିଲ ଅମ୍ବାନୀ ଜେଲରେ ରହିଥାଆନ୍ତେ। ବ୍ୟାଙ୍କର କେଇ ହଜାର କୋଟି ଟଙ୍କା ପରିଶୋଧ କରି ନ ପାରି ରୋଟମାକ୍ ପେନ୍‌ର ମାଲିକ ନିଜକୁ ଦେବାଳିଆ ଘୋଷଣା କରିଛନ୍ତି। ବିଜୟ ମାଲ୍ୟା, ମେହୁଲ ଚୋକ୍ସି, ନୀରବ ମୋଦି ତ ହଜାର ହଜାର କୋଟି ଟଙ୍କା ଠକି ଦେଶ ଛାଡ଼ି ପଳାଇ ବେଶ୍ ଆୟସରେ ବିଦେଶରେ ଦିନ କାଟୁଛନ୍ତି। ଆଉ କେନ୍ଦ୍ରର ମୋଦି ସରକାର ସେମାନଙ୍କୁ ଦେଶକୁ ଫେରାଇ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଏ ପର୍ଯ୍ୟନ୍ତ ସକ୍ଷମ ହୋଇପାରି ନାହାନ୍ତି। ଏହି ଋଣ ଟଙ୍କା ଉଦ୍ଧାର ହେବା ଏବେ ସନ୍ଦେହରେ। ଏଗୁଡ଼ିକ ନମୁନା ମାତ୍ର। ଏହି ପ୍ରତ୍ୟେକ କର୍ପୋରେଟ୍ ଶିଳ୍ପପତିଙ୍କୁ ସାରା ଦେଶ ଚିହ୍ନିଛି। ଗଣମାଧ୍ୟମରେ ସେମାନଙ୍କ ସମ୍ପର୍କରେ ବ୍ୟାପକ ପ୍ରଚାର ହୋଇଛି। ଏମାନେ ପ୍ରତ୍ୟେକଙ୍କର ସିଧାସଳଖ ଯେ କୌଣସି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପାଖରେ ପହଞ୍ଚିବାର କ୍ଷମତା ରହିଛି। କିନ୍ତୁ ଏମାନେ ଆମର ଟଙ୍କା, ଯାହା ଆମେ ନିଶ୍ଚିନ୍ତରେ ବ୍ୟାଙ୍କରେ ଜମା ରଖୁ, ସେହି ଟଙ୍କାର ବଡ଼ ଅଂଶକୁ ବ୍ୟବସାୟ କରିବେ ବୋଲି ଋଣ ଆକାରରେ ବ୍ୟାଙ୍କରୁ ନେଇ ଶୁଝୁ ନାହାନ୍ତି। ବ୍ୟାଙ୍କ ମଧ୍ୟ କିଛି କରିପାରୁ ନାହିଁ। ଅନାଦାୟ ଅଣ ଉତ୍ପାଦକ ସମ୍ପତ୍ତି ବା ନନ୍‌ପରଫର୍ମିଂ ଆସେଟ୍ (ଏନ୍‌ପିଏ) ଦେଖାଇବା ଛଡ଼ା ଆଉ କିଛି କରୁ ନାହିଁ। ମୋଦିଙ୍କ ଶାସନ ଅମଳରେ ଗତ ୪ ବର୍ଷରେ ବ୍ୟାଙ୍କର ଜମାଫର୍ଦ୍ଦ ବା ବାଲାନ୍ସ ସିଟ୍‌କୁ ସଫା ରଖିବା ନାମରେ ସେହି କରଜ ୧୦ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଛାଡ଼ ଦେବାର ବ୍ୟବସ୍ଥା ହୋଇଛି।

ଆପଣ ଯେତେବେଳେ ଘର କରିବା ପାଇଁ ବ୍ୟାଙ୍କରୁ ଋଣ ନିଅନ୍ତି, ସେତେବେଳେ ଜମି ବା ଫ୍ଲାଟ୍‌କୁ ବନ୍ଧକ ରଖିବାକୁ ପଡ଼େ ବ୍ୟାଙ୍କ ପାଖରେ। ପୂରା ଟଙ୍କା ପରିଶୋଧ ହେଲେ ଯାଇ ସମ୍ପତ୍ତି ଫେରସ୍ତ ମିଳେ। ଗୋଟିଏ କିସ୍ତି ବା ଇଏମ୍‌ଆଇ ବାକି ରହିଗଲେ, ବ୍ୟାଙ୍କ ପକ୍ଷରୁ ତାଗିଦା ଆସେ। ସୁଧ ଉପରେ ଦଣ୍ଡ ବା ପେନାଲ୍‌ଟି ଦେବାକୁ ପଡ଼େ। ଠିକ୍ ସମାନ ଭାବରେ ଏହି ବ୍ୟବସାୟୀମାନେ ଯେତେବେଳେ ହଜାର ହଜାର କୋଟି ଟଙ୍କା ଧାର ନିଅନ୍ତି, କମ୍ପାନୀର ଶେୟାର ଚଳିତ ବଜାର ମୂଲ୍ୟରେ ବନ୍ଧକ ସ୍ୱରୂପ ଏକ ଅତିରିକ୍ତ ପାର୍ଶ୍ୱିକ ପ୍ରତିଭୂତି ବା କୋଲାଟେରାଲ ସିକ୍ୟୁରିଟି ହିସାବରେ ଜମା ରଖିବାକୁ ପଡ଼େ। ଯଦି କମ୍ପାନୀ ଟଙ୍କା ପରିଶୋଧ ନ କରିପାରେ, ତା'ହେଲେ ସେଗୁଡ଼ିକୁ ବ୍ୟାଙ୍କ ବିକ୍ରି କରି ବଜାରରୁ ଟଙ୍କା ଉଠାଇପାରେ। ଏହା ହିଁ ନିୟମ, ଠିକ୍ ଯେପରି ଆପଣ ଗୃହ ଋଣର କିସ୍ତି ଖିଲାପ କଲେ ବା ନ ଶୁଝିଲେ ଫ୍ଲାଟ୍ ବା ଘର ନିଲାମ କରି ବ୍ୟାଙ୍କ ଟଙ୍କା ଉଠାଇପାରେ।



ଆଦାନୀ ଗୋଷ୍ଠୀ ଜାଲିଆତି କରି ଗୋଟିଏ ଟଙ୍କା ବା ଦଶ ଟଙ୍କାର ଶେୟାରର ମୂଲ୍ୟକୁ ହଜାର ହଜାର ଟଙ୍କାକୁ ବଢ଼ାଇଥିଲା। ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପରେ ଆଦାନୀ ଗୋଷ୍ଠୀର ପ୍ରତ୍ୟେକ କମ୍ପାନୀର ଶେୟାର ମୂଲ୍ୟ ଖସିଯାଇଛି ଏବଂ ଆଦାନୀଙ୍କ ସମ୍ପତ୍ତି ୧୯ ଲକ୍ଷ କୋଟି ଟଙ୍କାରୁ ୯ ଲକ୍ଷ କୋଟି ଟଙ୍କାକୁ କମିଯାଇଛି ଗତ ଏକ ମାସ ମଧ୍ୟରେ। ଏଥିରୁ ଆଦାନୀଙ୍କ ଜାଲିଆତି ପରିଷ୍କାର ଭାବେ ପ୍ରକାଶ ପାଇଛି। ଆଗାମୀ ଦିନରେ ତାଙ୍କ କମ୍ପାନୀଗୁଡ଼ିକର ଶେୟାରର ମୂଲ୍ୟ ଆହୁରି କମିଯିବ। ଶେୟାରର ମୂଲ୍ୟ କମିବାରୁ ଭାରତୀୟ ଜୀବନ ବୀମା ନିଗମ ଆଦାନୀଙ୍କ କମ୍ପାନୀରେ ବିନିଯୋଗ କରିଥିବା ମୋଟ ଟଙ୍କାରୁ ଏବେ ସୁଦ୍ଧା ୫୦ ହଜାର କୋଟି ଟଙ୍କାର କ୍ଷତି କରିଛି।

ଗୌତମ ଆଦାନୀ ତାଙ୍କର ବିଭିନ୍ନ କମ୍ପାନୀ ପାଇଁ ଯେଉଁ ବିପୁଳ ପରିମାଣର ଋଣ ନେଇଛନ୍ତି, ତାହାର ମୋଟ ପରିମାଣ ୨ ଲକ୍ଷ ୨୦ହଜାର କୋଟି ଟଙ୍କା। ଏହା ମଧ୍ୟରୁ ଆମ ଦେଶର ବିଭିନ୍ନ ବ୍ୟାଙ୍କରୁ ଋଣ ନେଇଛନ୍ତି ୬୨ ହଜାର କୋଟି ଟଙ୍କା। ଦେଶର ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୨୭ ହଜାର କୋଟି, ବ୍ୟାଙ୍କ ଅଫ୍ ବରୋଦାରୁ ୫,୩୮୦ କୋଟି, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୭ହଜାର କୋଟି ଟଙ୍କା। ଅର୍ଥାତ୍ ଏହି ସମସ୍ତ ସରକାରୀ ବ୍ୟାଙ୍କରୁ ୪୦ ହଜାର କୋଟି ଟଙ୍କା ଋଣ ନେଇଛନ୍ତି। ଏହାଛଡ଼ା ଆଇସିଆଇସିଆଇ, ଆକ୍ସିସ୍ ବ୍ୟାଙ୍କ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏବଂ ଅନ୍ୟ ବ୍ୟାଙ୍କ ମଧ୍ୟ ଋଣ ଦେଇଛନ୍ତି। କିନ୍ତୁ ସମସ୍ୟା ହେଉଛି ଭିନ୍ନ ଧରଣର। ଯେଉଁ ଆଦାନୀ ଏଣ୍ଟରପ୍ରାଇଜର୍ସର ଶେୟାର ମୂଲ୍ୟ ପ୍ରାୟ ୪ହଜାର ଟଙ୍କା ଦର୍ଶାଇ ବ୍ୟାଙ୍କରୁ ଋଣ ନେଇଛନ୍ତି, ତାହା ଆଜି ୧୪ ଶହ ଟଙ୍କା ହୋଇଯାଇଛି। ଯେଉଁ ଆଦାନୀ ଗ୍ୟାସ୍‌ର ଶେୟାର ମୂଲ୍ୟ ୩ହଜାର ଟଙ୍କା ଦର୍ଶାଇ ଋଣ ନେଇଛନ୍ତି, ତାହାର ମୂଲ୍ୟ ଆଜି ୭୫୦ ଟଙ୍କା। ସମାନ ଅବସ୍ଥା ଅନ୍ୟ ଶେୟାରଗୁଡ଼ିକର ମୂଲ୍ୟ କ୍ଷେତ୍ରରେ। ଅର୍ଥାତ୍ ମୂଲ୍ୟ ପ୍ରାୟ ୭୦ ପ୍ରତିଶତ କମିଯାଇଛି। ଅର୍ଥାତ୍ ଆଦାନୀଙ୍କ ବିଭିନ୍ନ କମ୍ପାନୀ ଯଦି ଫେଲ୍ ହୋଇଯାଆନ୍ତି, ଯାହାର ସମ୍ଭାବନା ପ୍ରାୟ ୮୦ପ୍ରତିଶତ, ତା'ହେଲେ ଶେୟାର ବନ୍ଧକ ରଖିଥିବା ବ୍ୟାଙ୍କଗୁଡ଼ିକ ଶେୟାର ବିକ୍ରି କଲେ ମଧ୍ୟ ଋଣ ଟଙ୍କା ଉଠିବ ନାହିଁ, ଏହା ସ୍ପଷ୍ଟ। ଇତିମଧ୍ୟରେ ବିଦେଶୀ ବିନିଯୋଗକାରୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି ଯେ, ଆଦାନୀ ଗୋଷ୍ଠୀ ଶେୟାର ମୂଲ୍ୟରେ ଜାଲିଆତି ଓ ହେରାଫେରି କରିଥିବାରୁ ସେମାନଙ୍କ ଟଙ୍କା ଆଉ ଫେରସ୍ତ ମିଳିବ ନାହିଁ। ଏଣୁ ସେମାନେ ଟଙ୍କା ଫେରସ୍ତ ଚାହୁଁଛନ୍ତି। ଏଥିପାଇଁ ଚାପ ପ୍ରଦାନ କରୁଛନ୍ତି ଗୌତମ ଆଦାନୀଙ୍କ ଉପରେ। ନୂଆକରି ବିଦେଶରୁ ଟଙ୍କା ଉଠାଇ ପାରୁନାହାନ୍ତି ଆଦାନୀ। ଏକମାତ୍ର ଭରସା ଭାଇ ବିନୋଦ ଆଦାନୀଙ୍କ କଳାଟଙ୍କା ନିର୍ଭର ଅସ୍ତିତ୍ୱହୀନ (ସେଲ) କମ୍ପାନୀଗୁଡ଼ିକ ଉପରେ। ଯାହା ମରିସସ୍, ବ୍ରିଟିଶ ଭର୍ଜିନ ଆଇଲାଣ୍ଡ ବା କାରିବିୟାନ ଦେଶରେ ଚାଲିଛି ବା ଦୁବାଇର ଶେଖ୍‌ମାନଙ୍କ କଳା ଟଙ୍କା।

କିନ୍ତୁ ପ୍ରଶ୍ନ ହେଉଛି ଆମେ ସାଧାରଣ ଜନତା ଗୋଟିଏ ମାସିକ କିସ୍ତି ବା ଇଏମ୍‌ଆଇ ନ ଦେଇ ପାରିଲେ ବ୍ୟାଙ୍କ ପ୍ରାୟ ବେକରେ ଦଉଡ଼ି ଲଗାଇ ଟଙ୍କା ଆଦାୟ କରେ ଆଉ ଆଦାନୀଙ୍କ କ୍ଷେତ୍ରରେ ବ୍ୟାଙ୍କ ଅଫ୍ ବରୋଦାର ସିଏମ୍‌ଡି ସଞ୍ଜୀବ ଚଢ଼ାଙ୍କ ପରି କହିବେ, ଆବଶ୍ୟକ ହେଲେ ଆଦାନୀଙ୍କୁ ଆହୁରି ଟଙ୍କା ଧାର ଦେବୁ। ଏହିଭଳି ଦୋମୁହାଁ ନୀତି କେତେଦିନ ଧରି ଚାଲିବ! ଏହା ଦେଶ ପାଇଁ ଆଦୌ ମଙ୍ଗଳକର ନୁହେଁ।

ତୁରନ୍ତ ବ୍ୟାଙ୍କଗୁଡ଼ିକ ଯେଉଁଗୁଡ଼ିକ ଆଦାନୀଙ୍କ ଶେୟାର ରଖି ଋଣ ଦେଇଛନ୍ତି, ତାହାର ବଜାର ମୂଲ୍ୟ ଆଜି କେଉଁଠି ପହଞ୍ଚିଛି। ଦେଖନ୍ତୁ ଆଦାନୀ କ'ଣ ଏବେକାର ବଜାର ମୂଲ୍ୟଠାରୁ ଅଧିକ ଶେୟାର ବ୍ୟାଙ୍କରେ ବନ୍ଧା ଦେଇଛନ୍ତି। ସରକାର, ଅର୍ଥ ମନ୍ତ୍ରଣାଳୟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ ପରିଷ୍କାର କରି ଜଣାଇ ଦେବା ଉଚିତ ଯେ ଆଦାନୀ ଗ୍ରୁପ୍‌ର ଯେଉଁ ଶେୟାର ବନ୍ଧକ ରହିଛି, ତାହାର ମୂଲ୍ୟ ହ୍ରାସ ହେଲେ ମଧ୍ୟ ଋଣ ପରିମାଣରୁ ଅଧିକ ଟଙ୍କା ଋଣ ଶୁଝାଯାଇ ପାରିବ। ଆମର ଛାତିରେ ଚଉଡ଼ା କମ୍। ଆମେ ସାଧାରଣ ଜନତା। ଆମେ ବ୍ୟାଙ୍କ ଉପରେ ଭରସା କରି ଆମର ଅର୍ଜିତ ଜମାକୁ ସଞ୍ଚିତ ରଖିଛୁ ବ୍ୟାଙ୍କରେ। ସେହି ଟଙ୍କା କେଉଁଠି ଓ କିଭଳି ଭାବେ ଖଟାଯାଉଛି, ତାହା ଜାଣିବାର ଅଧିକାର ଆମର ରହିଛି। କାରଣ ବ୍ୟାଙ୍କ ବୁଡ଼ିଗଲେ ଯେତେ ଟଙ୍କା ନିଜର ଗଚ୍ଛିତ ଥାଉ ପଛେ ମାତ୍ର ୫ଲକ୍ଷ ଟଙ୍କା ଫେରସ୍ତ ମିଳିବ। ଜନଗଣଙ୍କ ଟଙ୍କା ଜନତାର ବିକାଶ ପାଇଁ କର୍ପୋରେଟ୍ ଲୁଟ ଲାଗି ନୁହେଁ। ଏଥିପ୍ରତି ସରକାର ଦୃଷ୍ଟି ଦେବା ବିଧେୟ।

ଉତ୍କଳମଣି ମାର୍ଗ, ଅପର୍ଣ୍ଣାନଗର,
ଚାଉଳିଆଗଞ୍ଜ, କଟକ
ମୋ–୯୪୩୭୩୮୪୮୬୭

# ପ୍ରଶଂସାର ଓଜନ



ଡ.ସତ୍ୟନାରାୟଣ ମିଶ୍ର

ପ୍ରଶଂସା ଓ ନିନ୍ଦା ପ୍ରତ୍ୟେକ ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କର୍ମର ପ୍ରତିଫଳନ। ମଣିଷର କର୍ମକୁ ନେଇ ପ୍ରଶଂସା ଓ ନିନ୍ଦାର ସୃଷ୍ଟି। ମଣିଷ ମହତ୍ କର୍ମ କଲେ ପ୍ରଶଂସା ପାଇଥାଏ ଓ ଖରାପ କାର୍ଯ୍ୟ କଲେ ନିନ୍ଦିତ ହୋଇଥାଏ। ତେବେ ନିନ୍ଦାକୁ ସହ୍ୟ କରିବା ଯେତେବେଳେ କଷ୍ଟ ହୋଇଥାଏ, ପ୍ରଶଂସାକୁ ଗ୍ରହଣ କରିବା ଆନନ୍ଦଦାୟକ ହୋଇଥାଏ। ଅତଏବ ନିନ୍ଦାରେ ନିନ୍ଦିତ ହେଉଥିବା ବ୍ୟକ୍ତି ସହିତ ପ୍ରାୟ କେହି ଭାଗୀଦାରି ହେଉ ନ ଥିବା ବେଳେ ପ୍ରଶଂସାରେ ପ୍ରଶଂସିତ ବ୍ୟକ୍ତି ସହିତ ଅନେକ ସାମିଲ ହୋଇଥାନ୍ତି, ଯାହା ସୃଷ୍ଟି କରିଥାଏ ନିଜ ପ୍ରତି, ସମାଜ ପ୍ରତି ଏକ ଉତ୍ସାହ ଓ ପ୍ରେରଣା। ଏଇଠି ମଣିଷ ସୃଷ୍ଟି କରିଥାଏ ଜୀବଦ୍ଦଶା ମଧ୍ୟରେ କେଉଁ କାର୍ଯ୍ୟ କରଣୀୟ ଓ କେଉଁ କାର୍ଯ୍ୟ ନିନ୍ଦନୀୟ ଯାହା ସମାଜର ଅନ୍ୟମାନଙ୍କ ପ୍ରତି ସୃଷ୍ଟି କରିଥାଏ ଏକ ଦୃଷ୍ଟାନ୍ତ। ମାତ୍ର ପ୍ରଶଂସାର ବ୍ୟାପକତା ବା ପ୍ରଚାରର ଗତି ମନ୍ଥର ହେଉଥିବା ବେଳେ ନିନ୍ଦାର ଗତି ଅତି ତୀବ୍ର ବେଗରେ ଚତୁର୍ଦ୍ଦିଗ କମ୍ପନ ସୃଷ୍ଟି କରିଥାଏ, କାରଣ ପ୍ରକୃତ ପ୍ରଶଂସାର ଅଧିକାରୀକୁ ଏ ସମାଜ ସହଜରେ ଗ୍ରହଣ କରିବାରେ ଚିନ୍ତା କରିବା ପାଇଁ ସମୟ ନେଇଥାଏ।

ସାଂପ୍ରତିକ ସମାଜରେ ମଣିଷ କେତେବେଳେ ପ୍ରଶଂସା ପାଇଁ କାର୍ଯ୍ୟ କରିଥାଏ ତ ପୁଣି କେତେବେଳେ କାର୍ଯ୍ୟ ପାଇଁ ପ୍ରଶଂସା ପାଇଥାଏ। ଯେତେବେଳେ ବ୍ୟକ୍ତି ପ୍ରଶଂସା ପାଇଁ କାର୍ଯ୍ୟ କରିଥାଏ ସେତେବେଳେ ଉକ୍ତ ପ୍ରଶଂସାର ଓଜନ ଭାରି ହୋଇଥାଏ, ମାତ୍ର ଯେତେବେଳେ ବ୍ୟକ୍ତିର କାର୍ଯ୍ୟ ପାଇଁ ପ୍ରଶଂସା ହୋଇଥାଏ ସେତେବେଳେ ଆପଣା ଛାଏଁ ପ୍ରଶଂସିତ ବ୍ୟକ୍ତି ସମାଜର ସ୍ୱୀକୃତି ପାଇଥାଏ ଓ ସେଥିରେ ପ୍ରଶଂସାର ଓଜନ ବହୁତ ସ୍ୱଳ୍ପ ଥାଏ। ଅନେକ ସମୟରେ ବ୍ୟକ୍ତି ନିଜର କର୍ମକୁ ଅଧିକ ଲୋକାଭିମୁଖୀ ଓ ଅନ୍ୟର ଉପକାର କରିବା ଉଦ୍ଦେଶ୍ୟରେ ସାମର୍ଥ୍ୟ ଓ ଶକ୍ତିକୁ ଉପଯୋଗ କରିଥାଏ ଏବଂ ସମୟକ୍ରମେ ତାହା ସର୍ବଜନରେ ପ୍ରଶଂସାର ପାତ୍ର ହୋଇଥାଏ। ମାତ୍ର ସମାଜରେ ଅନେକ ବ୍ୟକ୍ତି କେବଳ କିଛି ପ୍ରଶଂସା ପାଇବା ପାଇଁ ବା ପ୍ରଶଂସାକୁ ଆଳ କରି କର୍ମ କରିଥାନ୍ତି ଓ ପ୍ରଶଂସାକୁ ଶ୍ରବଣ କରି ଆତ୍ମହରା ହୋଇଥାନ୍ତି। ଯିଏ ପ୍ରକୃତ କର୍ମଠ ବ୍ୟକ୍ତି ସେ ପ୍ରଶଂସାକୁ ଗୌଣ ମନେକରି କାର୍ଯ୍ୟକୁ ପ୍ରାଧାନ୍ୟ ଦେଇଥାଏ। ପ୍ରଶଂସାକୁ ଏକ ସକାରାତ୍ମକ ଦୃଢୀକରଣ ଭାବରେ ବିବେଚନା କରାଯାଏ କାରଣ ଏହା ଆଶା ଅନୁଯାୟୀ ଆଚରଣ କରିବା ପାଇଁ ଏକ ଉତ୍ସାହଜନକ ପ୍ରତିକ୍ରିୟା ସୃଷ୍ଟି କରିଥାଏ।

କୌଣସି ପ୍ରୟାସ ବିନା ପ୍ରଶଂସା କିପରି ଅଧିକ ଦିଆଯାଏ ସମାଜ ଆଜି ମର୍ମେ ମର୍ମେ ଅନୁଭବ କରୁଛି। ମାତ୍ର ତାହା ପ୍ରକାଶ କରିବାରେ ଅକ୍ଷମ, କାରଣ ଉକ୍ତ ପ୍ରଶଂସାର ଓଜନ ଅନେକ ଭାରି, ଯାହାକୁ ବହନ କରିବା ପାଇଁ ସ୍ୱାଭିମାନୀ ମଣିଷର ସାମର୍ଥ୍ୟ ନ ଥାଏ। ଅନେକ ବ୍ୟକ୍ତି ଅନୁଭବ କରନ୍ତି ଯେ ସମାଜର ବହୁ ବ୍ୟକ୍ତି ପ୍ରଶଂସା ପାଇବା ପାଇଁ ଯୋଗ୍ୟ ନ ଥାନ୍ତି, ତଥାପି କିଛି ମୁଷ୍ଟିମେୟ ବ୍ୟକ୍ତି ବା ଗୋଷ୍ଠୀର ଚାପରେ ତାହାଙ୍କୁ ଏକ କାର୍ଯ୍ୟକ୍ରମର ଆଧାର ସ୍ୱରୂପ ତୋଷାମଦିର ସୂକ୍ଷ୍ମ ପାଖୁଡାରେ ଆଚ୍ଛାଦିତ କରି ପ୍ରଶଂସା କରାଯାଏ, ଯାହା ଥାଏ ତୋଷାମଦି ଓ ସ୍ୱାର୍ଥର ଏକ ବୃହତ୍ ସେତୁ।



ବର୍ତ୍ତମାନର ସମାଜର ଆଳଙ୍କାରିକ ବୃଦ୍ଧି ସହିତ ପ୍ରଶଂସା ସହଜରେ ଦିଆଯାଉଛି ଓ ପ୍ରକୃତ ପ୍ରଶଂସାର ଅର୍ଥ ହଜିଯାଇଛି। ବ୍ୟକ୍ତି ଆଶା କରିଥାଏ ଯେ ସେମାନେ ପୂର୍ବରୁ ଉଚିତ କାର୍ଯ୍ୟ କରିବା ପାଇଁ ପୁରସ୍କୃତ ହେବେ ଓ ପ୍ରଶଂସା ପାଇବେ। ଜୀବନ ଧାରଣର ପରିବର୍ତ୍ତିତ ମାନର ସୌଖୀନ ବ୍ୟବସ୍ଥାରେ ମଣିଷ ପ୍ରଯୁକ୍ତି ବିଦ୍ୟା ତଥା ସାମାଜିକ ବର୍ଗୀକରଣର ସାହଚର୍ଯ୍ୟରେ ପ୍ରଶଂସା ସାଉଁଟିବା ପାଇଁ ବ୍ୟସ୍ତ ରହି ନିଜର ସ୍ୱତଃ ପରିଚୟକୁ ଭୁଲିଯାଉଛି । ଭୁଲ୍ ଜିନିଷ ପାଇଁ ଅନେକ ଲୋକଙ୍କୁ ପ୍ରଶଂସା କରିବା ଦ୍ୱାରା ଏହାର ପ୍ରଶଂସା କରିବାର ଅର୍ଥ ଏକ ଭିନ୍ନ ଦୃଷ୍ଟିକୋଣକୁ ଆଧାର କରି ସୃଷ୍ଟି କରୁଛି ଏକ ସନ୍ଦେହର ବଳୟ। ସମାଜରେ ଆଜି ଅଧିକାଂଶ ବ୍ୟକ୍ତି ପୁରସ୍କାର ପାଇବା ପାଇଁ କଠିନ ପରିଶ୍ରମ କରନ୍ତି ନାହିଁ, ସେମାନେ କେବଳ ଲୋକଦେଖାଣିଆ ଭାବେ ଏକ ପ୍ରତୀକାତ୍ମକ ଧ୍ୱନି ସୃଷ୍ଟି କରିଥାନ୍ତି ଓ ସମସ୍ତଙ୍କଠାରୁ କିଛି ଆଶା କରନ୍ତି। ସମସ୍ତେ ପ୍ରଶଂସା ପାଇବାକୁ ଯୋଗ୍ୟ ନୁହନ୍ତି, କାରଣ ଏହା କେବଳ ପ୍ରମୁଖ ସମସ୍ୟା ସୃଷ୍ଟି କରିଥାଏ। ପ୍ରତ୍ୟେକ ଖେଳରେ ପ୍ରତ୍ୟେକେ ଜିତିପାରିବେ ନାହିଁ, ତେଣୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରସ୍ତୁତ ହୋଇଥାଏ, ଯାହାଦ୍ୱାରା ବିଜେତାମାନଙ୍କୁ ଆଘାତ ନ ଦେଇ ହଜିଯାଉଥିବା ଉତ୍କର୍ଷଙ୍କୁ ଭଲ ଲାଗେ ଯାହା ସୃଷ୍ଟି କରେ ଭବିଷ୍ୟତର ଆଶା। ମାତ୍ର ଉକ୍ତ ଖେଳରେ ଥାଏ ଉପଯୁକ୍ତ ଶ୍ରମ ଓ ପ୍ରଶଂସା ପାଇଁ ଲଢ଼େଇ। କିନ୍ତୁ ଆଜିକାଲି ଅନେକେ ଇଚ୍ଛା ପ୍ରକଟ କରିସାରିଲେଣି ଯେ ସେମାନେ ନିଜ କାର୍ଯ୍ୟରେ କୌଣସି ପ୍ରୟାସ କରିପାରିବେ ନାହିଁ, ମାତ୍ର ସେମାନେ ସମାଜରେ ଯଥେଷ୍ଟ ପ୍ରଶଂସିତ ହେବେ ଓ ସମସ୍ତେ ତାଙ୍କୁ ଯେମିତି ଭଲ କହିବେ। ଏହା କରିବା ଦ୍ୱାରା ସମାଜର ନୈତିକ ଅଧଃପତନ ସୃଷ୍ଟି ହୋଇ ତାହା ବିଖଣ୍ଡିତ ହୋଇଯାଏ।

ଜୀବନର ସକାରାତ୍ମକ ଦିଗ ଦେଖିବାକୁ ଅନେକଙ୍କୁ ଉତ୍ସାହିତ କରିଥାଏ ପ୍ରଶଂସା। ପ୍ରଶଂସା ଅନ୍ୟମାନଙ୍କୁ ସେମାନଙ୍କର ପ୍ରତିଭାକୁ ଚିହ୍ନିବାରେ, ସେମାନଙ୍କର ଆତ୍ମସମ୍ମାନ ବୃଦ୍ଧି ତଥା ଆଶା ପୁନଃ ସ୍ଥାପିତ କରିବାରେ ସାହାଯ୍ୟ କରେ। ବର୍ତ୍ତମାନ ସମାଜରେ ପ୍ରଶଂସା ଲାଳାୟିତ ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ ପରିଲକ୍ଷିତ ହେଉଥିବା ବେଳେ ସେମାନଙ୍କର ପ୍ରଶଂସାର ଓଜନ ଅଧିକ ଗୁରୁତ୍ୱ ଓ ଓଜନିଆ ହୋଇଥାଏ, ଯାହା ସୃଷ୍ଟି କରେ ଅନେକ ଲୁକ୍କାୟିତ ଦ୍ୱନ୍ଦ୍ୱ। ସମାଜରେ ବିଶେଷତଃ ତିନି ପ୍ରକାରର ପ୍ରଶଂସା ଦୃଶ୍ୟମାନ ହୋଇଥାଏ। ଗୋଟିଏ ଥାଏ ଆତ୍ମପ୍ରଶଂସା, ଦ୍ୱିତୀୟ ଥାଏ ପ୍ରଶଂସା ପାଇଁ ବିଭିନ୍ନ ଅନୈତିକ ଉପାୟର ବ୍ୟବସ୍ଥା ଓ ତୃତୀୟରେ ଥାଏ ମହତ୍ କାର୍ଯ୍ୟ ଦ୍ୱାରା ସ୍ୱତଃ ସାମାଜିକ ପ୍ରଶଂସା। କିନ୍ତୁ ପ୍ରକୃତ ପ୍ରଶଂସାର ପାତ୍ର ଯେଉଁ ବ୍ୟକ୍ତି ହୋଇଥାଏ ତାହା ସମାଜର ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ ଏକ ଆଲୋଡ଼ନ ସୃଷ୍ଟି କରି ଭାବ ଧାରାର ସ୍ରୋତ ସୃଷ୍ଟି କରେ ; ଯାହାର ଓଜନ ମାପିବା ପାଇଁ କାହା ନିକଟରେ ନ ଥାଏ ଓଜନ ମାପିବାର ଯନ୍ତ୍ର ଓ ପ୍ରମାଣ କରିଥାଏ ପ୍ରକୃତ ପ୍ରଶଂସାର ଓଜନ କେତେ। ତେଣୁ ପ୍ରକୃତ ପ୍ରଶଂସାକୁ ଓଜନରେ ମାପିବାର ଆବଶ୍ୟକତା ନ ଥିବା ବେଳେ, କୃତ୍ରିମ ପ୍ରଶଂସାର ଓଜନକୁ ମାପିବାର ଆବଶ୍ୟକତା ଲୋଡ଼ା ଥାଏ।

ଅଭିଲେଖାଧିକାରୀ
ଜାତୀୟ ଅଭିଲେଖାଗାର,
ଭାରତ ସରକାର
ମୋ:୯୯୩୭୩୪୫୯୦୦

## ଏଇ ଭାରତରେ

ଅଭିଭାବକମାନେ ପିଲାଙ୍କ ପାଇଁ ଜୋତା କିଣି କିଛିଦିନ ପରେ ଛୋଟ ହେଲେ ତାହାକୁ ଫିଙ୍ଗିଦିଅନ୍ତି। କାରଣ ପିଲାଙ୍କ ବୟସ ଅନୁସାରେ ପାଦ ବଢିବା ଯୋଗୁ ତାହା ସେମାନଙ୍କ ପାଦକୁ ଫିଟ୍ ହୋଇ ନ ଥାଏ। ତେବେ ପିଲାଙ୍କ ପାଇଁ କମ୍ ସମୟ ମଧ୍ୟରେ ବାରମ୍ବାର ଜୋତା କିଣିବା ସମସ୍ୟାର ସମାଧାନ କରିବାରେ ସଫଳ ହୋଇଛନ୍ତି ପୁଣେର ସତ୍ୟଜିତ୍ ମିତ୍ତଲ। ସେ ଏଭଳି ଜୋତା ତିଆରି କରୁଛନ୍ତି, ଯାହା ପିଲାଙ୍କ ବୟସ ଅନୁଯାୟୀ ଆଡ୍‌ଜଷ୍ଟ କରାଯାଇପାରୁଛି। ସତ୍ୟଜିତ୍ ୨୦୨୨ରେ ଆରେଟୋ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସତ୍ୟଜିତ୍‌ଙ୍କ ବୟସ ୩୦। ସେ ପୋଡିଆଟ୍ରିଷ୍ଟ(ପାଦ ଚିକିତ୍ସକ)ଙ୍କ ସହଯୋଗରେ ଦୁଇବର୍ଷ ଗବେଷଣା କରିବା ପରେ ଏଭଳି ଜୋତା ତିଆରି କରିବାରେ ସଫଳ ହୋଇଛନ୍ତି। ଏହି କାର୍ଯ୍ୟରେ ସତ୍ୟଜିତ୍‌ଙ୍କ ସହ ରହିଛନ୍ତି ତାଙ୍କ ବାଲ୍ୟବନ୍ଧୁ କୃତ୍ତିକା ଲାଲ। ସେ ତିଆରି କରିଥିବା ଜୋତା ପୂରା ନରମ ଓ ୩ଟି ପାଦ ସାଇଜ ଯାଏ ଏହାକୁ ଷ୍ଟ୍ରେଚ୍ କରାଯାଇପାରୁଛି। ଏହି ଜୋତାର ମୂଲ୍ୟ ୧,୮୦୦ ଟଙ୍କାରୁ ୨,୬୦୦ ଟଙ୍କା ମଧ୍ୟରେ ରହିଛି । ଷ୍ଟାର୍ଟଅପ୍ ଆରମ୍ଭ କରିବାର ୯ ମାସ ମଧ୍ୟରେ ସତ୍ୟଜିତ୍ ୬ ହଜାର ହଳ ଜୋତା ବିକ୍ରି କରିସାରିଲେଣି। କେବଳ ଗତମାସରେ ସେ ଏଥିରୁ ୨୧ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି । ଏହାର ଅଧିକାଂଶ ଗ୍ରାହକ ହେଉଛନ୍ତି ଦିଲ୍ଲୀ, ପୁଣେ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ସହ ଆମେରିକା ଓ ଇଂଲଣ୍ଡର ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୯୮

- ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ମହାମାରୀ ଡେଙ୍ଗୁ ଜ୍ୱର ବ୍ୟାପି ୨୬ ମୃତ।
- ୫୮ ପ୍ରକାରର ମାରଣାସ୍ତ୍ର ଆମଦାନୀ ଉପରେ ଆମେରିକା ସରକାରଙ୍କ ନିଷେଧାଦେଶ ଲାଗୁ।
- ବିଏସ୍‌ପିର ପ୍ରାଥମିକ ସଦସ୍ୟ ପଦରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରବିନ୍ଦ ନେତମଙ୍କ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ନ ଲଭି ସାନ୍ତ୍ୱନା କାହିଁ ଭଗ୍ନପ୍ରାଣ ମାନବ ସନ୍ତାନ
କାଷ୍ଠ ପାଷାଣର ଦେହେ କରଇ ସେ ଦେବତା ନିର୍ମାଣ,
କୋମଳ ମଧୁର ଯାହା କରି ଆରାଧନା
ନୋହେ ଯେଣୁ ଉପଶମ ଅନ୍ତର ବେଦନା,
ବ୍ୟାକୁଳ ହୃଦୟେ ଲୋଡ଼େ ସେହୁ
ଦୟା କ୍ଷମା ପାଷାଣର ଦେହୁ,
ପାଷାଣର ଗାତ୍ରେ
ମସ୍ତକ ଆଘାତେ
ଅକାରଣ
ଅଶରଣ! –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରୁ ଧର୍ମକୁ ପୃଥକ୍ ରଖାଯିବା ଉଚିତ

ମହାଶୟ,

ଆମ ଦେଶର ନେତାମାନେ ଧର୍ମ ନାମରେ ରାଜନୀତି କରି ଘୃଣ୍ୟ ମନ୍ତବ୍ୟ ଦେଉଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏପରିକି କିଛି ବ୍ୟକ୍ତି ବିଭିନ୍ନ ଗଣମାଧ୍ୟମ ଓ ସାର୍ବଜନୀନ ମଞ୍ଚରେ ଅନ୍ୟ ସମ୍ପ୍ରଦାୟ ପ୍ରତି ଘୃଣ୍ୟ ମନ୍ତବ୍ୟ ଦେଉଥିବାରୁ ଦଙ୍ଗା ସୃଷ୍ଟି ହୋଇ ସମାଜରେ ଅଶାନ୍ତି ବାତାବରଣ ଦେଖାଦେଉଛି। ବିଶେଷକରି ଘୃଣ୍ୟ ମନ୍ତବ୍ୟ ବିରୋଧରେ ମାମଲା ରୁଜୁ କରାଯାଉ ନ ଥିବାରୁ ସମାଜରେ ଏହାର ଅସ୍ତିତ୍ୱ ବୃଦ୍ଧି ପାଉଛି। ଏକପକ୍ଷେ ଧର୍ମ ନାମରେ ରାଜନୀତି, ଅନ୍ୟପକ୍ଷେ ନେତାଙ୍କ ଘୃଣ୍ୟ ମନ୍ତବ୍ୟ ଯୋଗୁ ଜନସାଧାରଣରେ ଅସ୍ଥିରତା ଦେଖାଦେଇ ଆମ ଗଣତନ୍ତ୍ର କଳୁଷିତ ହେବାରେ ଲାଗିଛି। ଏଣୁ ରାଜନୀତିରେ ଧର୍ମକୁ ବ୍ୟବହାର ବନ୍ଦ କରାଗଲେ ଲୋକଙ୍କ ମଧ୍ୟରେ ମତପାର୍ଥକ୍ୟ ଲୋପପାଇବା ସହ ଏଭଳି ଘୃଣ୍ୟ ମନ୍ତବ୍ୟ ନିଜର ଅସ୍ତିତ୍ୱ ହରାଇବ।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବ୍ରିଟେନ୍ ରୟାଲ ଟ୍ରେଜେରିରେ ଭାରତୀୟ ରତ୍ନ ଅଳଙ୍କାର

ଲଣ୍ଡନ: ବ୍ରିଟିଶ୍ ଶାସନ କାଳରେ ଭାରତରୁ ବହୁ ମୂଲ୍ୟବାନ୍ ରତ୍ନ ପଥର, ଗହଣା ଇଂରେଜମାନେ ଜୋର ଜବରଦସ୍ତି ଓ ରାଜନୈତିକ ଜାଲ ବିଛାଇ ହାତେଇ ନେଇଥିଲେ। ତେବେ ଭାରତର କେଉଁ କେଉଁ ମୂଲ୍ୟବାନ୍ ରତ୍ନପଥର ଏବେ ବ୍ରିଟିଶ୍ ରାଜପରିବାର ସିନ୍ଦୁକରେ ଶୋଭା ପାଉଛି ସେ ନେଇ ଉପନିବେଶ ବେଳର ଏକ ଫାଇଲ୍‌କୁ ନେଇ ଚର୍ଚ୍ଚା ହେଉଛି। ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜେଜେ ମା' କୁଇନ୍ ମ୍ୟାରୀଙ୍କ ତତ୍ତ୍ୱାବଧାନରେ ଏହି ୪୬ ପୃଷ୍ଠା ସମ୍ବଳିତ ଫାଇଲ୍ ପ୍ରସ୍ତୁତ କରାଯାଇଥିଲା।

ପଞ୍ଜାବର ମହାରାଜା ରଞ୍ଜିତ ସିଂ ତାଙ୍କ ଘୋଡ଼ାକୁ ସଜାଇବାରେ ବ୍ୟବହାର କରୁଥିବା ସୁନାର ଆଭୂଷଣ ଏବେ ବ୍ରିଟେନ୍ ରାଜା କିଙ୍ଗ୍ ଚାର୍ଲ୍ସଙ୍କ ରୟାଲ କଲେକ୍ସନ୍‌ରେ ଯୋଖାଯାଇଛି। ଚାର୍ଲ୍ସ ବ୍ୟବହାର କରୁଥିବା ପାନାର ବେଲ୍ଟ ମଧ୍ୟ ଭାରତର ବୋଲି ଉକ୍ତ ଫାଇଲ୍‌ରେ ଦର୍ଶାଯାଇଛି। ସେହିପରି ମାଣିକରେ ତିଆରି ୩୨୫.୫ କ୍ୟାରେଟ୍‌ର ଶର୍ଟ ନେକ୍‌ଲେସ୍ ସାଙ୍ଗକୁ ୨୨୪ କ୍ୟାରେଟ୍‌ର ମୋତି ହାର ମଧ୍ୟ ଏବେ ବ୍ରିଟିଶ୍ ରାଜ ପରିବାରର ସମ୍ପତ୍ତି ପାଲଟିଛି। ଏହି ମୋତି ହାରକୁ ରାଜା ରଞ୍ଜିତ ସିଂଙ୍କଠାରୁ ନିଆଯାଇଥିବା କୁହାଯାଏ। ସେହିପରି ଦୁନିଆର ସବୁଠୁ ମୂଲ୍ୟବାନ୍ କୋହିନୁର ହୀରାକୁ ବ୍ରିଟିଶ୍ ଶାସକ ଭାରତରୁ ଲୁଟ୍ କରି ନେଇଥିଲେ। ଏହି ହୀରା ସ୍ୱର୍ଗତ ମହାରାଣୀ ଏଲିଜବେଥ୍ ଦ୍ୱିତୀୟଙ୍କ ମୁକୁଟରେ ଖଞ୍ଜାଯାଇଥିଲା। ମେ' ୬ ରେ ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟଙ୍କ ରାଜ୍ୟାଭିଷେକ ସମାରୋହ ପାଳନ ହେବାକୁ ଥିବାବେଳେ ରାଜ ପରିବାରର ସମ୍ପତ୍ତିକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।



ରାଜ୍ୟାଭିଷେକ ପାଇଁ ନିମନ୍ତ୍ରଣ ପତ୍ର ଛପା ସରିଛି। ପାଖାପାଖି ୨୦୦୦ ଅତିଥି ଏହି ଭବ୍ୟ କାର୍ଯ୍ୟକ୍ରମରେ ସାମିଲ ହେବାକୁ ବ୍ୟବସ୍ଥା କରାଯାଇଛି।

# ପ୍ରିୟଙ୍କା ପାଇଲେ ବିଗ୍ ପ୍ରୋଜେକ୍ଟ

ୱାଶିଂଟନ୍

ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ବ୍ୟତୀତ ପ୍ରିୟଙ୍କା ଚୋପ୍ରା ଜୋନାସ ହଲିଉଡ୍‌ରେ ଅଧିକ ସକ୍ରିୟ। ଅନେକ ଇଂଲିଶ ଫିଲ୍ମରେ ଅଭିନୟ କରି ବିଦେଶୀ ସିନେପ୍ରେମୀଙ୍କ ଭଲପାଇବା ହାସଲ କରିଥିବା ପ୍ରିୟଙ୍କାଙ୍କ ହାତକୁ ଆସିଛି ଆଉ ଏକ ବଡ଼ ପ୍ରୋଜେକ୍ଟ। ନିର୍ମାଣ ହେବାକୁ ଥିବା ୱେବ୍ ସିରିଜ୍ 'ହେଡ୍ସ ଅଫ୍ ଷ୍ଟେଟ୍'ରେ ପ୍ରିୟଙ୍କା ଓ ହଲିଉଡ୍ ଅଭିନେତା ଜନ୍ ସେନା ଏକାଠି ନଜର ଆସିବାକୁ ଯାଉଛନ୍ତି। ଏ ନେଇ ଜନ୍ ଟୁଇଟରରେ ଏକ ପୋଷ୍ଟ ଶେୟାର୍ କରି ପ୍ରିୟଙ୍କାଙ୍କୁ ୱେଲ୍‌କମ୍ କରିଛନ୍ତି। ପରେ ପ୍ରିୟଙ୍କା ଜନ୍‌ଙ୍କ ଟୁଇଟ୍‌ର ରିପ୍ଲାଏ ଦେଇ ତାଙ୍କୁ ଥ୍ୟାଙ୍କ୍ୟୁ ଜଣାଇଛନ୍ତି। ଏଥିସହ ସିରିଜ୍‌ର ଶୁଟିଂ ନେଇ ସେ ଖୁବ୍ ଉତ୍ସାହିତ ଥିବା ଲେଖିଛନ୍ତି। ସୂଚନାଯୋଗ୍ୟ ପ୍ରିୟଙ୍କାଙ୍କ ହାତରେ ଏବେ ଅନେକ ହଲିଉଡ୍ ପ୍ରୋଜେକ୍ଟ ରହିଛି। ଆଗାମୀ ଦିନରେ ତାଙ୍କ ଅଭିନୀତ ଗ୍ଲୋବାଲ୍ ସ୍ପାଏ ସିରିଜ୍ 'ସିଟାଡେଲ୍' ରିଲିଜ୍ ଅପେକ୍ଷାରେ ରହିଛି। ଅନ୍ୟପକ୍ଷେ ପ୍ରିୟଙ୍କା ଏବେ ନିଜ ଫ୍ୟାମିଲି ସହ ଭାରତ ଆସିଛନ୍ତି। ଗୁରୁବାର ପ୍ରିୟଙ୍କା ଝିଅ ମାଲତି ସହିତ ମୁମ୍ବାଇସ୍ଥିତ ସିଦ୍ଧିବିନାୟକ ମନ୍ଦିର ଦର୍ଶନ କରିଛନ୍ତି। ତେବେ ପ୍ରିୟଙ୍କାଙ୍କ ଝିଅ ଜନ୍ମ ହେବା ପରେ ଏହା ତାଙ୍କର ପ୍ରଥମ ଭାରତଗସ୍ତ। ପ୍ରିୟଙ୍କାଙ୍କ ମନ୍ଦିର ଦର୍ଶନର ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।




# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

## ଭୂ-ଅର୍ଜନ ଉପବିଭାଗ

(ଭାରତ ସରକାରଙ୍କ ରାଜପତ୍ର, ଅସାଧାରଣ ଭାଗ - ୨, ଖଣ୍ଡ - ୩ (ii)ରେ ପ୍ରକାଶ ନିମନ୍ତେ)

## ଭାରତ ସରକାର

## (ସଡ଼କ ପରିବହନ ଓ ରାଜପତ୍ର ମନ୍ତ୍ରଣାଳୟ)

## ଅଧିସୂଚନା

ନୂଆଦିଲ୍ଲୀ - ୧୦।୦୩।୨୦୨୩

ସଂ. ୧୬୨ — ତା: ୦୫।୦୪।୨୦୨୩

No. XXVII-01: କା:ଆ ୧୧୩୮(ଅ) କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ କା ୪୮) (ଯାହାକି ପରେ ଉକ୍ତ ଅଧିନିୟମ ରୂପେ ଗୃହୀତ)ର ଧାରା ୩(କ)ର ଉପଧାରା (୧) ଅର୍ପିତ କ୍ଷମତାର ପ୍ରୟୋଗ ପୂର୍ବକ ଏହାର ଆବଶ୍ୟକତା ପ୍ରତୀତ ହେବା ପରେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ ମାଲକାନଗିରି ଜିଲ୍ଲାର ଜାତୀୟ ରାଜପଥ-୩୨୬ ପାଇଁ କି.ମି. ୩୭୭/୪୨୦ (ଅଁଳା ଯୋଡ଼ି) କି.ମି. ୪୨୩/୮୨୦ (ତାମସା) କି.ମି. ୪୩୩/୭୫୦ (ଏମ୍.ଭି.-୧୯) ୪୮୪/୫୦୦ (ମହାରାଜପଲ୍ଲୀ) ଉଚ୍ଚ ସେତୁ ନିର୍ମାଣ ହେଉଅଛି। ଯାହାର ଏକ ସଂକ୍ଷିପ୍ତ ଭୂମିର ଅନୁସୂଚକ ଉପରୋକ୍ତ ଉଦ୍ଦେଶ୍ୟରେ (ଘୋଷଣାନାମାରେ ପ୍ରକାଶ ନିମନ୍ତେ ଅନ୍ତର୍ଭୁକ୍ତ କରାଗଲା)

ଉକ୍ତ ଅଧିସୂଚନାର ଅଧିନିୟମ ୩(କ) ଉପଧାରା (୩) ସମ୍ବାଦ ଓ ଅନୁପମ ଭାରତ ଖବର କାଗଜରେ ୦୩।୧୧।୨୦୨୨ ଓ ୦୪।୧୧।୨୦୨୨ରେ ପ୍ରକାଶିତ କରାଯାଇଥିଲା।

ଯଦି କୌଣସି ବ୍ୟକ୍ତି ଯାହାର ଉକ୍ତ ଭୂମିରେ ସ୍ୱାର୍ଥଯୁକ୍ତ ହୋଇଥାନ୍ତି, ତେବେ ଉକ୍ତ ନିୟମର ଧାରା ୩(ଗ)ର ଉପଧାରା (୧)ର ଅନ୍ତର୍ଗତ ଏପରି ଭୂମିର ଉପଯୋଗ ସମ୍ବନ୍ଧରେ ଆପତ୍ତି କରିପାରିବେ। ଏହି ସମସ୍ତ ଆପତ୍ତିଗୁଡ଼ିକ କ୍ଷମତାପ୍ରାପ୍ତ ଅଧିକାରୀ ଅର୍ଥାତ ଡେପୁଟି କଲେକ୍ଟର ଓ (ଭୂ-ଅର୍ଜନ କ୍ଷମତାପ୍ରାପ୍ତ ଅଧିକାରୀ) କଲେକ୍ଟରେଟ, ମାଲକାନଗିରି କାର୍ଯ୍ୟାଳୟ ସମ୍ମୁଖରେ ଲିଖିତ ରୂପେ କରାଯିବ ଓ ତାହା କେଉଁ ଆଧାରରେ କରାଯାଉଅଛି, ଉଲ୍ଲେଖ ହେବ, କ୍ଷମତା ପ୍ରାପ୍ତ ଅଧିକାରୀ ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ରୂପେ କିମ୍ବା ତାଙ୍କ ଦ୍ୱାରା ନିଯୁକ୍ତ କୌଣସି ଆଇନଜୀବୀଙ୍କ ମାଧ୍ୟମରେ ଅଭିଯୋଗଗୁଡ଼ିକ ଶୁଣିବା ପାଇଁ ସୁଯୋଗ ଦେବେ ଏବଂ ତାଙ୍କ ଅଭିଯୋଗର ତର୍ଜମା ପରେ ଯଦି ଉଚିତ ମନେକରନ୍ତି ତା'ହେଲେ ବିଚାର ନିମନ୍ତେ ଗ୍ରହଣ କରିବେ କିମ୍ବା ଫେରସ୍ତ କରିବେ।

ଉକ୍ତ ଅଧିନିୟମର ଧାରା ୩(ଗ)ର ଉପଧାରା (୨)ର ଅଧୀନ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କରାଯାଇଥିବା ଆଦେଶ ଅନ୍ତିମ ବୋଲି ଧରାଯିବ।

ସ୍ୱା./- ଡେପୁଟି କଲେକ୍ଟର ତଥା ଭୂ-ଅର୍ଜନ ଅଧିକାରୀ କ୍ଷମତା ପ୍ରାପ୍ତ ଅଧିକାରୀ
HL Bridge କଲେକ୍ଟରେଟ, ମାଲକାନଗିରି ଜିଲ୍ଲା

## ଅନୁସୂଚୀ

ଓଡ଼ିଶା ରାଜ୍ୟ ଅନ୍ତର୍ଗତ ମାଲକାନଗିରି ଜିଲ୍ଲାର ଜାତୀୟ ରାଜପଥ - ୩୨୬ ପାଇଁ କି.ମି. ୩୭୭/୪୨୦ (ଅଁଳା ଯୋଡ଼ି) କି.ମି. ୪୨୩/୮୨୦ (ତାମସା) କି.ମି. ୪୩୩/୭୫୦ (ଏମ୍.ଭି. - ୧୯) ୪୮୪/୫୦୦ (ମହାରାଜପଲ୍ଲୀ) (ମାଲକାନଗିରି - ମୋଟୁ) ରୋଡ୍‌ରେ ନୂତନ ସେତୁ ନିର୍ମାଣର ନିର୍ଦ୍ଦିଷ୍ଟ ଭୂ-ଖଣ୍ଡ ନିର୍ମାଣ ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ଇତ୍ୟାଦି ସାର୍ବଜନୀନ ଉଦ୍ଦେଶ୍ୟରେ ଉକ୍ତ ଭୂ-ଅର୍ଜନ ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ର.ନଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) | ରୟତିଙ୍କ ନାମ |
|---|---|---|---|---|---|---|---|---|
| ୧ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୦୭ | ସରକାରୀ | ନାଳ | ୦.୧୭୨ | ଆବାଦ ଅଯୋଗ୍ୟ ଅନାବାଦି |
| ୨ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୦୯ | ରୟତି | ଡଙ୍ଗର - ୨ | ୦.୧୦୧ | ଜଗା କବାସୀ |
| ୩ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୧୧ | ରୟତି | ଡଙ୍ଗର - ୨ | ୦.୧୭୯ | କାନା ଜାଲି |
| ୪ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୧୨ | ରୟତି | ଡଙ୍ଗର - ୨ | ୦.୧୭୫ | ସିଙ୍ଗା ଜାଲି, ସାନସିଙ୍ଗା ଜାଲି |
| ୫ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୧୩ | ରୟତି | ଡଙ୍ଗର - ୨ | ୦.୦୬୨ | ସିଙ୍ଗା ଜାଲି, ସାନସିଙ୍ଗା ଜାଲି |
| ୬ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୧୫ | ରୟତି | ଡଙ୍ଗର - ୨ | ୦.୦୧୧ | ଜଗା କବାସୀ |
| ୭ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୨୩ | ରୟତି | ଡଙ୍ଗର - ୨ | ୦.୦୨୫ | ଜଗା କବାସୀ |
| ୮ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୨୪ | ରୟତି | ଡଙ୍ଗର - ୨ | ୦.୨୦୦ | ବଜା କୁଞ୍ଜି |
| ୯ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୨୭ | ରୟତି | ଡଙ୍ଗର - ୨ | ୦.୩୩୯ | ପଦିଆ ମାଡ଼ି |
| ୧୦ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୨୯ | ରୟତି | ଧାନ - ୨ | ୦.୩୫୩ | ଗଙ୍ଗା ମାଡ଼କାମି |
| ୧୧ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୪୧ | ରୟତି | ଧାନ - ୨ | ୦.୧୨୦ | ବଡ଼ ଇର୍ମା ମାଡ଼ି |
| ୧୨ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୪୨ | ରୟତି | ଧାନ - ୨ | ୦.୨୧୨ | ସିଙ୍ଗା ସୋଡ଼ି |
| ୧୩ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୪୩ | ରୟତି | ଧାନ - ୨ | ୦.୦୧୪ | ଏରା ମାଡ଼କାମି |
| ୧୪ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୫୦ | ରୟତି | ଧାନ - ୨ | ୦.୦୭୮ | ପଦିଆ ମାଡ଼ି |
| ୧୫ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୫୧ | ରୟତି | ଧାନ - ୨ | ୦.୦୫୫ | ଗଙ୍ଗା ମାଡ଼କାମି |
| ୧୬ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୫୨ | ରୟତି | ଧାନ - ୨ | ୦.୦୨୦ | ବଜା ମାଡ଼କାମି |
| ୧୭ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୫୩ | ରୟତି | ଡଙ୍ଗର - ୨ | ୦.୨୬୭ | ଗଙ୍ଗା ସୋଡ଼ି, ଏରା ସୋଡ଼ି, ପତି ସୋଡ଼ି, ଚନ୍ଦ୍ର ସୋଡ଼ି |
| ୧୮ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୫୪ | ରୟତି | ଘରବାରି | ୦.୧୫୧ | ଇର୍ମା ମାଡ଼କାମି, ଦୁଲା ମାଡ଼କାମି, ଏରା ମାଡ଼କାମି |
| ୧୯ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୫୪/ ୧୨୪୬ | ରୟତି | ଘରବାରି | ୦.୦୦୭ | ଇର୍ମା ମାଡ଼କାମି, ଦୁଲା ମାଡ଼କାମି, ଏରା ମାଡ଼କାମି |
| ୨୦ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୫୫ | ସରକାରୀ | ଆବାଦ ଯୋଗ୍ୟ ଅନାବାଦି | ୦.୦୭୦ | ଆବାଦ ଯୋଗ୍ୟ ଅନାବାଦି |
| ୨୧ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୫୬ | ସରକାରୀ | ଘରବାରି | ୦.୩୧୫ | ଆବାଦ ଯୋଗ୍ୟ ଅନାବାଦି |
| ୨୨ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୬୭ | ରୟତି | ଡଙ୍ଗର - ୧ | ୦.୨୮୭ | ଏରା ମାଡ଼କାମୀ |
| ୨୩ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୮୦ | ସରକାରୀ | ପଥରବାଣୀ | ୦.୨୧୯ | ଆବାଦ ଯୋଗ୍ୟ ଅନାବାଦି |
| ୨୪ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୮୨ | ରୟତି | ଡଙ୍ଗର - ୨ | ୦.୦୦୩ | ସିଙ୍ଗ ସୋଡ଼ି |
| ୨୫ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୫୮୪ | ରୟତି | ଡଙ୍ଗର - ୨ | ୦.୦୧୬ | ଏରା ମାଡ଼କାମୀ |
| ୨୬ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୬୦୨ | ସରକାରୀ | ନୟନଯୋଡ଼ି | ୦.୨୨୧ | ରକ୍ଷିତ |
| ୨୭ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୬୦୩ | ସରକାରୀ | ରାସ୍ତା | ୦.୩୪୧ | ରକ୍ଷିତ |
| ୨୮ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୬୦୪ | ସରକାରୀ | ନୟନଯୋଡ଼ି | ୦.୧୬୬ | ରକ୍ଷିତ |
| ୨୯ | ମାଲକାନଗିରି | କାଲିମେଲା | ମହାରାଜାପଲ୍ଲୀ | ୭୨୪ | ସରକାରୀ | ନାଳ | ୦.୦୦୧ | ଆବାଦ ଯୋଗ୍ୟ ଅନାବାଦି |
| ୩୦ | ମାଲକାନଗିରି | କାଲିମେଲା | କରେଲମେଟଲା | ୧୬୬୫ | ସରକାରୀ | ରାସ୍ତା | ୦.୦୦୨ | ସର୍ବସାଧାରଣ |
| ୩୧ | ମାଲକାନଗିରି | କାଲିମେଲା | କରେଲମେଟଲା | ୧୬୬୬ | ରୟତି | ଡଙ୍ଗର - ୨ | ୦.୧୫୫ | ଆନ୍ନାବାଲା ମଣ୍ଡଳ |
| ୩୨ | ମାଲକାନଗିରି | କାଲିମେଲା | କରେଲମେଟଲା | ୧୬୬୭ | ରୟତି | ଡଙ୍ଗର - ୨ | ୦.୨୨ | ବିଧାନ ଚନ୍ଦ୍ର ମଣ୍ଡଳ |
| ୩୩ | ମାଲକାନଗିରି | କାଲିମେଲା | କରେଲମେଟଲା | ୧୭ | ରୟତି | ଧାନ - ୨ | ୦.୦୧ | କିଶୋରୀ ମୋହନ ରାୟ |
| ୩୪ | ମାଲକାନଗିରି | କାଲିମେଲା | କରେଲମେଟଲା | ୧୭୨୬ | ସରକାରୀ | ଗୋଚର | ୧.୨୯ | ରକ୍ଷିତ |
| ୩୫ | ମାଲକାନଗିରି | କାଲିମେଲା | କରେଲମେଟଲା | ୧୭୩୬/୧ | ରୟତି | ଜଙ୍ଗଲ | ୦.୦୨ | ମୁକା ମାଡ଼କାମି |
| ୨୫୩/୫୫୪ | ୧୦୧୧/୧୮୬୭ | ଘରବାରି | ୦.୦୨୨ | ୦.୦୨୨ | ସନ୍ଧ୍ୟାରାଣୀ ସାହୁ, ସ୍ୱା.: ରଞ୍ଜନ କୁମାର ସାହୁ, ଜା: ବ୍ରାହ୍ମଣ, ବା: ବେନ୍ଧାଳିଆ, ଥା: ବ୍ରହ୍ମପୁର ସଦର |
| ୨୫୩/୫୭୯ | ୧୦୧୧/୧୮୯୭ | ଘରବାରି | ୦.୦୩୮ | ୦.୦୧୮ | ଶୈଳେନ୍ଦ୍ର କୁମାର ବେହେରା, ପି.: ନୃସିଂହ ଚରଣ ବେହେରା, ଜା: ରଙ୍ଗଣି, ବା: ବାଲିପଡ଼ା, ଥା: ବ୍ରହ୍ମପୁର ସଦର |
| ୨୫୩/୫୮୪ | ୯୯୬/୧୯୦୫ | ବିଲ ଦୋଫସଲି – ୧ | ୦.୦୧୭ | ୦.୦୧୭ | ରାଧିକା ବିନାୟକ, ସ୍ୱା.: ଜଗନ୍ନାଥ ବିନାୟକ, ଜା: ବ୍ରାହ୍ମଣ, ବା: ନିଜଗାଁ, ହା: ବା: ମୁମ୍ବାଇ, ଅନ୍ଧେରି ଘାଟକପୁର ଲିଙ୍କ ରୋଡ଼, ଡିସୁଜା କମ୍ପ୍ଲେକ୍ସ ନିକଟସ୍ଥ, ଜୟହିନ୍ଦ ହାଉସିଂ |
| ୨୫୩/୫୮୫ | ୯୯୬/୧୯୦୬ | ବିଲ ଦୋଫସଲି – ୧ | ୦.୦୧୯ | ୦.୦୧୯ | ରଞ୍ଜନ କୁମାର ସାହୁ, ପି.: ରାଜେନ୍ଦ୍ର ସାହୁ, କସ୍ତୁରୀ ଦାଶ, ସ୍ୱା.: ରଞ୍ଜନ କୁମାର ସାହୁ, ଜା: ବ୍ରାହ୍ମଣ, ବା: ଗୁଡ଼ାରି, ଡ଼େରା ସାହି, ଥା: ଗୁଡ଼ାରି, ଜି: ରାୟଗଡ଼ା, ହା: ବା: ଗୋଲାପଲ୍ଲୀ ସାହି, ବ୍ରହ୍ମପୁର |
| ୨୫୩/୬୦୧ | ୯୯୩/୧୯୨୫ | ବିଲ ଦୋଫସଲି – ୧ | ୦.୦୩୫ | ୦.୦୨୫ | ମୁରଳି ସାହୁ, ପି.: ଦଣ୍ଡପାଣି ସାହୁ, ଜା: ବ୍ରହ୍ମଣ, ବା: ନିଜଗାଁ |
| ୨୫୩/୬୧୦ | ୯୯୬/୧୯୪୩ | ବିଲ ଦୋଫସଲି – ୧ | ୦.୦୦୧ | ୦.୦୦୧ | କୋଲି ମୀନା, ସ୍ୱା.: କୋଲି ରାମି ରେଡ୍ଡି, ଜା: ରେଡ୍ଡି, ବା: ବିଶାଖାପାଟଣାମ ଅଲଡ୍ ଆଇ.ଟି.ଆଇ. ଜଙ୍ଗସନ୍, ସିଦ୍ଧାର୍ଦ ନଗର, ଥା: କାଞ୍ଚରପାଲମ୍ ପଞ୍ଚମ, ରା: ଆନ୍ଧ୍ରପ୍ରଦେଶ |
| ୨୫୩/୬୪୦ | ୯୯୬/୧୯୭୦ | ବିଲ ଦୋଫସଲି – ୧ | ୦.୦୧୧ | ୦.୦୧୧ | ବାବୁଲି କୁମାର ପଟ୍ଟନାୟକ, ପି.: ମାଗତି ପଟ୍ଟନାୟକ, ଜା: ବୈଶ୍ୟକରଣ, ବା: ଏନ୍.ଏ.ସି., ଦୁର୍ଯ୍ୟୋଧନ ବିହାର, ଆଇ.ବି.ଛକ, କବିସୂର୍ଯ୍ୟନଗର |
| ୨୫୩/୬୬୪ | ୧୦୧୫/୧୯୯୬ | ବିଲ ଦୋଫସଲି – ୧ | ୦.୦୦୯ | ୦.୦୦୯ | ଆରତୀରାଣୀ ପଣ୍ଡା, ସ୍ୱା.: ସୁରେଶ ପଣ୍ଡା, ଜା: ବ୍ରାହ୍ମଣ, ବା: ଜଗନ୍ନାଥ ବିହାର, ୧ମ ଲାଇନ୍ |
| ୨୫୩/୭୦୭ | ୧୦୧୫/୨୦୩୧ | ବିଲ ଦୋଫସଲି – ୧ | ୦.୦୦୫ | ୦.୦୦୫ | ଶରତ ଚନ୍ଦ୍ର ସାହୁ, ପି.: ଉଲା ସାହୁ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୫୩/୭୧୦ | ୮୫୫/୨୦୪୩ | ଘରବାରି | ୦.୦୦୫ | ୦.୦୦୫ | ସୌଗତ୍ ନାୟକ, ପି.: ଲିଙ୍ଗରାଜ ନାୟକ, ଜା: ବ୍ରାହ୍ମଣ, ବା: ଦିଗପହଣ୍ଡି ରୋଡ଼ ସାହି, ଫାଷ୍ଟଗେଟ୍, ବ୍ରହ୍ମପୁର |
| ୨୫୩/୭୩୯ | ୮୫୦/୧୭୫୨ | ବିଲ ଏକ | ୦.୦୩୩ | ୦.୦୨୯ | କଉକୋଟା ସନ୍ତୋଷ କୁମାର ସୁବୁଦ୍ଧି, ପି.କେ. ଅମର ସୁବୁଦ୍ଧି, ଜା: ବୈଶ୍ୟ, ବା: ନିଳାଦ୍ରି ବିହାର, ତୃତୀୟ ଲାଇନ୍, ବ୍ରହ୍ମପୁର |
| ୨୫୩/୮୩୦ | ୧୦୧୫/୨୧୩୮ | ଘରବାରି | ୦.୦୧୩ | ୦.୦୧୩ | ପୁଷ୍ପାଞ୍ଜଳୀ ଶତପଥୀ, ସ୍ୱା.: ରାମଚନ୍ଦ୍ର ଶତପଥୀ, ଜା: ବ୍ରାହ୍ମଣ, ବା: ସିଧୁପୁର |
| ୨୫୩/୯୦୬ | ୯୯୬/୨୨୦୬ | ବିଲ ଦୋଫସଲି – ୧ | ୦.୧୪୨ | ୦.୧୪୨ | ସୁଶିଲ କୁମାର ସାହୁ, ପି.: ନାରାୟଣ ସାହୁ, ଜା: ବ୍ରାହ୍ମଣ, ବା: ଗୋଷାଣି ନୂଆଗାଁ, ଡାମଣା ସାହି କଲୋନୀ, ପୋ/ଥା.: ଗୋଷାଣି ନୂଆଗାଁ |

# ପୁଣି ଏକ ଗାଈକୁ ଖାଇଲା ବାଘ

ନୂଆପଡ଼ା ଅଫିସ,୭।୪

ନୂଆପଡ଼ା ଜିଲାରେ ଗତ ପ୍ରାୟ ୧ ମାସ ହେବ ବାଘ ଆତଙ୍କ ଦେଖାଦେଇଛି। ବାଘ ଭୟରେ ଲୋକେ ସନ୍ଧ୍ୟା ନ ହେଉଣୁ ତାଟିକବାଟ ବନ୍ଦ କରି ରହୁଛନ୍ତି। ଏଭଳି ସ୍ଥିତିରେ ଗୁରୁବାର ନୂଆପଡା ସଦର ବନ ବିଭାଗ ରେଞ୍ଜ ଅଧୀନ ଧରମବନ୍ଧା ବିଟ ଚୁଲାଭାଟ ଗାଁରେ ପୁଣି ଏକ ଗାଈକୁ ବାଘ ଖାଇଥିବା ସୂଚନା ମିଳିଛି। ନୂଆପଡା ରେଞ୍ଜ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଗାଈ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦେଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ମତେ ଗୁରୁବାର ସକାଳେ ଗାଁର ଗୋବର୍ଦ୍ଧନ ମାଝିଙ୍କ ଗାଈ ଜଙ୍ଗଲକୁ ଚରିବାକୁ ଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶୁକ୍ରବାର ସକାଳୁ ଗାଁର ଲୋକେ ମହୁଲଫୁଲ ଗୋଟେଇବାକୁ ଜଙ୍ଗଲକୁ ଯିବା ସମୟରେ ଗାଁ ପାଖରେ ଥିବା ଚୁଲାଭାଟ ନାଳାରେ ଗାଈର ମୃତଦେହ ପଡିଥିବା ଦେଖିବାକୁ ପାଇ ଭୟରେ ଫେରି ଆସି ଗାଁରେ କହିଥିଲେ। ଗୋବର୍ଦ୍ଧନଙ୍କ ପରିବାର ଲୋକ ଗାଈ ଦେଖି ଚିହ୍ନଟ କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତ ଗାଈର ବ୍ୟବଚ୍ଛେଦ କରାଇ ଗାତ ଖୋଳି ପୋତିଦେଇଥିଲେ। ଜିଲାର କୋମନା, ବୋଡେନ ଓ ନୂଆପଡା ବ୍ଲକକୁ ସୁନାବେଡା ଅଭୟାରଣ୍ୟ ଲାଗି ରହିଛି। ମାଓବାଦୀ ଭୟରେ ବନ ବିଭାଗ ଓ ବନ୍ୟପ୍ରାଣୀ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଅଭୟାରଣ୍ୟକୁ ଯାଉ ନାହାନ୍ତି। ଅନ୍ୟପକ୍ଷେ କାଠ ମାଫିଆମାନେ ଜଙ୍ଗଲ ସଫା କରିଦେଉଥିବାରୁ ଖାଦ୍ୟ



ଅନ୍ୱେଷଣରେ ବନ୍ୟଜନ୍ତୁ ଗାଁମୁହାଁ ହେଉଛନ୍ତି। ବର୍ତ୍ତମାନ ଜିଲାର ୩ଟି ବ୍ଲକରେ ଗୋଟିଏ ମାସ ମଧ୍ୟରେ ଜଣେ ବୃଦ୍ଧାଙ୍କ ସହ ୧୯ଟି ଗୃହପାଳିତ ପ୍ରାଣୀ ମାରି ଖାଇଥିବା ବେଳେ ୨ଟି ଗୃହପାଳିତ ପ୍ରାଣୀ ମାରି ଘାଇଲା କରିଛି।

# ଅଟେଇରେ ମଇଁଷିକୁ ମାରିଲା ବାଘ



କେନ୍ଦୁଝର/ଘଟଗାଁ,୭।୪(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ୍ ଅଟେଇ ସଂରକ୍ଷିତ ଜଙ୍ଗଲ ମେଲାଣ ପାଲମଣି ସାହିରେ ବାଘ ପୁଣି ମଇଁଷି ମାରିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ଘେରାଉ କରିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ମୃତ ମଇଁଷି ମାଲିକଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ତଦନ୍ତ ପରେ ମଇଁଷି ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଞ୍ଜ୍ ଅଧିକାରୀ ପ୍ରଭାତ କୁଅଁର କହିଛନ୍ତି। ଗ୍ରାମ ନିକଟରେ ବାଘ ବୁଲୁଥିବା ଖବର ପ୍ରଚାର ପରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ସୂଚନା ଅନୁଯାୟୀ, ସାହିର କୁତୁଲୁ ମୁଣ୍ଡାଙ୍କ ୮ଟି ମଇଁଷି ସକାଳେ ଜଙ୍ଗଲରେ ଚରିବୁଲି ଘରକୁ ଫେରିବା ପରେ ଏକ ମଇଁଷି ଖଣ୍ଡିଆଖାବରା ହୋଇଥିବା କୁତୁଲୁ ଦେଖିଥିଲେ। ତେବେ ପୂର୍ବାହ୍ନ ପ୍ରାୟ ୧୧ଟାରେ ସେହି ମଇଁଷିର ମୃତ୍ୟୁ ହୋଇଥିଲା। ବାଘ ଆକ୍ରମଣରେ ମୃତ୍ୟୁ ହୋଇଥିବା ଦାବିକରି ମାଲିକ ଓ ଗ୍ରାମବସୀ କ୍ଷତିପୂରଣ ପାଇଁ ଅଡ଼ିବସିଥିଲେ। ଉକ୍ତ ଅଟେଇ ଜଙ୍ଗଲରେ ମାସେ ତଳେ ଏକ ମହାବଳ ବାଘ ବୁଲୁଥିବା ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବନ ବିଭାଗ ବାଘ ଓ ଲୋକଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଆସୁଛି। ତେବେ କିଛିଦିନ ତଳେ ତିନୋଟି ମଇଁଷିର ମୃତଦେହ ଜଙ୍ଗଲରୁ ମିଳିବା ପରେ ପୁଣି ବାଘ ଆକ୍ରମଣ ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଜଙ୍ଗଲକୁ ଗୃହପାଳିତ ପ୍ରାଣୀ ନ ଛାଡ଼ିବାକୁ ବିଭାଗ ବାରମ୍ବାର ତାଗିଦ୍ କରୁଥିଲେ ହେଁ ସ୍ଥାନୀୟ ଲୋକେ ଛାଡୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

# କୁକୁଡ଼ା ଚୋରିରୁ ଏସିଡ୍ ମାଡ଼

## ୪ ଆହତ, ଯୁବକଙ୍କ ଆଖି ନଷ୍ଟ ଆଶଙ୍କା

ବଲାଙ୍ଗୀର ଅଫିସ,୭।୪

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅଞ୍ଚଳରେ କୁକୁଡା ଚୋରି ଅଭିଯୋଗକୁ ନେଇ ଶୁକ୍ରବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ସହ ଏସିଡ୍ ମାଡ ହେବାରୁ ୪ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଜଗବନ୍ଧୁ ସାହୁ, ସୁବାସ ସାହୁ, ସଞ୍ଜୁ ଓ ଖଗ ସାହୁ। ଆହତଙ୍କ ଭିତରୁ ସୁବାସଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏସିଡ୍ ପଡିଯିବାରୁ ତାଙ୍କ ଆଖି ନଷ୍ଟ ହୋଇଯିବାର ଆଶଙ୍କା କରାଯାଉଛି। ପ୍ରକାଶ ଯେ, ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବଙ୍ଗୋମୁଣ୍ଡା ସାହୁପଡାର ଜଗବନ୍ଧୁ ସାହୁ ଓ ନେପାଳ ସାହୁଙ୍କ ପରିବାର ମଧ୍ୟରେ କୁକୁଡା ଚୋରିକୁ ନେଇ ଗଣ୍ଡାଗୋଳ ଘଟିଥିଲା। ଗତ ରବିବାର ଦିନ କେହି ଜଣେ ନେପାଳଙ୍କ କୁକୁଡା ଚୋରି କରି ନେଇଥିବା ଜଣାପଡିଥିଲା। ସେ ଏନେଇ ତାଙ୍କ ପିଉସୀ ପୁଅ ଭାଇ ଜଗବନ୍ଧୁଙ୍କ ପରିବାରକୁ ଦାୟୀ କରିଥିଲେ। ଏହାକୁ ନେଇ ଉଭୟ ପରିବାର ଭିତରେ କଳହର ସୂତ୍ରପାତ ହୋଇଥିଲା। ଘଟଣା ଦିନ ଜଗବନ୍ଧୁଙ୍କ ପରିବାର ଲୋକେ ନୂଆପଡା ଜିଲା ଲଖନାକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ।






ତେଣୁ ସେମାନଙ୍କ ଭିତରୁ କେହି କୁକୁଡା ଚୋରି କରିନାହାନ୍ତି ବୋଲି କହିଥିଲେ। ମାତ୍ର ବିବାଦ ଥମି ନ ଥିଲା। ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ନେଇ ଜଗବନ୍ଧୁ ଓ ତାଙ୍କ ପରିବାର ଲୋକେ ବଙ୍ଗୋମୁଣ୍ଡା ଥାନାକୁ ଯାଇଥିଲେ। ତେବେ ସେଠାରେ ସେମାନଙ୍କ ଅଭିଯୋଗ ରଖାଯାଇ ନ ଥିଲା। ପୋଲିସ ଥାନାରୁ ଚାଲିଯିବାକୁ କହିବାରୁ ସେମାନେ ଘରକୁ ଫେରିଥିଲେ ବୋଲି ଜଗବନ୍ଧୁ କହିଛନ୍ତି। ଶୁକ୍ରବାର ଅପରାହ୍ଣରେ ପୁଣି ଥରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା । ଏହି ସମୟରେ ନେପାଳ ଏକ ଏସିଡ୍ ବୋତଲ ଆଣି ଏହାକୁ ପ୍ରତିପକ୍ଷ ଗୋଷ୍ଠୀଙ୍କ ଉପରକୁ ଫିଙ୍ଗି ଦେଇଥିଲେ। ଏସିଡ୍ ଜଗବନ୍ଧୁ , ତାଙ୍କ ଭାଇ ସୁବାସ , ମା' ସଞ୍ଜୁ ସାହୁ ଓ ଶଳା ଖଗ ସାହୁଙ୍କ ଦେହରେ ପଡିଥିଲା। ଏସିଡ୍ ବୋତଲ ସୁବାସଙ୍କ ଆଖିରେ ପଡି ଯାଇଥିଲା। ଏସିଡ୍ ମାରିବା ପରେ ବି ଏକ ଠେଙ୍ଗାରେ ନେପାଳ ଓ ତାଙ୍କ ବାପା ଜଗବନ୍ଧୁଙ୍କୁ ଠେଙ୍ଗାରେ ମାଡ ମାରିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଛି। ସମସ୍ତ ଆହତ ବ୍ୟକ୍ତିଙ୍କୁ ଦୁଇଟି ୧୦୮ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୋଲିସର ଅବହେଳା କାରଣରୁ ଏଭଳି ଘଟଣା ଘଟିଲା ବୋଲି ପୀଡିତ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ପ୍ରତିପକ୍ଷ ଗୋଷ୍ଠୀର ନେପାଳ ସାହୁ ଏବଂ ତାଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ଘଟଣା ସମ୍ପର୍କରେ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମରାଣ୍ଡିଙ୍କୁ ପଚରା ଯିବାରେ ଦୁଇ ସମ୍ପର୍କୀୟ ପରିବାର ଭିତରେ ଗଣ୍ଡଗୋଳ ହୋଇଛି ଓ ଏହାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

| | | | | | |
|---|---|---|---|---|---|
| ୭୯୧/୧୨୧୮ | ୬୩୦/୩୨୪୯ | ଜଳ ସେଚିତ | ୦.୦୪୨ | ୦.୦୪୨ | ଚିନାରି ଶ୍ରୀନିବାସ ରାଓ, ପି- ଚି. ରାମସ୍ୱାମୀ, ଜା- ଗୋଲା, ବା- ପାର୍କସାହି |
| ୭୯୧/୧୨୨୩ | ୬୩୦/୩୨୫୨ | ବଗାୟତ-୨ | ୦.୦୪୨ | ୦.୦୪୨ | ଜାନିଲା, ହେମଲତା, ସ୍ୱା- ଜେ. ରାଧାଶ୍ୟାମ, ଜା- ଯାଦବ, ବା- ପାର୍କସାହି |
| ୭୯୧/୧୨୨୫ | ୬୨୭/୩୨୫୪ | ପଦର | ୦.୦୦୫ | ୦.୦୦୫ | ମନୋଜ କୁମାର ମହାନ୍ତି, ପି- ବିନାୟକ ମହାନ୍ତି, ଜା- ବ୍ରାହ୍ମଣ, ବା- ଗୋଷାଣି ନୂଆଗାଁ |
| ୭୯୧/୧୨୨୫ | ୬୨୮/୩୨୫୫ | ପଦର | ୦.୦୧୫ | ୦.୦୧୫ | |
| ୭୯୧/୧୨୪୭ | ୬୩୦/୩୨୭୧ | ବିଲ ଦୋଫସଲି-୧ | ୦.୦୪୨ | ୦.୦୪୨ | ବଂଶିଟି ପୂର୍ଣ୍ଣ ରାଓ, ପି- ବି,ସାରିୟା, ଜା- ଡେରା, ବା- ବାଲାଜୀପେଣ୍ଠ ସାହି |
| ୭୯୧/୧୨୬୨ | ୫୯୮/୩୨୮୫ | ପଦର-୧ | ୦.୦୩୦ | ୦.୦୩୦ | ମନୋଜ କୁମାର ମହାନ୍ତି, ପି- ବିନାୟକ ମହାନ୍ତି, ଜା- ବ୍ରାହ୍ମଣ, ବା- ଗୋଷାଣି ନୂଆଗଆଁ |
| ୭୯୧/୧୩୦୧ | ୫୯୮/୩୩୨୭ | ପଦର-୨ | ୦.୦୧୭ | ୦.୦୧୭ | ତାରିଣୀ ମହାରଣା, ପି- ନରହରି ମହାରଣା, ଜା- ବଢ଼େଇ, ବା- ଲାଞ୍ଜିପଲ୍ଲୀ |
| ୭୯୧/୧୩୦୧ | ୬୦୩/୩୩୨୬ | ପଦର-୨ | ୦.୦୦୩ | ୦.୦୦୩ | |
| ୭୯୧/୧୩୭୬ | ୬୦୨/୩୩୯୩ | ପଦର-୧ | ୦.୦୦୫ | ୦.୦୦୫ | ଉଜ୍ଜଳ ମହାରଣା, ପି- ପିତାମ୍ବର ମହାରାଣା, ଜା- ବଢେଇ, ବା- ନୂଆପେଣ୍ଠ ସାହି, ଜରଡା |
| ୭୯୧/୧୩୭୯ | ୬୦୧/୩୩୯୬ | ପଦର-୧ | ୦.୦୧୫ | ୦.୦୧୫ | ଉଜ୍ଜଳ ମହାରଣା, ପି- ପିତାମ୍ବର ମହାରାଣା, ଜା- ବଢେଇ, ବା- ନୂଆପେଣ୍ଠ ସହି, ଜରଡା |
| ୭୯୧/୧୩୮୩ | ୬୦୧/୩୩୯୮ | ପଦର-୧ | ୦.୦୧୫ | ୦.୦୧୫ | ରୀତା କୁମାରୀ ସାହୁ, ସ୍ୱା- ନାରାୟଣ ସାହୁ, ଜା- ବ୍ରାହ୍ମଣ, ବା- ଚଣ୍ଡିପୁର, ଜରଡା |
| ୭୯୧/୧୩୮୪ | ୬୦୨/୩୩୯୯ | ପଦର-୧ | ୦.୦୦୫ | ୦.୦୦୫ | ରୀତା କୁମାରୀ ସାହୁ, ସ୍ୱା- ନାରାୟଣ ସାହୁ, ଜା- ବ୍ରାହ୍ମଣ, ବା- ଚଣ୍ଡିପୁର, ଜରଡା |
| ୭୯୧/୧୪ | ୭୪୦ | ବିଲ ଜଳ ସେଚିତ-୨ | ୧.୪୭୦ | ୦.୩୭୦ | ଭଗବାନ ସାହୁ, ପି- ମଙ୍ଗୁଲୁ ସାହୁ, ଜା- ବ୍ରାହ୍ମଣ, ବା-ଗୋଷାଣି ନୂଆଗାଁ, ନୂଆସାହି |
| ୭୯୧/୧୪୩୯ | ୬୨୯/୩୪୪୭ | ପଦର-୧ | ୦.୦୨୦ | ୦.୦୨୦ | ଗୀତାଞ୍ଜଳି ଦେବୀ, ସ୍ୱା- ସୀମାଞ୍ଚଳ ଚୌଧୁରୀ, ଜା- ବ୍ରାହ୍ମଣ, ବା- ଖାରିଣିପଡା |
| ୭୯୧/୧୪୬୨ | ୬୦୩/୩୪୬୬ | ପଦର | ୦.୦୪୧ | ୦.୦୩୯ | ସନ୍ତୋଷ କୁମାର ପଟ୍ଟନାୟକ, ପି- ରଘୁନାଥ ପଟ୍ଟନାୟକ, ଜା- କରଣ, ବା- ବିଜିପୁର ଲକ୍ଷ୍ମୀସାହି, ବ୍ରହ୍ମପୁର |
| ୭୯୧/୧୪୬୮ | ୬୨୬/୩୪୭୨ | ବିଲ | ୦.୧୧୨ | ୦.୧୧୨ | ବେଣୁପାଣି ବେହେରା, ପି- ଆପନା ବେହେରା, ଜା- କଣ୍ଡରା, ବା- ମାର୍କଣ୍ଡି |
| ୭୯୧/୧୪୭୪ | ୫୯୫/୩୪୭୯ | ଘରବାରି | ୦.୦୩୩ | ୦.୦୩୩ | ଗୋଲାପ ମଣ୍ଡଳ, ସ୍ୱା- ଶ୍ରବସ ମଣ୍ଡଳ, ଜା- ଖଣ୍ଡାୟତ, ବା- ଆଙ୍କୁଲି |
| ୭୯୧/୧୪୮୮ | ୬୫୧/୩୪୮୭ | ଘରବାରି | ୦.୦୨୦ | ୦.୦୨୦ | ରଞ୍ଜିତା ପାଣିଗ୍ରାହୀ, ପି- ଜଗବନ୍ଧୁ ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ପାରଳାଖେମୁଣ୍ଡି ଭିକ୍ଟର କଲୋନୀ |
| ୭୯୧/୧୪୯୩ | ୭୧୨ | ବିଲ ଜଳ ସେଚିତ-୨ | ୦.୩୪୦ | ୦.୦୨୭ | କେ. ଲାଛେୟା ପାତ୍ର, ପି- କେ. ରଘୁନାଥ ପାତ୍ର, ଜା- ଗୋଲା, ବା- ନିଜଗାଁ |
| ୭୯୧/୧୪୯୩ | ୭୧୯ | ବିଲ ଜଳ ସେଚିତ-୨ | ୦.୪୧୫ | ୦.୩୧୫ | |
| ୭୯୧/୧୪୯୫ | ୬୫୧/୩୪୯୩ | ଘରବାରି | ୦.୦୨୦ | ୦.୦୨୦ | ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ସ୍ୱା- ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ଶିବାନଗର ଡାଲ୍‌ଡାମିଲ୍, ଛତ୍ରପୁର, ଥାନା- ଛତ୍ରପୁର |
| ୭୯୧/୧୪୯୯ | ୬୫୧/୩୪୯୫ | ଘରବାରି | ୦.୦୪୧ | ୦.୦୨୯ | ଦିଲ୍ଲିପ କୁମାର ଭୂୟାଁ, ପି- ଗନ୍ତାୟତ ଭୂୟାଁ, ଜା- କାଳଞ୍ଜି, ବା- ଗୋବିନ୍ଦପୁର, ଥାନା- ଶେରଗଡ଼ |
| ୭୯୧/୧୫୦୮ | ୫୮୦/୩୫୦୫ | ବିଲ ଜଳ ସେଚିତ-୧ | ୦.୧୯୪ | ୦.୧୯୪ | ସରୋଜ କୁମାର ପାଣିଗ୍ରାହୀ, ପି- ଦଣ୍ଡପାଣି ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ସତ୍ୟନାରାୟଣପୁର, ଗୋପାଳପୁର |
| ୭୯୧/୧୫୨୭ | ୬୨୬/୩୫୧୯ | ବିଲ ଅଣ ଜଳସେଚିତ-୧ | ୦.୦୬୭ | ୦.୦୬୭ | କାଲୁ ସେଠୀ, ପି- ନାଥ ସେଠୀ, ଜା- ଧୋବା, ବା- କୃଷ୍ଣପୁର |
| ୭୯୧/୧୫୩୭ | ୬୨୬/୩୫୨୭ | ବିଲ ଅଣ ଜଳସେଚିତ-୧ | ୦.୦୪୭ | ୦.୦୪୭ | ଚନ୍ଦ୍ରଶେଖର ବେହେରା, ପି- ରଘୁନାଥ ବେହେରା, ଜା- ଧୋବା, ବା- ଲାଞ୍ଜିପଲ୍ଲୀ |
| ୭୯୧/୧୬୦୩ | ୫୮୧ | ବିଲ ଜଳ ସେଚିତ-୧ | ୦.୨୧୦ | ୦.୦୨୭ | ନାକା ଆପନ୍ନା, ପି- ନାକା ଏଙ୍କେୟା, ଜା- ମାଟିଆ, ବା- ମଦନମୋହନପୁର |
| ୭୯୧/୧୬୧୩ | ୫୮୦/୩୫୮୮ | ବିଲ ଜଳ ସେଚିତ-୧ | ୦.୦୧୭ | ୦.୦୧୭ | ନାକା ତ୍ରିପତୀ, ପି- ନାକା ନାଲେୟା, ଜା- ମାଟିଆ, ବା- ନିଜଗାଁ |
| ୭୯୧/୧୬୧୪ | ୫୮୦/୩୫୮୯ | ବିଲ ଜଳ ସେଚିତ-୧ | ୦.୦୧୭ | ୦.୦୧୭ | ନାକା ଶ୍ରୀରାମୁଲୁ, ପି- ନାକା ସିଙ୍ଗା, ଜା- ମାଟିଆ, ବା- ନିଜଗାଁ |
| ୭୯୧/୧୬୩୨ | ୫୮୦/୩୬୦୪ | ବିଲ ଜଳ ସେଚିତ-୧ | ୦.୦୧୭ | ୦.୦୧୭ | ନାକା ରାଜୁ, ପି- ନାକା ଚେନେୟା, ଜା- ମାଟିଆ, ବା- ନିଜଗାଁ |
| ୭୯୧/୧୬୬୧ | ୬୨୯/୩୬୩୦ | ପଦର | ୦.୦୨୦ | ୦.୦୨୦ | ଉମେଶ କୁମାର ବାରିକ, ପି-ଲକ୍ଷ୍ମୀଧର ବାରିକ, ଜା- ଭଣ୍ଡାରି, ବା-ଲାଞ୍ଜିପଲ୍ଲୀ, ବ୍ରହ୍ମପୁର |
| ୭୯୧/୧୬୮୬ | ୬୩୧/୩୬୫୭ | ଘରବାରି | ୦.୦୦୬ | ୦.୦୦୬ | କବିରାଜ ଚୌଧୁରୀ, ପି- ରାଧାକୃଷ୍ଣ ଚୌଧୁରୀ, ଜା- ବ୍ରାହ୍ମଣ, ବା- ଗୋଦାବରୀନଗର, ୪ର୍ଥ ଲାଇନ୍ |
| ୭୯୧/୧୬୮୯ | ୬୩୧/୩୬୬୦ | ଘରବାରି | ୦.୦୦୬ | ୦.୦୦୬ | ମମତା ମହାନ୍ତି, ସ୍ୱା- ମହେନ୍ଦ୍ର କୁମାର ମହାନ୍ତି, ଜା- ବ୍ରାହ୍ମଣ, ବା- ଗୋଦାବରୀ ନଗର, ୩ୟ ଲାଇନ୍ |
| ୭୯୧/୧୮୫୧ | ୬୩୦/୩୭୯୩ | ବିଲ ଅଣଜଳ ସେଚିତ-୧ | ୦.୦୨୦ | ୦.୦୨୦ | ଝିଲି ବିଷୋୟୀ, ସ୍ୱା- କାଳିଆ ବିଷୋୟୀ, ଜା- ଦଳୁଆ, ବା- ତୁଳସୀ ନଗର, ଷଷ୍ଠ ଲାଇନ୍ |
| ୭୯୧/୧୮୯୫ | ୫୮୦/୩୮୩୦ | ବିଲ ଜଳ ସେଚିତ-୧ | ୦.୦୧୭ | ୦.୦୧୭ | ଇପ୍ପୁରୁ ମାଣିକ ରାଓ, ସ୍ୱା- ଇ. ରାମଚନ୍ଦ୍ର ରାଓ, ଜା- ମାଟିଆ, ବା- ନିଜଗାଁ |
| ୭୯୧/୧୯୭୨ | ୫୮୦/୩୮୯୧ | ବିଲ ଜଳ ସେଚିତ-୧ | ୦.୦୨୬ | ୦.୦୨୬ | ଅଭି ପ୍ରଧାନ, ପି- ଲାଛେୟା ପ୍ରଧାନ, ଜା- ମାଟିଆ, ବା- ବାଣପୁର, ଖୋର୍ଦ୍ଧା |
| ୭୯୧/୧୯୯୬ | ୬୦୫ | ବିଲ ଅଣଜଳ ସେଚିତ-୧ | ୦.୩୩୫ | ୦.୦୨୫ | ଗଣେଶ ଜେନା, ପି- ପ୍ରଫୁଲ ଜେନା, ଜା- ଦଳୁଆ, ବା- କନିଷହାଟ |
| ୭୯୧/୨୦୩୩ | ୬୩୦/୩୯୪୦ | ବିଲ ଅଣ ଜଳ ସେଚିତ-୧ | ୦.୦୨୦ | ୦.୦୨୦ | ଗିରିଶ ଚନ୍ଦ୍ର ଗୌଡ଼, ପି- ଦୁଃଖୀ ଗୌଡ଼,ଜା- ଗଉଡ଼, ବା- ଚଡେୟାପଲ୍ଲୀ |
| ୭୯୧/୨୧୫୩ | ୫୯୮/୪୦୩୯ | ପଦର | ୦.୦୧୩ | ୦.୦୧୩ | ସୁଶାନ୍ତ କୁମାର ପାତ୍ର, ପି- କାମନା ପାତ୍ର, ଜା- ଦଳୁଆ, ବା- ବିଜିପୁର |
| ୭୯୧/୨୩୩୪ | ୬୨୭/୪୨୫୫ | ପଦର | ୦.୦୦୩ | ୦.୦୦୩ | ରଜନୀକାନ୍ତ ଶତପଥୀ, ପି- ଚନ୍ଦ୍ରଶେଖର ଶତପଥୀ, ଜା- ବ୍ରାହ୍ମଣ, ବା- ଆଙ୍କୁଲି |
| ୭୯୧/୨୩୩୪ | ୬୨୮/୪୨୫୬ | ପଦର | ୦.୦୧୭ | ୦.୦୧୭ | |
| ୭୯୧/୨୩୪ | ୮୦ | ବିଲ ଜଳ ସେଚିତ-୨ | ୦.୩୫୦ | ୦.୩୨୯ | ଗୋଲାପଲି ଏଙ୍କେୟା, ପି- ଗୋଲାପଲି ରାମେୟା, ଜା- ମାଟିଆ, ବା- ନିଜଗାଁ |
| ୭୯୧/୨୩୫୨ | ୬୦୧/୪୨୨୪ | ପଦର | ୦.୦୩୦ | ୦.୦୩୦ | ଦମୟନ୍ତି ସାହୁ, ସ୍ୱା- ସୁଦର୍ଶନ ସାହୁ, ଜା- ଶୁଣ୍ଡି, ବା- ଶାସ୍ତ୍ରୀନଗର-୨, ବ୍ରହ୍ମପୁର |
| ୭୯୧/୨୩୭୫ | ୬୨୭/୩୦୭୨ | ପଦର | ୦.୦୦୫ | ୦.୦୦୫ | ଭଗବାନ ପାଢୀ, ପି- ନାରାୟଣ ପାଢୀ, ଜା- ବ୍ରାହ୍ମଣ, ବା- ଅଶୋକ ନଗର, ୪ର୍ଥ ଲାଇନ୍, ବ୍ରହ୍ମପୁର |
| ୭୯୧/୨୪୨୪ | ୬୩୧/୨୧୪୫ | ଘରବାରି | ୦.୦୦୪ | ୦.୦୦୪ | କୁନ୍ତଳା କୁମାରୀ ଚୌଧୁରୀ, ସ୍ୱା- ଭଗନାନ ଚୌଧୁରୀ, ଜା- ବ୍ରାହ୍ମଣ, ବା- ତିନିଘରିଆ, ଜରଡା |
| ୭୯୧/୨୪୩୬ | ୬୦୨/୩୧୪୦ | ପଦର | ୦.୦୫୧ | ୦.୦୨୫ | ଗୀତାଞ୍ଜଳି ପାତ୍ର, ସ୍ୱା- ହରିକୃଷ୍ଣ ପାତ୍ର, ଜା- ଦଳୁଆ, ବା- ତୋଟାସାହି, ଖୋଡିସିଙ୍ଗି, ବ୍ରହ୍ମପୁର |
| ୭୯୧/୨୪୭୦ | ୬୦୨/୪୩୧୩ | ଘରବାରି | ୦.୦୦୩ | ୦.୦୦୩ | ପ୍ରିୟଙ୍କା ସାହାଣି, ସ୍ୱା- ସନ୍ତୋଷ କୁମାର ଜେନା, ଜା- ଦଳୁଆ, ବଠା-ନେହେରୁ ନଗର, ୬ଷ୍ଠ ଲାଇନ୍, ବ୍ରହ୍ମପୁର |
| ୭୯୧/୨୪୭୧ | ୬୦୧/୪୩୧୪ | ଘରବାରି | ୦.୦୦୨ | ୦.୦୦୨ | ସୁଧାଂଶୁ ଶେଖର ଦାସ, ପି- କେଦାରଗୌରୀ ଦାସ, ଜା- ବ୍ରାହ୍ମଣ, ବା- ବୁଗୁଡା, ସୀମାଞ୍ଚଳ ମାର୍ଗ |
| ୭୯୧/୨୪୭୧ | ୬୨୯/୪୩୧୫ | ଘରବାରି | ୦.୦୧୮ | ୦.୦୧୮ | |
| ୭୯୧/୨୪୭୨ | ୬୦୧/୪୩୧୬ | ଘରବାରି | ୦.୦୧୩ | ୦.୦୧୩ | ସୌଦାମିନି ଦାସ, ସ୍ୱା- କେଦାରଗୌରୀ ଦାସ, ଜା- ବ୍ରାହ୍ମଣ, ବା- ବୁଗୁଡା, ସୀମାଞ୍ଚଳ ମାର୍ଗ |
| ୭୯୧/୨୪୭୨ | ୬୨୯/୪୩୧୭ | ଘରବାରି | ୦.୦୦୭ | ୦.୦୦୭ | |
| ୭୯୧/୨୫୨୨ | ୬୨୯/୨୭୮୫ | ପଦର | ୦.୦୪୧ | ୦.୦୪୧ | ରୀନା ସାହୁ, ସ୍ୱା- ସୁରେନ୍ଦ୍ରନାଥ ସାହୁ, ଜା- ରଙ୍ଗୁଣୀ, ବା- ଜଗନ୍ନାଥ ମାର୍ଗ, ହିଞ୍ଜିଳିକାଟୁ |
| ୭୯୧/୨୫୪୮ | ୬୦୧/୪୩୭୨ | ପଦର | ୦.୦୨୧ | ୦.୦୨୧ | କାଳୀପ୍ରସାଦ ମହାପାତ୍ର, ପି- ଶଶିଭୂଷଣ ମହାପାତ୍ର, ଜା- ବ୍ରାହ୍ମଣ, ବା- କନିଷି ହାଟ |
| ୭୯୧/୨୫୬୮ | ୬୦୧/୨୬୮୬ | ପଦର | ୦.୦୨୦ | ୦.୦୨୦ | ପ୍ରଦୀପ କୁମାର ମହାପାତ୍ର, ପି- ଶଶିଭୂଷଣ ମହାପାତ୍ର, ଜା- ବ୍ରାହ୍ମଣ, ବା- କନିଷି ହାଟ |
| ୭୯୧/୨୬୦୯ | ୬୫୨ | ବିଲ ଜଳ ସେଚିତ-୨ | ୧.୪୫୫ | ୦.୩୮୧ | କରାଡି ସୁରେଶ କୁମାର ପାତ୍ର, କରାଡି ଶିବା ପାତ୍ର, ପି- କରାଡି ରାମେୟା ପାତ୍ର, ଜା- ଗୋଲା, ବା- ମନଦନମୋହନପୁର |
| ୭୯୧/୨୬୧୬ | ୫୮୦/୪୪୧୧ | ବିଲ ଜଳ ସେଚିତ-୧ | ୦.୦୨୮ | ୦.୦୦୪ | ପ୍ରଫୁଲ କୁମାର ପ୍ରଧାନ,ପି- ବୀର ପ୍ରଧାନ, ଜା- ମାଟିଆ, ବା- ବାଣପୁର, ଖୋର୍ଦ୍ଧା |
| ୭୯୧/୨୬୨୭ | ୬୫୧/୩୪୯୦ | ଘରବାରି | ୦.୦୨୦ | ୦.୦୨୦ | ମୃତ୍ୟୁଞ୍ଜୟ ଦାଶ, ପି- ଦୟାନିଧି ଦାଶ, ଜା- ବ୍ରାହ୍ମଣ, ବା- ବାଲିମେଳା ଏନ.ଏ.ଏସି., ଅରବିନ୍ଦ ଲାଇନ୍, ଥାନା- ଓର୍କେଲ, ଜିଲ୍ଲା- ମାଲକାନଗିରି |
| ୭୯୧/୨୭୨୯ | ୬୦୧/୩୭୪୨ | ପଦର | ୦.୦୧୪ | ୦.୦୧୪ | ଅଜୟ କୁମାର ପଣ୍ଡା, ପି- ହରିଶ୍ଚନ୍ଦ୍ର ପଣ୍ଡା, ଜା- ବ୍ରାହ୍ମଣ, ବା- ଡୁଲୁ ରୋଡ, କନିଷି ହାଟ |
| ୭୯୧/୨୭୨୯ | ୬୦୨/୩୭୪୦ | ପଦର | ୦.୦୦୬ | ୦.୦୦୬ | |
| ୭୯୧/୨୭୮୬ | ୬୫୧ | ଘରବାରି | ୦.୦୨୦ | ୦.୦୨୦ | ସାରଥି ପ୍ରସାଦ ଗଉଡ, ପି-ଦୁର୍ଯ୍ୟୋଧନ ଗୌଡ, ଜା- ଗଉଡ, ବା- ବାଘଲଟି, ପୋ- ସିଂହଳା |
| ୭୯୧/୨୭୯୧ | ୬୦୩/୨୫୩୭ | ପଦର | ୦.୨୦ | ୦.୦୨୦ | ଡି. ବିଜୟଲକ୍ଷ୍ମୀ ପାତ୍ର, ସ୍ୱା- ହନୁମନ୍ତ ସନ୍ତୋଷ, ଜା- କାଳଞ୍ଜି, ବା- ବିଜିପୁର ୧ମ ତୋଟା ସାହି, ପୋ- ବ୍ରହ୍ମପୁର, ଥା- ଗୋଷାଣି ନୂଆଗାଁ |
| ୭୯୧/୨୮୦୦ | ୬୦୧/୪୫୬୪ | ଘରବାରି | ୦.୦୧୬ | ୦.୦୧୬ | ଲିପିକା ମହାପାତ୍ର, ସ୍ୱା- ରବିନ୍ ଚନ୍ଦ୍ର ମହାପାତ୍ର, ଜା-ବ୍ରାହ୍ମଣ, ବା- କନିଷି |
| ୭୯୧/୨୮୦୦ | ୬୦୩/୨୩୬୩ | ଘରବାରି | ୦.୦୦୨ | ୦.୦୦୨ | |
| ୭୯୧/୨୮୦୨ | ୬୩୦ | ବିଲ ଅଣ ଜଳ ସେଚିତ-୧ | ୦.୦୫୦ | ୦.୦୫୦ | କୁରୀ ପାତ୍ର, ସ୍ୱା- ଲିଙ୍ଗରାଜ ପାତ୍ର, ଜା- ଗୋଲା, ବା- ବିଜିପୁର, ବ୍ରହ୍ମପୁର |
| ୭୯୧/୨୯୨୭ | ୫୯୮/୪୬୩୭ | ପଦର | ୦.୦୨୧ | ୦.୦୨୧ | ତୋଟା ରଘୁନାଥ ରାଓ, ପି- ଟି. ମୁକୁନ୍ଦ ରାଓ, ଜା- କ୍ଷତ୍ରୀୟ, ବା- ବ୍ରହ୍ମପୁର |
| ୭୯୧/୨୯୮୫ | ୬୦୧/୪୭୪୬ | ପଦର | ୦.୦୧୦ | ୦.୦୧୦ | ପ୍ରଶାନ୍ତ କୁମାର ପଟ୍ଟନାୟକ, ପି- ନୀଳାଞ୍ଚଳ ପଟ୍ଟନାୟକ, ଜା-କରଣ, ବା- ମଙ୍ଗଳରାଜ ସାହି, ନବରଙ୍ଗପୁର |
| ୭୯୧/୩୦୩୫ | ୬୩୧/୨୧୨୯ | ଘରବାରି | ୦.୦୧୦ | ୦.୦୧୦ | ହରିଚନ୍ଦ୍ର ପଣ୍ଡା, ପି- ସୀମାଞ୍ଚଳ ପଣ୍ଡା, ଜା- ବ୍ରାହ୍ମଣ, ବା- ବାଦପୁର, ସାନ ସାହି |
| ୭୯୧/୩୨୮ | ୬୬୪ | ବିଲ ଜଳ ସେଚିତ-୨ | ୦.୩୯୦ | ୦.୩୦୧ | କରାଡି ବିଷ୍ଣୁ ପାତ୍ର, କରାଡି ଲଡୁ ଓରଫ୍ କରାଡି ଲକ୍ଷ୍ମୀ ନାରାୟଣ ପାତ୍ର, କରାଡି ଚେନ୍ନୁ ଓରଫ୍ କରାଡି ନରସିଂହ ପାତ୍ର, କରାଡି ବାବୁଲା ପାତ୍ର, ପି- କରାଡି ଦଣ୍ଡପାଣି ପାତ୍ର, କରାଡି ଦୁର୍ଯ୍ୟୋଧନ ପାତ୍ର, ମାଇନର ହେତୁ ଗାର୍ଡିୟାନ, ମାତା- କରାଡି କାମାକ୍ଷୀ, କରାଡି କାମାକ୍ଷୀ, ସ୍ୱା- କରାଡି ଦଣ୍ଡପାଣି ପାତ୍ର, ଜା- ଗୋଲା, ବା- ନିଜଗାଁ |
| ୭୯୧/୩୨୮ | ୬୬୫ | ବିଲ ଜଳ ସେଚିତ-୨ | ୨.୦୪୦ | ୦.୧୩୧ | |
| ୭୯୧/୩୨୯ | ୬୩୨/୨୧୧୦ | ଘରବାରି | ୦.୦୪୧ | ୦.୦୪୧ | ସଂଯୁକ୍ତା କୁମାରୀ ଗନ୍ତାୟତ, ସ୍ୱା- ପ୍ରଶାନ୍ତ କୁମାର ଗନ୍ତାୟତ, ଜା- ବ୍ରାହ୍ମଣ, ବା- ଭୁବନେଶ୍ୱର, ୟୁନିଟ୍-୩ |
| ୭୯୧/୩୩୦ | ୬୩୨/୨୧୧୧ | ଘରବାରି | ୦.୦୪୧ | ୦.୦୪୧ | ଚିତ୍ତ ରଞ୍ଜନ ସାହୁ, ପି- ବିନୋଦ କୁମାର ସାହୁ, ଜା- ବ୍ରାହ୍ମଣ, ବା- ବ୍ରହ୍ମପୁର କୋପରେଟିଭ କଲୋନୀ ପ୍ରଥମ ଲାଇନ ସାହି |
| ୭୯୧/୩୩୯ | ୬୩୨/୨୧୨୧ | ଘରବାରି | ୦.୦୪୧ | ୦.୦୧୦ | ସତ୍ୟ ନାରାୟଣ ପ୍ରଧାନ, ପି- କେଦାରନାଥ ପ୍ରଧାନ, ଜା- ଖଣ୍ଡାୟତ, ବା- ରଘୁନାଥପୁର, ଥାନା- ବାଣପୁର |
| ୭୯୧/୩୪୩ | ୬୩୧/୨୧୨୫ | ଘରବାରି | ୦.୦୧୦ | ୦.୦୧୦ | ସୁବାସ ଚନ୍ଦ୍ର ମାହାପାତ୍ର, ପି- ଗଙ୍ଗାଧର ମହାପାତ୍ର, ଜା- ବ୍ରାହ୍ମଣ, ବା- ଅଯୋଧ୍ୟା ନଗର, ତୃତୀୟ ଲାଇନ୍, ବ୍ରହ୍ମପୁର |
| ୭୯୧/୩୪୩ | ୬୩୨/୨୧୨୪ | ଘରବାରି | ୦.୦୩୧ | ୦.୦୩୧ | |
| ୭୯୧/୩୪୪ | ୬୩୧/୨୧୨୭ | ଘରବାରି | ୦.୦୪୧ | ୦.୦୪୧ | ସୁଧାଂଶୁ ଶେଖର ପଣ୍ଡା, ପି- ପଦ୍ମ ଚରଣ ପଣ୍ଡା, ଜା- ବ୍ରାହ୍ମଣ, ବା-ବିଜିପୁର ବଡସାହି, ବ୍ରହ୍ମପୁର |
| ୭୯୧/୩୪୪ | ୬୩୨/୨୪୨୬ | ଘରବାରି | ୦.୧୨୪ | ୦.୦୦୬ | |
| ୭୯୧/୩୫୭ | ୬୨୯/୨୧୪୮ | ଘରବାରି | ୦.୦୪୧ | ୦.୦୪୧ | ସଞ୍ଜୟ କୁମାର ଜେନା, ପି- ନକୁଳ କୁମାର ଜେନା, ଜା- ବେଣାୟତ ଓଡିଆ, ବା- ଗୋଦାବରିଶ ନଗର, ତୃତୀୟ ଲାଇନ ବ୍ରହ୍ମପୁର |
| ୭୯୧/୪୪୫ | ୬୫୭ | ବିଲ ଜଳ ସେଚିତ-୧ | ୦.୮୨୦ | ୦.୦୧୦ | ପ୍ରମିଳା ଚୌଧୁରୀ, ସ୍ୱା- ରାଧାରମଣ ଚୌଧୁରୀ, ଜା- ବ୍ରାହ୍ମଣ, ବା- ଗୋଷାଣି ନୂଆଗାଁ, ବଡସାହି |
| ୭୯୧/୪୪୮ | ୬୨୯/୨୩୪୩ | ଘରବାରି | ୦.୦୫୨ | ୦.୦୫୨ | କୋପୁଲୁ ପ୍ରିୟଙ୍କା ରାଓ ମୈନର ହେତୁ ଗାର୍ଡିୟାନ ଜନନୀ ବୁରୁଲୁ ଜ୍ୟୋତି ଦୋରା, ସ୍ୱା- କେ ଧର୍ମ ନାରାୟଣ ରାଓ, ଜା- ତେଲୁଗୁ, ବା- କାଚରା କ୍ଷତ୍ରୀୟ କୁଳ ରାଉଳ ସାହି, ଗଞ୍ଜାମ |
| ୭୯୧/୪୫୩ | ୬୨୯/୨୩୪୭ | ଘରବାରି | ୦.୦୫୨ | ୦.୦୫୨ | ବିଜୟଲକ୍ଷ୍ମୀ ପଣ୍ଡା, ସ୍ୱା- ରମାକାନ୍ତ ପଣ୍ଡା, ଜା- ବ୍ରାହ୍ମଣ, ବା- ବ୍ରଜନଗର, ୩ୟ ଲାଇନ୍, ବ୍ରହ୍ମପୁର |
| ୭୯୧/୪୫୯ | ୬୨୭/୨୩୫୨ | ପଦର | ୦.୦୦୮ | ୦.୦୦୮ | ଗୌରୀ କୁମାରୀ ପାଣି, ସ୍ୱା.- ପ୍ରଦୀପ କୁମାର ପାଢ଼ୀ, ଜା- ବ୍ରାହ୍ମଣ, ବା- ଗଜପତି ନଗର, ଅଷ୍ଟମ ଲାଇନ୍, ବ୍ରହ୍ମପୁର |
| ୭୯୧/୪୫୯ | ୬୨୮/୨୩୫୩ | ପଦର | ୦.୦୩୪ | ୦.୦୩୪ | |
| ୭୯୧/୪୬୯ | ୬୦୨/୨୩୬୪ | ଘରବାରି | ୦.୦୦୨ | ୦.୦୦୨ | ସୁସମ୍ବାଦ ପାଣିଗ୍ରାହୀ , ପି- ନିରଞ୍ଜନ ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ଗୋଦାବରିଶ ନଗର, ଦ୍ୱିତୀୟ ଲାଇନ୍, ବ୍ରହ୍ମପୁର |
| ୭୯୧/୫୨୦ | ୭୧୫ | ବିଲ ଜଳ ସେଚିତ -୨ | ୧.୧୨୫ | ୦.୭୫୨ | ପ୍ରମିଳା ଚୌଧୁରୀ, ସ୍ୱା- ରାଧାରମଣ ଚୌଧୁରୀ, ଜା- ବ୍ରାହ୍ମଣ, ବା- ଗୋଷାଣି ନୂଆଗାଁ, ବଡ଼ସାହି |
| ୭୯୧/୫୨୦ | ୭୧୬ | ବିଲ ଜଳ ସେଚିତ-୨ | ୦.୫୫୦ | ୦.୧୮୯ | |
| ୭୯୧/୫୨୪ | ୬୨୯/୨୪୨୩ | ପଦର | ୦.୦୨୦ | ୦.୦୨୦ | ସୁନନ୍ଦା ପାଢ଼ୀ, ସ୍ୱା- ନରେନ୍ଦ୍ର ପାଢୀ, ଜା- ବ୍ରାହ୍ମଣ, ବା- ତୁଳସୀନଗର, ୧ମ ଲାଇନ୍, ବ୍ରହ୍ମପୁର |
| ୭୯୧/୫୩୪ | ୭୭ | ବିଲ ଜଳ ସେଚିତ-୨ | ୦.୪୬୦ | ୦.୧୪୨ | ଗୋଲାପଲ୍ଲି ନରସିଂହ, ପି- ଜି. ଆବେୟା, ଜା- ମାଟିଆ, ବା- ମାଟିଆ ସାହି, ନିଜଗାଁ |
| ୭୯୧/୫୬୦ | ୬୨୭/୨୪୫୭ | ପଦର | ୦.୦୧୧ | ୦.୦୧୧ | ମାଧବ ସାହୁ, ପି- ଗଣପତି ସାହୁ, ଜା- ତେଲି, ବା- ବାଲାଜୀପେଣ୍ଠ ସାହି, ବ୍ରହ୍ମପୁର |
| ୭୯୧/୫୬୦ | ୬୨୮/୨୪୫୮ | ପଦର | ୦.୦୩୦ | ୦.୦୩୦ | |
| ୭୯୧/୫୯୪ | ୭୧୩ | ବିଲ ଜଳ ସେଚିତ-୨ | ୦.୩୦୦ | ୦.୧୯୨ | ନର୍ମଦା ଦାସ, ସ୍ୱା- ଲୋକନାଥ ଦାସ, ଜା- ବ୍ରାହ୍ମଣ, ବା- ଗିରି ରୋଡ, ବ୍ରହ୍ମପୁର |
| ୭୯୧/୫୯୪ | ୭୧୪ | ବିଲ ଜଳ ସେଚିତ-୨ | ୦.୧୮୦ | ୦.୧୮୦ | |
| ୭୯୧/୬୦୩ | ୭୨୧ | ବିଲ ଜଳ ସେଚିତ-୨ | ୦.୭୨୦ | ୦.୧୮୮ | ରାମଚନ୍ଦ୍ର ସାବତ, ପିତା- ରଘୁନାଥ ସାବତ, ଜା- ବ୍ରାହ୍ମଣ, ବା- ପାଣିଗ୍ରାହୀ ସାହି, ଗୋଷାଣି ନୂଆଗାଁ, ବ୍ରହ୍ମପୁର |
| ୭୯୧/୬୧୯ | ୬୨୭/୨୫୨୩ | ପଦର | ୦.୦୧୦ | ୦.୦୧୦ | ବିଷ୍ଣୁପ୍ରିୟା ମାଝି, ସ୍ୱାମୀ- ସୁବାସ ମାଝି, ଜା- ଦଳୁଆ, ବା-ଶାସ୍ତ୍ରୀନଗର-୨, ଗୋଷାଣି ନୂଆଗାଁ |
| ୭୯୧/୬୩୬ | ୬୦୨/୨୫୪୦ | ପଦର | ୦.୦୨୦ | ୦.୦୨୦ | ସୁଦାମ ପାଣିଗ୍ରାହୀ, ପି. ରାଜେନ୍ଦ୍ର ପାମିଗ୍ରାହୀ, ଜା- ବ୍ରାହ୍ମଣ, ବା- ତୋଟାସାହି, ଗୋଷାଣି ନୂଆଗାଁ |
| ୭୯୧/୬୭୨ | ୬୨୭/୨୫୭୮ | ଘରବାରି | ୦.୦୨୨ | ୦.୦୨୨ | ପୁଷ୍ପାଞ୍ଜଳି ଗୌଡ, ସ୍ୱା- ପ୍ରଶାନ୍ତ କୁମାର ଗୌଡ, ଜା- ଗଉଡ଼, ବା- ଶାସ୍ତ୍ରୀନଗର-୩, ଗୋଷାଣି ନୂଆଗାଁ, ବ୍ରହ୍ମପୁର |
| ୭୯୧/୭୦୭ | ୫୯୮/୨୬୦୮ | ପଦର | ୦.୦୧୫ | ୦.୦୧୫ | ଝୁନୁ ସାହୁ, ସ୍ୱାମୀ- ଶତ୍ରୁଘ୍ନ ସାହୁ, ଜା- ଶୁଣ୍ଡି, ବା- ମୁକ୍ତେଶ୍ୱର ମନ୍ଦିର ପାଖ ରାଉଳ ସାହି, ବ୍ରହ୍ମପୁର |
| ୭୯୧/୭୦୭ | ୬୦୩/୨୬୦୯ | ପଦର | ୦.୦୦୫ | ୦.୦୦୫ | |
| ୭୯୧/୭୦୮ | ୬୨୭/୨୬୧୦ | ପଦର | ୦.୦୧୮ | ୦.୦୧୮ | ଭୋଳାନାଥ ଶତପଥୀ, ପିତା- ପ୍ରଫୁଲ୍ଲ ଚନ୍ଦ୍ର ଶତପଥୀ, ଜା- ବ୍ରାହ୍ମଣ, ବା- ବୋର୍ଡିଂସାହି, ବିଜିପୁର, ବ୍ରହ୍ମପୁର |
| ୭୯୧/୭୦୮ | ୬୨୮/୨୬୧୧ | ପଦର | ୦.୦୨୩ | ୦.୦୨୩ | |
| ୭୯୧/୭୦୯ | ୬୨୭/୨୬୧୨ | ପଦର | ୦.୦୧୯ | ୦.୦୧୯ | ଶଶାଙ୍କ ଶେଖର ପାଢୀ, ପିତା- ସୋମନାଥ ପାଢୀ, ଜା- ବ୍ରାହ୍ମଣ, ବା- ରାମନଗର, କମାପଲ୍ଲି, ବ୍ରହ୍ମପୁର |
| ୭୯୧/୭୦୯ | ୬୨୮/୨୬୧୩ | ପଦର | ୦.୦୧୯ | ୦.୦୧୯ | |
| ୭୯୧/୭୧୬ | ୬୦୧/୨୬୨୧ | ପଦର | ୦.୦୦୧ | ୦.୦୦୧ | ବିକ୍ରମ କୁମାର ପାଢୀ, ପିତା- ଗଦାଧର ପାଢୀ, ଜା- ବ୍ରାହ୍ମଣ, ବା- ନାମନଗର, କମାପଲ୍ଲି, ବ୍ରହ୍ମପୁର |
| ୭୯୧/୭୫ | ୬୬୩/୧୮୫୮ | ବିଲ ଜଳ ସେଚିତ ଦୋଫସଲି | ୦.୨୩୦ | ୦.୨୩୦ | କରାଡି ନାରାୟଣୁ, ପି- କରାଡି କୃଷ୍ଣମୂର୍ତ୍ତି, ଜା- ଗୋଲା, ବା- ମଦନମୋହନପୁର |
| ୭୯୧/୭୭୦ | ୬୨୯/୨୬୮୭ | ପଦର | ୦.୦୪୧ | ୦.୦୪୧ | ସୁନିତା ସାହୁ, ସ୍ୱା- ଶଙ୍କର ସାହୁ, ଜା- ବ୍ରାହ୍ମଣ, ବା-ଢାମଣାସାହି, ଗୋଷାଣି ନୂଆଗାଁ, ବ୍ରହ୍ମପୁର |
| ୭୯୧/୮୦୭ | ୬୨୭/୨୭୨୫ | ଘରବାରି | ୦.୦୨୦ | ୦.୦୨୦ | ଗଙ୍ଗାଧର ମହାକୁଡ଼ ପି- କୃଷ୍ଣଚନ୍ଦ୍ର ମହାକୁଡ଼, ଜା-ଗଉଡ଼, ବା- ଅଶୋକନଗର-୬, ବ୍ରହ୍ମପୁର |
| ୭୯୧/୮୦୭ | ୬୨୮/୨୭୨୬ | ଘରବାରି | ୦.୦୬୦ | ୦.୦୬୦ | |
| ୭୯୧/୯୪୦ | ୬୨୯/୨୮୮୨ | ପଦର | ୦.୦୨୧ | ୦.୦୨୧ | ମହମ୍ମଦ ନିହାଲ ଅହମ୍ମଦ, ପି- ଅହମ୍ମଦ ଆକାସ୍, ଜା- ମୁସଲମାନ, ବା- ରାମନଗର, ବ୍ରହ୍ମପୁର |
| ୭୯୧/୯୫୧ | ୬୨୭/୨୮୯୬ | ପଦର | ୦.୦୧୨ | ୦.୦୧୨ | ପ୍ରଫୁଲ୍ଲ ପଣ୍ଡା, ପି- ଶ୍ରନିବାସ ପଣ୍ଡା, ଜା- ବ୍ରାହ୍ମଣ, ବା- ବାଦପୁର, ଥାନା- ଜରଡ଼ା |
| | | | ମୋଟ | ୧୨.୧୦୬ | |

OIPR-24124/14/0001/2324

# ପକ୍ଷୀ ପରି ବସିବି

## ଅନୁବାଦ ଗଳ୍ପ

**ମୂଳ ମାଲୟାଲମ୍- ପୁନାଥିଲ୍ କୁନ୍‌ହାବଦୁଲ୍ଲା**
**ଅନୁସୃଜନ- ସୂଚନା ପାଢ଼ୀ**

ଶେଷରେ କାର୍ ଆସି ପହଞ୍ଚିଲା, 'ସେହି ଲୋକ' ଓହ୍ଲାଇଲା ; ଯାହାକୁ ବର୍ଷ ବର୍ଷ ଧରି ସେ ଅପେକ୍ଷା କରିଥିଲା। ସେହି ଲୋକ ନାଁ ଚନ୍ଦ୍ରନ୍, ଭାରୋତ୍ତୋଳନରେ ସୁନାମ ଅର୍ଜନ କରିଥିବା ଯୁବକ। ଅପେକ୍ଷାରେ ଥିଲା ଚନ୍ଦ୍ରିକା।

ଚନ୍ଦ୍ରିକା ସେଇ ଲୋକଟି କଥା ଦିନରାତି ଭାବୁଥିଲା। କାରଣ ସେ ଚନ୍ଦ୍ରନ୍, ନିଜେ ଚନ୍ଦ୍ରିକା। ପୁଅ ନାଁ ସିସି ଚନ୍ଦ୍ରନ୍, ଚନ୍ଦ୍ରନ୍ ବ୍ରଦର୍ସ କମ୍ପାନୀର ମ୍ୟାନେଜିଂ ପାର୍ଟନର। ସେମାନଙ୍କର ପ୍ରାୟ ଶହେଟି ଟ୍ରକ୍ ବ୍ୟବସାୟ କାମରେ ଲାଗିଥିଲା, ତା'ଛଡ଼ା ତିନୋଟି ଲୁଗାକଳ, ରାସାୟନିକ ଔଷଧ ତିଆରି କାରଖାନା... ଯେଉଁ କାରଖାନାର ଔଷଧ ଧରିତ୍ରୀରୁ ଆକାଶ ବିଷାକ୍ତ କରିଦେଇପାରିବ। ଚନ୍ଦ୍ରନ୍ ଟ୍ରେଡ ୟୁନିୟନ ନେତାମାନଙ୍କୁ ନିୟନ୍ତ୍ରଣ କରିବାର ଅଦ୍ଭୁତ କଳା ହାସଲ କରିଥିଲା। ଚନ୍ଦ୍ରିକା ହୃଦୟର ରାଜକୁମାର ସେଇ ଚନ୍ଦ୍ରନ୍।

ସେଦିନ ଚନ୍ଦ୍ରନ୍‌ର କାର୍ ଚନ୍ଦ୍ରିକା ଘର ଫାଟକ ପାଖରେ ପହଞ୍ଚିବା ପରେ ସାଲ୍ୟୁଟ୍ ମାରି ଜଗୁଆଳି ଫାଟକ ଖୋଲିଥିଲା, ଅପେକ୍ଷାରତା ଚନ୍ଦ୍ରିକା ପ୍ରତି ନମସ୍କାର ଜଣାଇ ସ୍ୱାଗତ କଲା। ସୁସଜ୍ଜିତ ଡ୍ରଇଂରୁମ୍‌କୁ ଆସି ଦୁହେଁ ମୁହାଁମୁହିଁ ବସିଲେ, ମୁହଁରେ ସ୍ମିତହାସ୍ୟ। କ'ଣ କହିବ କେମିତି କହିବ, କେଉଁଠୁ କଥା ଆରମ୍ଭ କରିବ ଜାଣିପାରୁ ନ ଥିଲା ଚନ୍ଦ୍ରିକା, ଅଥଚ ଆଜିର ମୁହୂର୍ତ୍ତ ଆକାଂକ୍ଷା ପୂରଣର ସମୟ। ମୁଣ୍ଡ କାହିଁକି ଘୂରେଇଯାଉଛି! ଅସ୍ତବ୍ୟସ୍ତ ଲାଗୁଛି... କାହିଁକି!

ପ୍ରକୃତ କଥା ହେଲା ଚନ୍ଦ୍ରିକା କଲେଜରେ ପଢ଼ିବା ଦିନଠାରୁ ଚନ୍ଦ୍ରନ୍‌କୁ ଭଲପାଏ... ସମ୍ମାନ କରେ। ଚନ୍ଦ୍ରନ୍ ଅପେକ୍ଷା ଅଧିକ ସୌମ୍ୟବନ୍ତ, ଧନୀ ଯୁବକ ଚନ୍ଦ୍ରିକା ପ୍ରତି ଆକୃଷ୍ଟ ହେଲେ ମଧ୍ୟ ଚନ୍ଦ୍ରିକା ଚାହେଁ ଚନ୍ଦ୍ରନ୍... ତା' ମନର ମଣିଷ। କିନ୍ତୁ ଚନ୍ଦ୍ରନ୍, କିଛି ନ ବୁଝିପାରିବା ଭଙ୍ଗୀରେ ଏଡ଼େଇଯାଏ। କଲେଜ ପଢ଼ା ସମୟରେ ଅନେକଥର ମୁହାଁମୁହିଁ ହେଉଥିଲେ, କିନ୍ତୁ ଚନ୍ଦ୍ରନ୍‌ର ଅଣଦେଖା ଅସହ୍ୟ କରିଦିଏ ଚନ୍ଦ୍ରିକାକୁ।

ପ୍ରେମିକ ଚନ୍ଦ୍ରନ୍‌ଙ୍କୁ ବିଭିନ୍ନ ଉପାୟରେ ମନକଥା ଜଣାଇବାରେ ହେଳା କରୁ ନ ଥିଲା... ପ୍ରତ୍ୟୁତ୍ତର ପାଏନା। ଅପେକ୍ଷା ଉପେକ୍ଷା ? ବର୍ଷ ବର୍ଷ ଧରି ଗ୍ରହମାନେ କକ୍ଷ ପଥରେ ଘୂରିବୁଲିବା ପରି ଚନ୍ଦ୍ରନ୍ ଚାରିପାଖେ ବୁଲୁଥିଲା ଚନ୍ଦ୍ରିକା... ଏକ କକ୍ଷଚ୍ୟୁତ ଗ୍ରହ ?

କଲେଜପଢ଼ା ସରିଲା... ବଦଳିଗଲା ଦୁହିଁଙ୍କ ଜୀବନର ଚଲାପଥ।

ଚନ୍ଦ୍ରିକା ନିଜ ପରିବାରର କୌଳିକ କାର୍ଯ୍ୟରେ ଯୋଗଦେଲା।

ଚନ୍ଦ୍ରନ୍ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ପାଇଲା।

ଚନ୍ଦ୍ରିକା କାର୍ଯ୍ୟଭାର ଗ୍ରହଣ କରିବା ପରେ ତା' ମା' କହିଲେ- ଝିଅ! ଏଥର ଦାୟିତ୍ୱ ତୋର। ଇଂଲିଶ୍ ପଢ଼ୁଆ ଝିଅ ପଶ୍ଚାତ୍‌ପଦ ନ ହୋଇ ସମ୍ମତି ଜଣାଇଥିଲା।



ପ୍ରତିଦିନ ଇଂଲିଶ ସମ୍ବାଦପତ୍ର ପଢ଼ିବାବେଳେ ପ୍ରଥମେ ଦୃଷ୍ଟି ବୁଲାଇନିଏ କ୍ରୀଡ଼ା ଖବର, ଛାପା ଅକ୍ଷରରେ ଚନ୍ଦ୍ରନ୍ ନାଁ ଦେଖିଲେ ଛାତି କୁଣ୍ଢେମୋଟ ହୋଇଯାଏ, ଦେହ ଶୀତେଇଉଠେ। ଚନ୍ଦ୍ରନ୍ ମଧ୍ୟ ଭାରୋତ୍ତୋଳନର ବିଭିନ୍ନ ବିଷୟରେ ନୂଆ ତଥ୍ୟ ସଂଗ୍ରହରେ ବ୍ୟସ୍ତ ଥାଏ।

ସେଦିନର ଦୁର୍ଯୋଗ, ହଠାତ୍ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ କୋମା ଅବସ୍ଥାକୁ ଚାଲିଗଲା ଚନ୍ଦ୍ରନ୍। ଚିକିତ୍ସା ପାଇଁ ଅନେକଦିନ ହସ୍ପିଟାଲରେ ରହିଲା। ପଡ଼ିଶା ରୁମ୍‌ରେ ଥିଲା ଚନ୍ଦ୍ରିକା। ଚେତା ଫେରିବା ପରେ ଜାଣିବାକୁ ପାଇଲେ ଦୁହିଁଙ୍କ କାର୍ ଦୁର୍ଘଟଣା ହେତୁ ଦୁହେଁ ଆଘାତପ୍ରାପ୍ତ।

ପ୍ରଥମେ ସୁସ୍ଥ ହୋଇଉଠିଲା ଚନ୍ଦ୍ରନ୍। ଚନ୍ଦ୍ରିକା ରୁମ୍‌କୁ ଯାଇ ଦେଖିଲା, ଅସୁସ୍ଥ ଚନ୍ଦ୍ରିକା, ଆହୁରି ସାତଦିନ ରହି ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରଥମଥର ପାଇଁ ଏକ ଲୟରେ ମୁହଁକୁ ଚାହିଁରହି ପଚାରିଲା-

- କିମିତି ଅଛ ?
- ଭଲ ଅଛି।
- ତୁମେ ?
- ପୂରାପୂରି ସୁସ୍ଥ। କି ସାହାଯ୍ୟ କରିବି ?
- ଆମ ଘରକୁ ଥରେ ଆସିପାରିବ ?
- ନିଶ୍ଚୟ... ନିଶ୍ଚୟ ଆସିବି। ନିଶ୍ଚୟ ଶବ୍ଦ ପ୍ରତିଧ୍ୱନିତ ହୋଇଥିଲା ହସ୍ପିଟାଲ କୋଠରିରେ।

ସୁସ୍ଥ ହେବା ପରେ ଚନ୍ଦ୍ରିକା ଘରକୁ ଫେରିଲା, କଥା ରଖି ଚନ୍ଦ୍ରନ୍ ଯାଇଥିଲା ତାଙ୍କ ଘରକୁ... ସଲାମ ଜଣାଇ ସ୍ୱାଗତ କଲା ଫାଟକ ଜଗୁଆଳି।

ଡ୍ରଇଂ ରୁମ୍‌ରେ ଦୁହେଁ ବସିଲେ, ଅଥଚ ରୁମ୍ ଭିତରେ ଅଖଣ୍ଡ ନୀରବତା... ଅଭେଦ୍ୟ ଗମ୍ଭୀରତା! ଅନେକ ସୁସ୍ୱାଦୁ ଖାଦ୍ୟ ପରଷିଦେଇଗଲା ଖାନ୍‌ସମା। ଟୋପିପିନ୍ଧା ଖାନ୍‌ସମା ସାଟେଲାଇଟ୍ ଘୂରିବା ପରି କୋଠରି ଭିତରେ ଏପାଖସେପାଖ ହେଉଥିଲା।

ମୁହାଁମୁହିଁ ବସିଥିଲେ ଚନ୍ଦ୍ରିକା- ଚନ୍ଦ୍ରନ୍। ଜୁସ୍ ପିଇସାରି ଚନ୍ଦ୍ରନ୍ କହିଲା- ପେଟ ପୂରିଗଲା। ଡ୍ରାଇଫ୍ରୁଟ୍ ଖାଇ ଚନ୍ଦ୍ରିକା କହିଲା- ପେଟ ପୂରିଗଲା।

ତା' ପରେ ଟିସୁ ପେପର୍‌ରେ ହାତ ପୋଛି ଦୁହେଁ ଶୋଇବା ଘର ଖଟ ଉପରେ ଆଣ୍ଠୁମାଡ଼ି ବସିଲେ।

କ'ଣ ଚାହଁ ? ଚନ୍ଦ୍ରନ୍‌ର ପ୍ରଶ୍ନ।
- ଯାହା ଚାହେଁ ଦେଇପାରିବ ?
- କୁହ... ହଁ... ପାରିବି।

କାଳ ବିଳମ୍ବ ନ କରି ଚନ୍ଦ୍ରିକା କହିଲା- ତୁମେ ଜଣେ ସ୍ୱନାମଧନ୍ୟ ୱେଟ୍‌ଲିଫ୍‌ଟର। ମୋତେ ତୁମ ହାତରେ ଉଠେଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଟେକିକି ରଖିପାରିବ ? ମୁଁ ତୁମ ବାହୁରେ ପକ୍ଷୀଟିଏ ବସିବା ପରି ରହିବାକୁ ଚାହେଁ।
- ଠିକ୍ ଅଛି, ପାରିବି କିନ୍ତୁ ରୁମ୍ ଭିତରେ ସେ କାମ କରିହେବନି, ସମୁଦ୍ରକୂଳ ଯିବା ଚାଲ।
- ସମୁଦ୍ରକୂଳ!
- ହଁ, ସେଠାରେ ଖୋଲା ଜାଗାରେ ହିଁ ମୁଁ ତୁମକୁ ଉଠେଇ ଧରିପାରିବି, ତାହା ହିଁ ହେବ ମୋର ଶେଷ ଭାରୋତ୍ତୋଳନ। ଯଦି ରାଜି ପ୍ରସ୍ତୁତ ହୁଅ, ଯିବା।

ମନ ଭିତରେ ବାରମ୍ବାର ଶୁଣାଯାଉଥିଲା... ପ୍ରସ୍ତୁତ ହୁଅ, ଯିବା, ପ୍ରସ୍ତୁତ ହୁଅ...। ଯିବି... ଯିବି...।

ଖଦିକନା ତିଆରି ନୂଆ ଡ୍ରେସ୍, ଆମେରିକାରୁ ପୁରୁଷ ବନ୍ଧୁ ପଠାଇଥିବା ଲମ୍ବା ସ୍କାର୍ଫ ବେକରେ ଗୁଡ଼େଇ ଯିବାକୁ ପ୍ରସ୍ତୁତ ହେଲା। ଏତେ ବଡ଼ ସ୍କାର୍ଫ! ପଚାରିଲା ଚନ୍ଦ୍ରନ୍। ହଁ... ଏଇଟି ମୋ' ବନ୍ଧୁର ସ୍ମୃତି... ଖୁବ୍ ବଡ଼, କିନ୍ତୁ ଦିଆସିଲି ଖୋଳରେ ରହିପାରିବ।

କାହା ମନରେ କ'ଣ ଥିଲା କେଜାଣି ? ଗାଡ଼ି ଆଗେଇଲା ସମୁଦ୍ରକୂଳ ଦୁଇଟି ମନକୁ ନେଇ।

ଜନଶୂନ୍ୟ ସମୁଦ୍ର କୂଳେ କୂଳେ ଚାଲୁଥିଲା କାର୍। ମତୁଆଲା କରୁଥିଲା ସମୁଦ୍ର ପବନ, ଉତ୍ତାଳ ଢେଉ। ଆଃ କି ବଢ଼ିଆ ଜାଗା! ଚନ୍ଦ୍ରନ୍!

ଗୀତ ବୋଲି ପାରିବ ?
- ହଁ, ନିଶ୍ଚୟ... ନିଶ୍ଚୟ... ଶୁଣ।

ଜୀବନ ଯନ୍ତ୍ରଣା ଭୁଲିହୁଏନା
ଜାଣିପାରୁଛି ମୁଁ ଜାଣିପାରୁଛି
ଯେମିତି ଥିଲା ଆଜି ସେମିତି ଅଛି।

ଚାଲି ଯାଇଅଛି ଯେଉଁ ସମୟ
ସେଇ ପରିଧିରେ ବଞ୍ଚିଛି,
ମୁଁ ବଞ୍ଚିରହିଛି।
ଭଙ୍ଗା କାଚ ମୁଁ
ଦେଇଛ ଦୂରେଇ
ପାରାବାର ସ୍ୱପ୍ନ, ଅଥୟ କରୁଛି
ଆସିବ କି ସେ ଦିନ
ଫେରିବାକୁ ଚାହୁଁଛି
ଯନ୍ତ୍ରଣା ଭରା ଭଗ୍ନ ହୃଦୟ
ଅବାରିତ ଲୁହ ଆଖିରୁ ଝରୁଛି
ଅତୀତ ଯାଇଛି... ଫେରିବ କହିଛି
ଅତୀତ...
ପାଇବାର ସ୍ୱପ୍ନ ଅଧିର କରୁଛି।

ଗୀତ ଶୁଣି ଚନ୍ଦ୍ରିକା କୋହ ସମ୍ଭରଣ କରିପାରିଲା ନାହିଁ। ବେକରେ ଗୁଡ଼େଇଥିବା ଲମ୍ବା ସ୍କାର୍ଫଟି କେତେବେଳେ କାର୍ ଝରକା ବାଟେ ଉଡ଼ିଯାଇ ପଛ ଚକରେ ଗୁଡ଼େଇ ହୋଇଗଲା। ଗୋଟିଏ ପାଖ ତା' ବେକରେ ଅନ୍ୟ ପାଖ ଗାଡ଼ି ଚକରେ। ଶ୍ୱାସରୁଦ୍ଧ ଅବସ୍ଥା, ନିଶ୍ଚଳ ହେବାପରି ଅଙ୍ଗପ୍ରତ୍ୟଙ୍ଗ। ଡାକୁଥିଲା ଚନ୍ଦ୍ରନ୍! ଚନ୍ଦ୍ରନ୍! ସମୁଦ୍ର ଶବ୍ଦରେ ଶୁଣିପାରି ନ ଥିଲା ଚନ୍ଦ୍ରନ୍। ଗୀତ ବୋଲି ଚାଲିଥିଲା...

କାନ୍ଦି କାନ୍ଦି ବଞ୍ଚିଛି
ଏକାକୀ ସ୍ୱପ୍ନ ଦେଖୁଛି
କଥା ଦିଅ ହେ ସମୟ!

ମୋ: ୯୪୩୮୬୦୪୮୬୫

## କବିତା

### ନାରୀ ତ ନଈ

**ସୁଜିତ୍ କୁମାର ମିଶ୍ର**

କେହି କେବେ ଦେଖିଚ କି
ନଈକୁ କାନ୍ଦିବାର,
ନାରୀ ତ ନଈ...
କାନ୍ଦକୁ କାନ୍ଧେଇ ସେ ଭାସିଯାଏ
ସମୟ ସୁଅରେ!

ଗୋଟିଏ ଘରେ ଶଙ୍ଖା ସିନ୍ଦୂର ଦେଇ
ତାକୁ ବାନ୍ଧିଦିଅ,
ତା' ବିଳାପରେ ହୁଏତ ଖୋଲିଯିବ
ଅବରୁଦ୍ଧ ସମସ୍ତ ହୃଦୟ,
ବିମୁକ୍ତିର ମୁଠାଏ ଫଗୁଣ!

କେବେ ଶୂନ୍ୟ ସଂଚାରିଣୀ
ଡେଣାଲଗା ପରୀଟିଏ ନାରୀ,
କେବେ ବିଖଣ୍ଡିତ ସେ ପକ୍ଷ
ତୀବ୍ର ଯନ୍ତ୍ରଣାର କାକୁସ୍ଥ ସ୍ୱରଟିଏ
ଗୁମୁରି କାନ୍ଦେ
ନଦ ନଦୀ ବିଲ ବଣ ସବୁଜ ପ୍ରାନ୍ତର,
କୁହତ –
ମାଧବୀଲତାର ମୃତ୍ୟୁପରେ
ଆଉ କ'ଣ ଜନ୍ମ ହୋଇନି ନାରୀର ?
ମମିତାର ବୀଭତ୍ସ ହତ୍ୟାକାଣ୍ଡ ପରେ
ଆଉ କ'ଣ ଘଟିନାହିଁ
ନାରୀ ନିର୍ଯାତନା ?
ବୋହି ନାହିଁ ଶ୍ରାବଣର ଅଶ୍ରୁ ?
ଏତେ ସବୁ ପରେ ବି
ନାରୀଟିଏ ଏତେ କୋମଳ କାହିଁକି,
କାହିଁକି ବାନ୍ଧିରଖେ ତା' ମମତାର
ପଣତକାନିରେ!

ନାରୀ କେବଳ ନଦୀ ନୁହେଁ
ସେ ସୁଶୀଳତା ମିଠା ଝରଟିଏ,
ତୃପ୍ତ କରାଉଥାଏ
ସମସ୍ତ ତୃଷାର୍ତ୍ତ ଆତ୍ମା
ପୁଲକର ମହୁଆ ନିଶାରେ
ବିଗଳିତ କରୁଥାଏ ହୃଦୟ,
ସେ ଛଳଛଳ
ପାହାଡ଼ି ମିଠା ଝରଟିଏ
ବହୁଥାଏ ସଦା କାଳକାଳ!

ମୋ: ୭୬୮୩୮୬୭୭୪୨

### ତମାମ ଜନ୍ମ

**ମନୋରମା ସାହୁ**

ତମାମ ଜନ୍ମ କମ୍ ପଡ଼ିଯାଏ
ଗୋଟିଏ ମନକୁ ବୁଝିବା ପାଇଁ
ଛାତିତଳେ ଶ୍ରାବଣ ସଙ୍ଗୀତ ଗାଉଥାଏ
କିନ୍ତୁ ଆଖିତଳେ
ବୈଶାଖର ଖାଁ ଖାଁପଣ
ଦିଶୁଥାଏ ତ ଦିଶୁଥାଏ।

ଆଲୁଅଠାରୁ ଅନ୍ଧାରର ଆୟୁଷ
ବୋଧହୁଏ ଅନେକ ଲମ୍ବା
ଯାହା ସରିଲା ଭଳି ଲାଗୁଥାଏ
କିନ୍ତୁ ସରୁନଥାଏ, ସରୁନଥାଏ।

ଜହ୍ନରାତି ବାଟଭାଙ୍ଗି ଚାଲିଯାଏ
ଅମାବାସ୍ୟା ଆସନ ପାତି ବସିଥାଏ
ଫୁଲରୁ ବାସ୍ନା ସରିବା ପରେ ବି
ଭଅଁରଟିଏ ଉଡୁଥାଏ ତ ଉଡୁଥାଏ।

ପାଖରେ କେଉଁଠି ରତୁଟିଏ
କଡ଼ ଲେଉଟାଉଥାଏ
ସମ୍ମୋହନର ସ୍ୱାଗତିକା ସହ
ନିରୁତା ନିପାରିଲାପଣ
ସାଲିସ କରୁଥାଏ ତ କରୁଥାଏ
କଣା ମାଠିଆରେ ତଥାପି
ଜଳ ଭରୁଥାଏ ତ ଭରୁଥାଏ।

ଯନ୍ତ୍ରଣାର ମଞ୍ଜିରୁ ଜୀବନର ଗଛଟିଏ
ଅଙ୍କୁରୋଦ୍‌ଗମ ପାଇଁ
ଅପେକ୍ଷା କରିଥାଏ ତ କରିଥାଏ
ସେତେବେଳକୁ କିନ୍ତୁ
ଦୀପରୁ ତେଲ ସରୁଥାଏ ତ ସରୁଥାଏ।

ମୋ: ୭୭୩୫୦୭୫୦୬୫

### ଅନସୂୟା

**ଯଶୋବନ୍ତ ସେଠୀ**

ଏଇ ତ କିଛିକ୍ଷଣ ପୂର୍ବରୁ
ମୁଁ ସମାଧି ଦେଇ ଆସିଛି ମୋର
ସମସ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଉଦ୍ଦାମତା
ଇଚ୍ଛାମାନଙ୍କର ମୁହୁର୍ମୁହୁଃ ଉଦ୍‌ବେଳନ
ସରାଗମାନଙ୍କର ଅନାବିଳତା
ଅସୂୟାମାନଙ୍କର ଅକଥ୍ୟ ନିର୍ମମତା।

ତମେ ସବୁ ମୋ' ହାତରେ
ତ୍ରିପିଟକଟିଏ ଦେଖି
ଆଶ୍ଚର୍ଯ୍ୟାନ୍ୱିତ ହେଉଥାଇପାର ;
କିନ୍ତୁ କେଉଁଠୁ, କେବେ, କେମିତି, କାହିଁକି
ଏହା ମୋର ହସ୍ତଗତ ହେଲା,
ଜଣେ କେହି ଥରେହେଲେ ତ ପଚାର!

ସତରେ ମୁଁ ବି ଜାଣେନା
ସେ ଥିଲା କେଉଁ ବେହିସାବୀ ରାତ୍ରିର
କେଉଁ ନିଃଶବ୍ଦ ପ୍ରହର।
ଏବଂ ସେତେବେଳେ
ମୋ' କାନକୁ କାହିଁକି ଶୁଭିନଥିଲା
କୁଢ଼କୁଢ଼ ଝରାଶେଫାଳୀ
ଶତଶତ ଅଭିଶପ୍ତା ପାଷାଣୀ
ଅହଲ୍ୟାଙ୍କର
ବେଦନାର ଉଚ୍ଚାଟ ଅନ୍ତଃସ୍ୱର।

ନିର୍ବାଣାର୍ଥେ ମୋର ଏ ଯାତ୍ରା ;
ମତେ କେହି ପଛରୁ ଡାକନା।
ଅବିଶ୍ୱାସ ହେଉଥିଲେ
ମୋର ପେଡ଼ିପୁଟୁଳା ଖୋଲି
ଦେଖିପାର।
ବୁଦ୍ଧ, ଧର୍ମ, ସଂଘର
ଦୁର୍ବାର ଆକର୍ଷଣ ଛଡ଼ା
ଆଉ କିଛି ମିଳିଗଲେ
ହାତଗୋଡ଼ ବାନ୍ଧି ସର୍ବସମ୍ମୁଖରେ
ମତେ ତମେ ହତ୍ୟା କରିପାର।

ମୋ: ୯୪୩୭୩୪୩୪୫୭

## ପୁସ୍ତକ ପରିଚୟ

### କବିତା ଏକଶତ



**କବି:** ଡ. ଲିଙ୍ଗରାଜ ରଥ
**ପ୍ରକାଶକ:** ଲିପିକା, ହରିରାଜପୁର, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ କବିତା ପୁସ୍ତକଟିରେ ସ୍ଥାନିତ ମୋଟ ଶହେଟି କବିତା। ବହିର ପ୍ରଥମ କବିତା 'ମୁଁ ଯେ କବିଟିଏ', ଯହିଁରେ କବି ଭାବେ ଲିଙ୍ଗରାଜ ତାଙ୍କ ପ୍ରତିବଦ୍ଧ ତାକୁ ଉଜାଗର କରିଛନ୍ତି ଏହିପରି: "ମୁଁ ତ ମହାସ୍ୱପ୍ନର ସ୍ତୁତିକାର/ ମୁଁ ତ ମହାଜୀବନର ଗୀତିକାର/ମୁଁ ଯେ କବିଟିଏ/ ମୁଁ ଯେ ନିଖିଳ ଜନର ଛବିଟିଏ ।" ବହିରେ ଥିବା କବିତାଗୁଡ଼ିକ ମଧ୍ୟରୁ କବି ଓ କବିତାକୁ ନେଇ ପ୍ରାୟ କବିତା ପରିକଳ୍ପିତ ହୋଇଛି। ଯଥା: 'କବିର ସ୍ୱପ୍ନ, 'ସେଇଥି ପାଇଁ ମୁଁ କବି', 'କବିତାଟେ ଦିଅ ଆଣି', 'କବିର ଦୃଷ୍ଟି', 'କବିତା ଲେଖିଲି ତେଣୁ' ଓ 'କବିତା ଦେଉଛି ବାର୍ତ୍ତା' ଇତ୍ୟାଦି। 'ନିଜ କଥା'ରେ ରଥେ ଲେଖିଛନ୍ତି: "କବିତା ଚିରନ୍ତନ। ଏହି ଦୃଷ୍ଟିରୁ କବିତାର ସ୍ରଷ୍ଟା କବି ମଧ୍ୟ ଚିରନ୍ତନ, ଯଦିଓ କୌଣସି କବି ବ୍ୟକ୍ତିଗତ ଭାବେ ଚିରନ୍ତନ ନୁହେଁ।" କବି ଦୁଃଖୀ ମଣିଷର ଅନ୍ତରତଳ କଥା ପଢ଼ିପାରେ, ତା'ର ବେଦନା-ଯାତନା ମାପିପାରେ। ଦେଖେ ଅଦେଖା ଛବି ଓ ଚାଲେ ଅମଡ଼ାବାଟରେ। କବିର ସ୍ୱରୂପ କ'ଣ ଓ କବିତାର ଲକ୍ଷ୍ୟ କ'ଣ ହେବା ଉଚିତ- ଏହା ଜାଣିବାକୁ ଆଗ୍ରହୀ ଥିବା ପାଠିକାପାଠକଙ୍କ ପାଇଁ ଆଲୋଚ୍ୟ ବହିଟି ଖୁବ୍ ପ୍ରେରଣାଦାୟୀ ହେବ ବୋଲି ଆଶା । ପ୍ରକାଶକ କବି ଭିକାରୀ ବଳ ଲେଖିଛନ୍ତି ବହିଟିର ପୃଷ୍ଠବନ୍ଧ।

### ସହଯାତ୍ରୀ ଓ ଅନ୍ୟାନ୍ୟ ଗଳ୍ପ



**ଗାଳ୍ପିକ:** ହଂସନାଥ ମୁଦୁଲି
**ପ୍ରକାଶକ:** ବହିଘର, ଆଜିମାବାଦ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୨୦୦/-

ମୋଟ ୨୨ଟି ଗଳ୍ପ ଏ ବହିଟିରେ ସ୍ଥାନିତ ହୋଇଛି। ଆକାରରେ ଗଳ୍ପଗୁଡ଼ିକ ବେଶୀ ବଡ଼ ନୁହେଁ, କିନ୍ତୁ ଆବେଦନରେ ତୀବ୍ର। ବହିର ଆରମ୍ଭରେ ହଂସନାଥ ଲେଖିଛନ୍ତି: "ମୋ ଲେଖାର ପ୍ରାରମ୍ଭରେ ମୁଁ ଗପ ଲେଖିବା ସମୟରେ ଗପଗୁଡ଼ିକ ମୋ' କଳ୍ପନାପ୍ରସୂତ ଥିବାବେଳେ ପରବର୍ତ୍ତୀ ସମୟରେ ଆମ ଚାରିପାଖରେ ଘଟୁଥିବା ଘଟଣାଗୁଡ଼ିକରୁ ମନକୁ ଛୁଇଁ ଯାଉଥିବା ବିଷୟବସ୍ତୁକୁ ନେଇ ହିଁ ଲେଖିଥାଏ। ବହିର ଗଳ୍ପଗୁଡ଼ିକୁ ପଢ଼ିଲେ ମନେହୁଏ, ଏ ସବୁ ମନଗଢ଼ା ନୁହନ୍ତି, ବାସ୍ତବ ଜଗତରେ ଆତଯାତ ହେଉଥିବା ଚରିତ୍ରଗୁଡ଼ିକର ଜୀବନଗାଥା। ପ୍ରତି ଗଳ୍ପରେ ଲେଖକଙ୍କର କିଛି ନା କିଛି ବକ୍ତବ୍ୟ ରହିଛି, ଅଥଚ ସେ ବକ୍ତବ୍ୟ ଗଳ୍ପଗୁଡ଼ିକୁ ପ୍ରଚାରଧର୍ମୀ କରିନାହାନ୍ତି। 'ସହଯାତ୍ରୀ', 'ବିଶ୍ୱାସ', 'ସନ୍ଦେହ', 'ଟେଲିଗ୍ରାମ', 'ବିବେକ', 'ଅଭୀପ୍ସା', 'ବୁଥିବାଲା', 'ତୋଷାମଦ' ଓ 'ପାର୍ଥକ୍ୟ' ପ୍ରଭୃତି ଗଳ୍ପ ଏହାର ଉଦାହରଣ। 'ତଥାପି ମହତ' ଗପଟି ପୁରୀର ଜଣେ ରିକ୍ସାବାଲାକୁ ନେଇ। ସେ ବିଷାଦଗ୍ରସ୍ତ, କ୍ଳାନ୍ତ। ଟାଣଖରାରେ ରିକ୍ସା ଚଳାଇ ପାରୁ ନ ଥାଏ। ଅଧାବାଟରୁ ରିକ୍ସାରୁ ଓହ୍ଲାଇ ପଡ଼ି ଅନ୍ୟ ଏକ ରିକ୍ସା ଧରି ଯିବାକୁ ସିଦ୍ଧାନ୍ତ କରନ୍ତି ଗଳ୍ପନାୟକ, କିନ୍ତୁ ଅଧାବାଟ ପାଇଁ ଚୁକ୍ତି ଅନୁସାରେ ପୂରା ପଇସା ଯାଚିବାରୁ ରିକ୍ସାବାଲାଟି ନେବାକୁ କୁଣ୍ଠିତ। ସେ ଦରିଦ୍ର, ହୁଏତ ନିଶାସକ୍ତ, କିନ୍ତୁ ଅମହତ ନୁହେଁ। ଲେଖକ ଆଜିର ଦୁର୍ନୀତିଗ୍ରସ୍ତ ମଣିଷଙ୍କ ସହ ତା'ର ସରଳ ବିବେକୀ ବ୍ୟକ୍ତିତ୍ୱକୁ ତୁଳନା କରିଛନ୍ତି ମନେ ମନେ। ଅଭାବ ସତ୍ତ୍ୱେ ମଣିଷର ଭଲପଣ ତାଙ୍କୁ ଭାବିତ କରିଛି। ଏହିପରି ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗରେ ବହିର ପ୍ରାୟ ଗଳ୍ପ ସମୃଦ୍ଧ।

# ତ୍ରିଭୁଜର ଶୀର୍ଷବିନ୍ଦୁ

## ଗଳ୍ପ

**ଡ. ସ୍ମୃତି ପଟ୍ଟନାୟକ**

ଆଜି କଲେଜରେ ପିଜି ପିଲାମାନଙ୍କର ଅନ୍‌ଲାଇନ୍ କ୍ଲାସ୍ ନେଉଥିଲି କ୍ଲାସ୍ ରୁମ୍‌ରେ ବସି, ହଠାତ୍ ମୋ' ଆଖି ଝରକା ବାହାରକୁ ଚାଲିଯାଇଥିଲା, ଛୋଟ ଝିଅଟିଏ ନଡ଼ିଆ ଗଛ ତଳେ ବସି ବାଲିରେ କ'ଣ କରୁଛି। ମନଟା ମୋର ତା' ପାଖରେ ଯାଇ ରହିଲା, ଭାବୁଥିଲି ଖରା ଅଧିକ ହେବାରୁ କଲେଜ ସବୁ ବନ୍ଦ ଅଛି ଆଜି ପର୍ଯ୍ୟନ୍ତ (ଦୁଇ ତାରିଖ ପର୍ଯ୍ୟନ୍ତ), ତେବେ ଏତେ ଖରାରେ ଛୋଟ ଝିଅଟି ଘରୁ କେମିତି ଚାଲି ଆସିଛି, କ'ଣ କରୁଛି ବାଲିରେ, ଏମିତି ହେଇ ମୋର ଅନ୍‌ଲାଇନ୍ କ୍ଲାସ୍ ସରିଲା। ଆମ କଲେଜ ସବୁ କଲେଜଠାରୁ ଟିକେ ଅଲଗା, ସରକାର ଛୁଟି ଘୋଷଣା କଲେ, ଆମ ପ୍ରିନ୍ସପାଲ୍ ସାର୍ ପିଲାମାନଙ୍କର ଅନ୍‌ଲାଇନ୍ କ୍ଲାସ୍ ନେବା ପାଇଁ କହିଲେ, ପ୍ରତ୍ୟେକ ପିଲା ବହୁତ ଡିସିପ୍ଲିନ୍‌ଡ।

ଯେମିତି ମୋର କ୍ଲାସ୍ ସରିଲା ମୁଁ ସେ ଛୋଟ ଝିଅଟି ପାଖକୁ ଗଲି। ସେତେବେଳକୁ ସମୟ ଅପରାହ୍ଣ ଗୋଟାଏ ପଇଁଚାଳିଶ। ସେଇ ଛୋଟ ଝିଅଟି ବାଲିରେ ଭାଗ ଭାଗ କରି ସଜାଡ଼ି ରଖିଛି ଭାତ, ଡାଲି, ତରକାରି, ଶାଗ ଇତ୍ୟାଦି। ମୁଁ ଆଶ୍ଚର୍ଯ୍ୟ ହେଇ ଯାଉଥିଲି, ଝିଅଟିର ବୟସ ଖୁବ୍ ବେଶୀରେ ତିନି/ଚାରି ବର୍ଷ ହେବ, ଏକୁଟିଆ ବସି ବସି ଏଠି ବାଲିଘର କରିଛି, ତା' ଦେହରେ ଖାଇବା ଜିନିଷ ସଜାଡ଼ି ମିଛିମିଛିକା ଖାଉଛି ଏତେ ବଡ଼ ଖରାବେଳଟାରେ, ମୋ' ଆଖିରେ କାହିଁକି କେଜାଣି ଲୁହ ଆସିଗଲା ଆପେ ଆପେ, ତାକୁ ପଚାରିଲି ତୋ' ନାଁ କ'ଣ ? ସେ ଉତ୍ତର ଦେଲା ରେଶମା, ତୁ ଏଠି ଏକୁଟିଆ କ'ଣ କରୁଛୁ ? ତୋ' ବାପା, ମାଆ କାହାନ୍ତି ? ରେଶମା କହିଲା ସେମାନେ ଦୁହେଁ କାମ କରିବାକୁ ଯାଇଛନ୍ତି। ଚାରିଟା ବେଳକୁ ମାଆ ଆସିବ। ତମ ଘର କେଉଁଠି ? ଏଇ ପଛପଟରେ। ଘରେ ଆଉ କିଏ ଅଛନ୍ତି ? କେହି ନାହାନ୍ତି। ମୁଁ ପୁଣି ପଚାରିଲି ତୁ କ'ଣ ଖାଇଛୁ ? ସେ କହିଲା- ଭାତ, ଡାଲି, ତରକାରି, ହେଇ ପା ଏଇଠି ସବୁ ଏବେ ଖାଉଥିଲି। ମୁଁ ଆଉ ଭାବିପାରୁ ନ ଥିଲି...

> ମୋ' ମିଷ୍ଟର୍ ମୋତେ କରୋନା ସମୟରେ ପଢ଼ିବାକୁ ଦେଇଥିଲେ ଇଣ୍ଡିଆନ ଅଥୋର୍ ମୁଲ୍କରାଜ ଆନନ୍ଦଙ୍କର ଉପନ୍ୟାସ ଅନଟଚେବଲ୍ ଏବଂ କୁଲି ଯେଉଁ ଦୁଇଟିରେ ମୁଖ୍ୟ ଚରିତ୍ର ଯଥାକ୍ରମେ, ବାଖା ମ୍ୟୁନିସିପାଲିଟି ସୁଇପର୍ ଓ ମୁନୁ ରିକ୍ସାପୁଲର୍ ଭାବେ କାମ କରୁଥିଲେ। ସତରେ କେତେ ମାର୍ମିକ ଥିଲା ଉପନ୍ୟାସ ଦୁଇଟିର ପୃଷ୍ଠଭୂମି।

ସତରେ ଏଇ ଛୋଟ ଝିଅଟିର କେତେ ଧୈର୍ଯ୍ୟ, ମୁଁ ତାକୁ ମୋ' ଟିଫିନ ବକ୍ସରୁ ବାହାର କରି ମିଠାଦେଲି ଖାଇବା ପାଇଁ। କହିଲା- ମୁଁ ପା ଏଇ ସାଙ୍ଗେ ସାଙ୍ଗେ ଖାଇଲି, ଆଉ ଖାଇବିନି, ମାଆ ଆସିଲେ ମୁଁ ଘରକୁ ଯିବି। ସତରେ ତା' କଥା ଶୁଣିଲା ପରେ ମୁଁ ବି ଆଉ ଖାଇପାରିଲି ନାହିଁ। ସେ ତା'ର ପାଣି ବୋତଲରୁ ପାଣି ଖାଲି ପିଉଥିଲା, ମୁହଁରେ ତା'ର ଆତ୍ମତୃପ୍ତିର ଝଲକ, ସେ ତା'ର ବାଲିରେ ଛୋଟ ଛୋଟ ଫୁଲ ଫଳ ଆଙ୍କି ଖେଳିବାରେ ଲାଗିଥାଏ। ଏମିତି ହେଇ ଚାରିଟା ବାଜିଗଲା। ମୁଁ ଭାବୁଥାଏ କେମିତି ବାୟୋମେଟ୍ରିକରେ ଟିପ ଚିହ୍ନ ଦେଇ ଘରକୁ ଆସିବି। ଘରେ ସାନ ଝିଅ ଏକା ଅଛି, ତା'ର ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଚାଲିଛି। ପୁଣି ରେଶମାକୁ ଏକା ଛାଡ଼ି ଆସିବାକୁ ଇଚ୍ଛା ହେଉ ନ ଥିଲା। ଏଇ ସମୟରେ ରେଶମାର ମାଆ ଆସି ପହଞ୍ଚିଲା, ହାତରେ ପାଉଁରୁଟି ପ୍ୟାକେଟ୍‌ଟିଏ ଧରିଥାଏ, ସେ ମୋତେ ଦେଖି କହିଲା ଦିଦି ନମସ୍କାର। ତମେ ସିନା ମୋତେ ଚିହ୍ନି ନ ଦିଦି, ମୁଁ ତମକୁ ଜାଣିଛି। ତମେ କୁଆଡ଼େ ଯାଇଥିଲ ଝିଅକୁ ଏଠି ଛାଡ଼ି ? ଦିଦି କାମକୁ ଯାଇଥିଲି, ମୁଁ ଏଇ ପାଖ ଓମ୍‌ଫେଡ୍ ଅଫିସ୍‌ରେ କାମ କରୁଛି, ରୋଷେଇ କରେ, ରେଶମାର ବାପା ସେଇ ଅଫିସ୍‌ରେ ସୁଇପର ଅଛନ୍ତି। ସେ ଛଅଟା ବେଳକୁ ଆସିବେ। ରେଶମା ପାଇଁ ମୁଁ ଆଗ ଚାଲି ଆସିଲି, ଘରେ କେହି ନାହାନ୍ତି ଦିଦି, ଶାଶୁ, ଶ୍ୱଶୁର କରୋନାରେ ଚାଲିଗଲା ପରଠାରୁ ରେଶମା ଏମିତି ଏଠିସେଠି ବସି ମନକୁ ମନ ଖେଳୁଥାଏ ମୁଁ ଫେରିବା ପର୍ଯ୍ୟନ୍ତ। ସକାଳୁ କ'ଣ ଟିକେ ଛତୁଆ ଗୋଳେଇ ଦେଇଥିଲି ଖାଇଥିଲା, ଯିଏ ଯାହା ଦେଲେ କିଛି ନବନି। ଦିଦି ପାଠ ଏବେ ଏବେ ଆରମ୍ଭ କରିଛି, ଭଲ ଚିତ୍ର ଆଙ୍କୁଛି, ଯାହା ସେଇ ଈଶ୍ୱରଙ୍କର ଇଚ୍ଛା ଥିବ। ଆମେ ତ ଗରିବ ଲୋକ, ଖଟିଲେ ଖାଇବୁ ଦି'ଓଳି, ନହେଲେ ଉପାସରେ ରହିବୁ। ହଉ ହେଲା ତମ ନାଁ ତ କ'ଣ କହିଲନି ମୋତେ। ଦିଦି ମୋ ନାଁ ସୁମତି, ଯାଙ୍କ ନାଁ ରଘୁ। ମୁଁ ତରତର ହେଉଥିଲି, କହିଲି ସୁମତି ତୁମେ ଏଇ ମିଠା ରଖ, ରେଶମାକୁ ଦବ। ତା' ହାତକୁ ଶହେ ଟଙ୍କା ଦେଇ କହିଲି ରେଶମା ପାଇଁ ଚକୋଲେଟ ଆଣିବ। ସେ କହିଲା- ଦିଦି ତମେ ନିଜେ ଆଣିବ। ଆରେ ମୁଁ ଏବେ ଝିଅର ପରୀକ୍ଷା ପାଇଁ ଛୁଟିରେ ରହିବି କିଛି ଦିନ। ଏଇଆ କହି ତା' ହାତରେ ଶହେ ଟଙ୍କା ଦେଇ ଚାଲି ଆସିବାକୁ ବାହାରିଲା ବେଳକୁ ସୁମତି ଆଖି ଛଳଛଳ କରି କହିଲା- ନାଇଁ ଦିଦି ଟଙ୍କା ଦିଅନି, ତୁମେ ଯେବେ ଆସିବ ରେଶମା ପାଇଁ ଚକୋଲେଟ ଆଣିବ। ସୁମତିର ସ୍ୱାଭିମାନକୁ ମୁଁ ପରଖୁଥିଲି। ଗାଡ଼ିରେ ବସି ଭାବୁଥିଲି, ସତରେ କେତେ ବିଚିତ୍ର ଏଇ ଜୀବନର କାହାଣୀ। ମୋ' ମିଷ୍ଟର୍ ମୋତେ କରୋନା ସମୟରେ ପଢ଼ିବାକୁ ଦେଇଥିଲେ ଇଣ୍ଡିଆନ ଅଥୋର୍ ମୁଲ୍କରାଜ ଆନନ୍ଦଙ୍କର ଉପନ୍ୟାସ ଅନଟଚେବଲ୍ ଏବଂ କୁଲି ଯେଉଁ ଦୁଇଟିରେ ମୁଖ୍ୟ ଚରିତ୍ର ଯଥାକ୍ରମେ, ବାଖା ମ୍ୟୁନିସିପାଲିଟି ସୁଇପର୍ ଓ ମୁନୁ ରିକ୍ସାପୁଲର୍ ଭାବେ କାମ କରୁଥିଲେ। ସତରେ କେତେ ମାର୍ମିକ ଥିଲା ଉପନ୍ୟାସ ଦୁଇଟିର ପୃଷ୍ଠଭୂମି। ଭାରି ଗୁମ୍‌ସୁମ୍ ଲାଗୁଥିଲା ରେଶମା କଥା ଭାବି। କେତେବେଳେ ଆସି କଟକ ମହାନଦୀ ବିହାରରେ ପହଞ୍ଚି ଯାଇଥିଲି ଜଣା ନ ଥିଲା। ଡ୍ରାଇଭରର ଡାକରେ ସଂବିତ୍ ଫେରିପାଇଲି। କାର୍‌ରୁ ଓହ୍ଲାଇ ଘର ଭିତରକୁ ପଶିଲି, କାନ୍ଥ ଘଣ୍ଟାରେ ଛଅଟା ବାଜିଥିଲା। ଟିକେ ଫ୍ରେସ୍ ହେଇ ସଂଧ୍ୟାଦେଲି। ଚା'କପ୍ ଧରି ଝିଅର ପଢ଼ା ଟେବୁଲ ପାଖରେ ବସି ଭାବୁଥିଲି ସତ କାହାଣୀ ଓ ସ୍ୱାଭିମାନର କଥା। ବଗିଚାରେ ଫୁଲମାନଙ୍କର ବର୍ଣ୍ଣାଳି ଆକାଶ ଛୁଇଁ ଯାଉଥିଲା ...ଝିଅ ତ୍ରିଭୁଜଟିଏ ଆଙ୍କୁଥିଲା ଖୁବ୍ ମନଯୋଗ ସହକାରେ। ଶୀର୍ଷବିନ୍ଦୁକୁ ମୁଣ୍ଡୁଳି ବୁଲାଇ ଦେଇଥିଲା। କହିଲା- ମାମା, ଏଇ ବିନ୍ଦୁଟି ହେଉଛି ସବୁଠାରୁ ସାନ, ତାକୁ ଅନ୍ୟ ଦୁଇ ବିନ୍ଦୁ ଧରି ରଖିଛନ୍ତି। ସେ କିନ୍ତୁ ତା'ର ନିଜସ୍ୱ ପଣରେ ମହକିତ ସଦା। ଝିଅର କଥାରେ ମୁଁ ଅନ୍ୟମନସ୍କ ହୋଇ ଭାବୁଥିଲି ରେଶମା କଥା। ଆରେ ସତେ ତ! ସେ ତ୍ରିଭୁଜର ଶୀର୍ଷବିନ୍ଦୁଟିଏ!



ୟୁଏନ୍ କଲେଜ, ଅଡ଼ଶପୁର

## କାଳକାଳକୁ



**"ସୌନ୍ଦର୍ଯ୍ୟର ଅପ୍ରତ୍ୟାଶିତ ଅନୁପ୍ରବେଶ, ତାହା ହିଁ ତ ଜୀବନ।"**

**– ସଲ୍ ବେଲୋ**

**ସଲ୍‌ବେଲୋ**ଙ୍କ ଜନ୍ମ ୧୦ ଜୁଲାଇ ୧୯୧୫ରେ, କାନାଡ଼ାରେ ଓ ପରଲୋକ ୫ ଏପ୍ରିଲ ୨୦୦୫ରେ, ଆମେରିକାରେ। ବିଶ୍ୱବିଦିତ ଏହି ଲେଖକଙ୍କ ରଚନାରେ ଥାଏ ଏକ ଅଭାବିତ ଅନ୍ତର୍ଦୃଷ୍ଟି ଓ ପ୍ରଜ୍ଞାପ୍ରଖର ପ୍ରକାଶଶୈଳୀ। ସବୁ ଲେଖାର ଚେର ଥାଏ ସଂସ୍କୃତିର ଗଭୀରତାରେ। 'Herzog', 'Seize the Day', ଓ 'Henderson the Rain King' ଆଦି ବହୁ କାଳଜୟୀ ଗ୍ରନ୍ଥର ସେ ଗ୍ରନ୍ଥକାର। ବିଶ୍ୱ ସାହିତ୍ୟକୁ ଅମର ଅବଦାନ ପାଇଁ ୧୯୭୬ରେ ତାଙ୍କୁ ମିଳେ 'ପୁଲିଜର ପୁରସ୍କାର' ଓ 'ନୋବେଲ ପୁରସ୍କାର'। ସମକାଳୀନ ସମାଜର ଜଟିଳ ଓ ଦ୍ୱନ୍ଦ୍ୱିଳ ଜୀବନବୋଧ ସଲ୍ ବେଲୋଙ୍କ ପ୍ରତ୍ୟେକଟି ଉପନ୍ୟାସରେ ଯେପରି ଜୀବନ୍ତ, ତା'ର କ୍ୱଚିତ୍ ପଟାନ୍ତର ବିଶ୍ୱ-ସାହିତ୍ୟରେ ଦେଖିବାକୁ ମିଳେ। ୧୯୫୪, ୧୯୬୫ ଓ ୧୯୭୧- ତିନିଥର ସେ 'ଜାତୀୟ ପୁସ୍ତକ ପୁରସ୍କାର'ରେ ସମ୍ମାନିତ। ସେ କହନ୍ତି: "ମୁଁ ବିଜନତାକୁ ଭଲପାଏ, କିନ୍ତୁ ଭାରି ଖୁସିହୁଏ, ଯଦି ସାଙ୍ଗ ମିଳନ୍ତି।"



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୭।୪।୨୦୨୩

| ୫,୫୩,୧୪୩ ଟଙ୍କା | |
|---|---|
| ସୁନା | ୧.୮୯୦ ଗ୍ରାମ୍ |
| ରୁପା | ୧୦୫ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଡ. ସତ୍ୟ ନାରାୟଣ ମିଶ୍ରଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ, ଏସ୍ଆଇଆର୍ଡି, ପଞ୍ଚାୟତିରାଜ ବିଭାଗ ସମ୍ମିଳନୀ କକ୍ଷ, ୟୁନିଟ-୮ (ଷ୍ଟୁଆର୍ଟ ସ୍କୁଲ ନିକଟ), ପୂର୍ବାହ୍ନ ୧୦ଟା ୩୦।
- ରିଦିମ୍ ଡ୍ୟାନ୍ସ ଏକାଡେମୀର ୭ମ ବାର୍ଷିକ ଉତ୍ସବ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ଟଗ୍ ଅଫ୍ ୱାର ଆସୋସିଏଶନ ପକ୍ଷରୁ ଓଡ଼ିଶା ୱିମେନ୍ସ ଟଗ୍ ଅଫ୍ ୱାର ପ୍ରତିଯୋଗିତା, ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ପରିସର, ବଡ଼ଗଡ଼, କେନାଲ ରୋଡ୍, ସନ୍ଧ୍ୟା ୬ଟା।
- ସୁରଭି ଅନୁଷ୍ଠାନ ପକ୍ଷରୁ ୨୧ତମ ଏକାମ୍ର ନୃତ୍ୟ ମହୋତ୍ସବ, ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା।
- କେତକି ଫାଉଣ୍ଡେଶନ ପକ୍ଷରୁ ଜୟନ୍ତ ମହାପାତ୍ରଙ୍କ ପୁସ୍ତକ ଉନ୍ମୋଚନ, ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ସନ୍ଧ୍ୟା ୬ଟା।

ବାଲିଅନ୍ତା

- ରାମ ଲୀଳାର ନାଟକ ସୀତାଙ୍କ ବାଲି ପିଣ୍ଡ ଦାନ, ବେଣୁପର ରାମଲୀଳା ପଡ଼ିଆ, ରାତି ରାତି ୧୧ଟା ୩୦।
- ରାମ ଲୀଳା ନାଟକ 'ଭରତ ମିଳନ', ରାମ ଲୀଳା ପଡ଼ିଆ ସୀତା ରାମେଶ୍ୱର ମନ୍ଦିର ନିକଟ ଗୋଡଲିନ୍ଧା, ରାତି ୧୧ଟା ୩୦।
- ରାମ ଲୀଳାର ନାଟକ 'ପ୍ରଭୁ ଶ୍ରୀରାମଙ୍କ ସହ ହନୁମାନ ଭେଟ' କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ, ରାତି ୧୧ଟା ୩୦।

କଟକ

- ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିଙ୍କୁ ସମ୍ବର୍ଦ୍ଧନା ସମାରୋହ, ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

# ଦେଢ଼କୋଟି ଆତ୍ମସାତ୍ କରିଛନ୍ତି ମହିଳା ଡାକ ଏଜେଣ୍ଟ

ଭୁବନେଶ୍ୱର,୭।୪(ବ୍ୟୁରୋ)




ପୋଷ୍ଟାଲରେ ଜମା କରିବା ନାଁରେ ୧୫ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ ଘଟଣାରେ ଶ୍ରୀ ଲିଙ୍ଗରିଜ ଥାନା ପୋଲିସ ଅଭିଯୁକ୍ତା ମହିଳା ଡାକ ଏଜେଣ୍ଟ ସ୍ୱର୍ଣ୍ଣଲତା ଦାସଙ୍କୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ୯୮ଜଣଙ୍କ ୧୨୯ଟି ପାସ୍‌ବୁକ୍ ଜବତ କରିବା ସହ ପଚରାଉଚରାବେଳେ ପୋଲିସ ବଡ଼ ଠକେଇର ସୂଚନା ପାଇଛି। ସେ ଦେଢ଼କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ପୋଲିସ ଅନୁମାନ କରୁଛି। ଅନ୍ୟପଟେ ଏହି ଘଟଣା ପ୍ରଘଟ ହେବା ପରେ ଅଭିଯୁକ୍ତା ମହିଳାଙ୍କ ନାଁରେ ଶୁକ୍ରବାର ୩୦ରୁ ଅଧିକ ମହିଳା ଥାନାରେ ଠକେଇ ଅଭିଯୋଗ କରିଛନ୍ତି। ଏପରିକି ଜଣେ ବୃଦ୍ଧାଙ୍କଠାରୁ ମଧ ୩୦ହଜାର ଟଙ୍କା ଠକିନେଇଛନ୍ତି। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଖୋଲତାଡ ଚଳାଇଛନ୍ତି। ଅଭିଯୁକ୍ତା ସ୍ୱର୍ଣ୍ଣପ୍ରଭା ଉକ୍ତ

**ରିମାଣ୍ଡରେ ଆଣିବାକୁ ଯୋଜନା**

**ଆସିଲା ଆଉ ୩୦ ଅଭିଯୋଗ**

ଟଙ୍କା କେଉଁଠି ବିନିଯୋଗ କରିଛନ୍ତି, କାହା ଆକାଉଣ୍ଟକୁ ପଠାଇଛନ୍ତି, ଏଥିରେ ଆଉ କିଏ ସଂପୃକ୍ତ ଅଛନ୍ତି, ତାହା ଜାଣିବାକୁ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି।

ସୂଚନାନୁସାରେ, ଅଭିଯୁକ୍ତା ସ୍ୱର୍ଣ୍ଣପ୍ରଭା ଭୀମ ଟାଙ୍ଗୀ ପୋଷ୍ଟ ଅଫିସ୍‌ରେ ଡାକ ଏଜେଣ୍ଟ ଭାବେ କାମ କରନ୍ତି। ତେଣୁ ପୋଷ୍ଟାଲରେ ଆକାଉଣ୍ଟ ଖୋଲିଥାନ୍ତି। ହେଲେ ଲୋକେ ଆକାଉଣ୍ଟ ଖୋଲିବା ଓ ଜମା ବାବଦକୁ ଦେଉଥିବା ଟଙ୍କାକୁ ସେ ଜମା ବଦଳରେ ଆତ୍ମସାତ କରିଦେଉଥିଲେ। ଏପରିକି ଧରା ନ ପଡିବା ଲାଗି ପାସ୍‌ବୁକ ଓ ପୋଷ୍ଟାଲ ସେଭିଙ୍ଗ୍ ଆକାଉଣ୍ଟ ଖାତାକୁ ନିଜ ପାଖରେ ରଖୁଥିଲେ। ଲୋକେ ତାହାକୁ ମାଗିଲେ ସେ ବାହାନା କରି ଦିନ ପରେ ଦିନ ଗଡ଼ାଉଥିଲେ। ଲିଙ୍ଗରାଜ ମନ୍ଦିରରେ ଅଭଡା ପ୍ରସ୍ତୁତ କରୁଥିବା ଜଣେ ମହିଳା ଖାତା ମାଗିବାକୁ ଅଭିଯୁକ୍ତାଙ୍କ ପାଖକୁ ଯାଇଥିବାବେଳେ ସେ ଅଶ୍ରାଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ତେଣୁ ସେ ଥାନାର ଦ୍ୱାରସ୍ଥ ହେବା ସହ ୧୫ ଲକ୍ଷ ଟଙ୍କାର ଆତ୍ମସାତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତା ସ୍ୱର୍ଣ୍ଣପ୍ରଭାଙ୍କୁ ଗୁରୁବାର ଗିରଫ କରିଥିଲା।



କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ଅସୁରେଶ୍ୱରଠାରେ ଅନୁଷ୍ଠିତ ଦାଣ୍ଡଯାତ୍ରାରେ ପ୍ରଭୁ ରଘୁନାଥଙ୍କୁ ବିମାନରେ ଦଧିବାମନ ମନ୍ଦିର ଅଭିମୁଖେ ନିଆଯାଉଛି।

# ସଚିବାଳୟରେ ଚାକିରି ଦେବାକୁ କହି ୧୩ ଲକ୍ଷ ଚଳୁ

**ବର୍ଷକ ପରେ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,୭।୪(ବ୍ୟୁରୋ)

ସଚିବାଳୟରେ ଏଏସ୍‌ଓ ଚାକିରି କରାଇ ଦେବାକୁ କହି ଜଣେ ଯୁବକଙ୍କୁ ୧୩ ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ରଞ୍ଜିତ ସ୍ୱାଇଁଙ୍କୁ ଶୁକ୍ରବାର ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ତାଙ୍କ ଘର ଜଗତ୍‌ସିଂହପୁରରେ ହୋଇଥିବାବେଳେ ଭୁବନେଶ୍ୱର ପାହାଳ ଅଞ୍ଚଳରେ ରହୁଛନ୍ତି। ତାଙ୍କଠାରୁ ଏକ ଜାଲ୍ ନିଯୁକ୍ତିପତ୍ର ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ. ୨୭/୨୦୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୨୦୧୯ରେ ଅଭିଯୋଗକାରୀ ଆଶିଷ ଏବଂ ଅଭିଯୁକ୍ତ ରଞ୍ଜିତ ବମିଖାଲସ୍ଥିତ ହଷ୍ଟେଲରେ ଅନ୍ୟ ୩ଜଣଙ୍କ ସହ ରହୁଥିଲେ। ରଞ୍ଜିତ ସେଠାରେ ନିଜକୁ ଜଣେ ରାଜନେତା ଭାବେ ପରିଚୟ ଦେବା ସହ ତାଙ୍କର ବଡ଼ ବଡ଼ ରାଜନେତାଙ୍କ ସହିତ ଭଲ ସମ୍ପର୍କ ଥିବା କହିଥିଲେ। ତେଣୁ ସଚିବାଳୟରେ ଏଏସ୍‌ଓ ପଦବୀରେ ଚାକିରି କରାଇଦେବାର ବିଶ୍ୱାସ ଜନ୍ମାଇ ଆଶିଷଙ୍କଠାରୁ ୧୩ ଲକ୍ଷ ଟଙ୍କା ନେଇ ସମୟ ଗଡ଼ାଇଥିଲେ। ଆଶିଷ ଟଙ୍କା ଫେରସ୍ତ କରିବାକୁ କହିବାରୁ ରଞ୍ଜିତ ୨୦୨୨ ସେପ୍ଟେମ୍ବର ୨୩ରେ ତାଙ୍କୁ ଏକ ଜାଲ୍ ନିଯୁକ୍ତିପତ୍ର ଦେଇଥିଲେ। ଏହା ଜାଣିବା ପରେ ଆଶିଷ ଗତ ଜାନୁୟାରୀ ୨୧ରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ବର୍ଷକ ପରେ ଶୁକ୍ରବାର ବମିଖାଲ କେନାଲ ରୋଡ ନିକଟରୁ ରଞ୍ଜିତଙ୍କୁ ଗିରଫ କରିଥିଲା।

# ଦାଣ୍ଡ ବିଜେ କଲେ ରଘୁନାଥ

ନିଶ୍ଚିନ୍ତକୋଇଲି, ୭।୪(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ପ୍ରସିଦ୍ଧ ଅସୁରେଶ୍ୱର ଦାଣ୍ଡଯାତ୍ରା ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। କାଳବୈଶାଖୀ ବର୍ଷାସତ୍ତ୍ୱେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଏହି ଯାତ୍ରା ଦେଖିବାକୁ ଆସିଥିଲେ। ଏହି ଅବସରରେ ମାନସିକ ଦାଣ୍ଡ ଭୋଗ ସହ ବାଣ ଫୁଟାଯାଇଥିଲା। ଅପରପକ୍ଷେ ଦଧିବାମନ ମହାପ୍ରଭୁ ରଘୁନାଥଙ୍କ ବେଶରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଉଭୟ ରଘୁନାଥ ଓ ଦଧିବାମନଙ୍କ ମହାମିଳନ ପରେ ଦଧିବାମନଙ୍କ ପୀଠରେ ଭୋର୍ ସମୟରେ ନାଗଫାଶ ବନ୍ଧନ ରାମଲୀଳା ସମ୍ପାଦନ କରାଯାଇଥିଲା। ଗୁରୁବାର ପ୍ରଭାତରୁ ରଘୁନାଥଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟାରେ ମହାଆଳତି ପରେ ମହାପ୍ରଭୁ ରାମଚନ୍ଦ୍ର, ମାତା ସୀତା ଓ ଲକ୍ଷ୍ମଣଙ୍କୁ ରତ୍ନ ସିଂହାସନରୁ ଏକ ଶୋଭାଯାତ୍ରାରେ ନାଟ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ସୁସଜ୍ଜିତ ବିମାନରେ ୩ ଠାକୁରଙ୍କୁ ବିଜେ କରାଯିବା ପରେ ମନ୍ଦିରର ମୁଖ୍ୟ ପୂଜକ ମନମୋହନ ପତି ପାରମ୍ପରିକ ରୀତିନୀତି ଅନୁଯାୟୀ, ଧୂପ,ଦୀପ ଓ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ପଡ଼ିଆ ଅଭିମୁଖେ ନିଆଯାଇଥିଲା। ଏହି ସମୟରେ ମହାପ୍ରଭୁଙ୍କୁ ଦାଣ୍ଡ ଭୋଗ



ସୁଆଙ୍ଗମାନେ ରାମ, ଲକ୍ଷ୍ମଣଙ୍କ ବେଶରେ ସୁସଜ୍ଜିତ ହୋଇଛନ୍ତି।

**ଅସୁରେଶ୍ୱରର ପ୍ରସିଦ୍ଧ ଦାଣ୍ଡଯାତ୍ରା**

ଲାଗି କରାଯାଇଥିଲା। ୧୫୦ରୁ ଉର୍ଦ୍ଧ୍ୱ ହନୁମାନ ବେଶଧାରୀ ଟ୍ରାଫିକ ନିୟନ୍ତ୍ରଣ କରି ମହାପ୍ରଭୁଙ୍କୁ ଦଧିବାମନ ମନ୍ଦିର ଅଭିମୁଖେ ନେଇଯାଇଥିଲେ। ଦାଣ୍ଡବିଜେ ସମୟରେ ରାମ, ଲକ୍ଷ୍ମଣ, ସୀତା ଓ ରାବଣ ବେଶଧାରୀ ସୁଆଙ୍ଗମାନେ ଅନ୍ୟ ୪ ବିମାନରେ ଦଧିବାମନଙ୍କ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଉଭୟ ରଘୁନାଥ ଓ ଦଧିବାମନଙ୍କ ମହାମିଳନ କରାଯାଇଥିଲା। ଅସୁରେଶ୍ୱର ଦାଣ୍ଡଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଓ ଜୟଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ ଓ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ଓ ପ୍ରଶାସନିକ ଅଧିକାରୀଭାବେ ତହସିଲଦାର ଦିଲୀପ କୁମାର ନାୟକ ଯାତ୍ରା ଓ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

## ସୁଦର୍ଶନଙ୍କ ବାଲୁକା କଳାକୁ ଡବ୍ଲ୍ୟୁଏଚ୍ଓ ମୁଖ୍ୟଙ୍କ ପ୍ରଶଂସା




**ପୁରୀ ଅଫିସ, ୭।୪:** ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଅନ୍ତର୍ଜାତୀୟ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ' ବାର୍ତ୍ତା ଦେଇ ସଚେତନତା କରିଥିଲେ। ଶିଳ୍ପୀ ସୁଦର୍ଶନଙ୍କ ଏହି ବାଲୁକା କଳାକୁ ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ)ର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧନୋମ୍ ଘେବ୍ରେୟେସସ୍ ଟୁଇଟ୍‌ରେ ପ୍ରଶଂସା କରିଛନ୍ତି। ଏହି ବର୍ଷ ଡବ୍ଲ୍ୟୁଏଚ୍ଓ ୨୫ତମ ବାର୍ଷିକୀ ସମାପ୍ତ ହୋଇଥିବା ବେଳେ ଚଳିତବର୍ଷର ବିଷୟବସ୍ତୁ ହେଉଛି ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ। ସେ ନିଜ ଟୁଇଟରେ ଲେଖିଛନ୍ତି ଯେ, ସୁଦର୍ଶନଙ୍କ ଏହି କଳାକୃତି ବହୁତ ସୁନ୍ଦର ହୋଇଛି। ସେ ସର୍ବଦା ସମାଜର ସ୍ୱାସ୍ଥ୍ୟ ସଚେତନତା କରୁଥିବାରୁ ଏଥିପାଇଁ ଧନ୍ୟବାଦ।

# ବର୍ଷକୁ ପ୍ରଦୂଷଣରେ ୭ ନିୟୁତରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ

ଭୁବନେଶ୍ୱର, ୭।୪ (ବ୍ୟୁରୋ)

ରୋଗମୁକ୍ତ, ସୁସ୍ଥ ଜୀବନଯାପନ କରିବା ସମସ୍ତଙ୍କର ସ୍ୱପ୍ନ। ମାତ୍ର ବିଭିନ୍ନ ପ୍ରଦୂଷଣର ପରିଣାମ ସ୍ୱରୂପ, ଆମେ ବିବିଧ ସ୍ୱାସ୍ଥ୍ୟ ସମସ୍ୟା ଏବଂ ରୋଗର ସମ୍ମୁଖୀନ ହେଉଛୁ। ଦୁନିଆର ପ୍ରତି ୧୦ଜଣଙ୍କ ମଧ୍ୟରୁ ୯ଜଣ ପ୍ରଦୂଷିତ ବାୟୁକୁ ନିଃଶ୍ୱାସରେ ଗ୍ରହଣ କରୁଛନ୍ତି। ସେହିପରି ପ୍ରତିବର୍ଷ ବିଶ୍ୱରେ ୭ ନିୟୁତରୁ ଅଧିକ ଲୋକଙ୍କ ମୃତ୍ୟୁ ପାଇଁ ଏପରି ପ୍ରଦୂଷଣ ସିଧାସଳଖ ଦାୟୀ। ଏକ ବିଶ୍ୱସ୍ତରୀୟ ଅଧ୍ୟୟନରୁ ପ୍ରକାଶ ଯେ, ୨୦୧୯ରେ ପ୍ରାୟ ୨୩ ଲକ୍ଷ ଲୋକଙ୍କ ଅକାଳ, ପ୍ରଦୂଷଣଜନିତ ମୃତ୍ୟୁ ସହ ଭାରତ ବିଶ୍ୱର ଶୀର୍ଷରେ ରହିଥିଲା। ଏଥିମଧ୍ୟରୁ ପ୍ରାୟ ୧୨.୪ ଲକ୍ଷ ମୃତ୍ୟୁ କେବଳ ବାୟୁ ପ୍ରଦୂଷଣରୁ ଘଟିଛି ବୋଲି ମତ ପ୍ରକାଶ ପାଇଛି।

ଓଡ଼ିଶା ପରିବେଶ ସମିତି ଓ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭେଷଜ ବିଶେଷଜ୍ଞ ତଥା କର କ୍ଲିନିକ ଓ ହସ୍ପିଟାଲର ଡା. ନୀରୋଜ କୁମାର ମିଶ୍ର ଯୋଗଦେଇ, ବର୍ତ୍ତମାନର ସ୍ୱାସ୍ଥ୍ୟ ପରିସ୍ଥିତି ଏକ ଦୁଃଖଦ ଚିତ୍ର ଉପସ୍ଥାପନ କରୁଛି ବୋଲି ଚିନ୍ତା ପ୍ରକଟ କରିଥିଲେ। ଓଇଏସ ଉପସଭାପତି ଡ. ବିଜୟ କେତନ ପଟ୍ଟନାୟକ ଅଧ୍ୟକ୍ଷତା କରି ସ୍ୱାସ୍ଥ୍ୟ ସମସ୍ୟା ଉପରେ ସଚେତନତା ସୃଷ୍ଟି କରିବା, ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ଏବଂ ପରିବେଶର ସୁରକ୍ଷା ପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଜ୍ଞାନ କେନ୍ଦ୍ରର ସଂଯୋଜକ ଇଂ. ସୌମେନ ଘୋଷ କହିଲେ, ଯେ ପର୍ଯ୍ୟନ୍ତ ପ୍ରକୃତିର ଉପଯୁକ୍ତ ଯତ୍ନ ନିଆଯିବ ସେ ପର୍ଯ୍ୟନ୍ତ ମାନବଜାତି ପୃଥିବୀପୃଷ୍ଠରେ ତିଷ୍ଠି ରହିବ। ଓଇଏସ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଡ. ଲାଲା ଏ.କେ. ସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ କେନ୍ଦ୍ରର ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।






ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ ଗୁଡ୍ ଫ୍ରାଇଡେ' ପାଳନ ଅବସରରେ ପ୍ରଭୁ ଯୀଶୁଙ୍କ ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। (ଫଟୋ– ବିକାଶ)

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ସୁନାକର



@ ବିଜୟ



@ ସୋହନ



@ ଅଜିତ



@ ରାଜେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ବ୍ରାହ୍ମଣଝରିଲୋ ଗୁଳିକାଣ୍ଡ ମାମଲା**

କଟକ ଅଫିସ,୭।୪

କଟକ ଜିଲା ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ବଜାରରେ ଘଟିଥିବା ଗୁଳିକାଣ୍ଡ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କଟକ ଏଡିଜେ କୋର୍ଟ–୩ର ବିଚାରପତି ଅଭିଜିତ ପଲେଇ ୨୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ମୋଟ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅଭିଯୁକ୍ତମାନେ ହେଲେ ଟୁଲିଆ ଓରଫ ନିଗମାନନ୍ଦ ଜେନା, ନିହାର ରଞ୍ଜନ ଦାସ, ସୁମନ ଦାସ ଓ ମାଧବ ଦାସ। ଏମାନେ ପୋଲିସ ଦ୍ୱାରା ୨୦୧୬ ଜାନୁୟାରୀ ୬ରୁ ଗିରଫ ହୋଇ ଜେଲରେ ଅଛନ୍ତି। ଅପରପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଚଗଲା ମଲ୍ଲିକଙ୍କର ୨୦୧୭ରେ ଅନ୍ୟ ଏକ ମାମଲାରେ ପୋଲିସ ଏନ୍‌କାଉଣ୍ଟରେ ମୃତ୍ୟୁ ଘଟିଥିଲା। ମାମଲାର ବିବରଣୀରୁ ପ୍ରକାଶ, ମଙ୍ଗଳାବାଗ ଥାନା ଅନ୍ତର୍ଗତ ଥୋରିଆସାହିର ବିନୋଦ ବିହାରୀ ଦାସଙ୍କ ବ୍ରାହ୍ମଣଝରିଲୋ ବଜାରରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲିଥିଲା। ୨୦୧୫ ଡିସେମ୍ବର ୬ରେ ବିନୋଦ ଉକ୍ତ କାର୍ଯ୍ୟ ତଦାରଖ କରିବା ପାଇଁ ଯାଇଥିଲେ। କାର୍ଯ୍ୟର ଦାୟିତ୍ୱ ନେଇଥିବା ଠିକାଦାରଙ୍କ ସହ ସେ କଥା ହେଉଥିଲେ। ଏହି ସମୟରେ ୪ ଜଣ ଦୁର୍ବୃତ୍ତ ବାଇକ୍‌ରେ ସେଠାରେ ପହଞ୍ଚିଥିବାବେଳେ ୨ ଜଣ କିଛି ଦୂରରେ ଥିଲେ। ଅନ୍ୟ ୨ ଜଣ ଅତି ନିକଟକୁ ଯାଇ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ତାଙ୍କ ଶରୀରରେ ୬/୭ଟି ଗୁଳି ବାଜିଥିଲା। ପରେ ଦୁର୍ବୃତ୍ତମାନେ ସେଠାରେ ଥିବା ମଦ ଦୋକାନରେ ପଶି ଭଙ୍ଗାରୁଜା କରିବା ସହ କିଛି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ବିନୋଦଙ୍କୁ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ବଡ଼ଭାଇ ବାବୁ କଟକ ସଦର ଥାନାରେ ଏତଲା ଦେଇଥିଲେ। ବ୍ୟବସାୟିକ ଶତ୍ରୁତାରୁ ସୁପାରିକିଲର ଦ୍ୱାରା ତାଙ୍କ ସାନଭାଇଙ୍କୁ ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୮ ଏପ୍ରିଲ, ୨୦୨୩



### ରଞ୍ଜନ ଷଡ଼ଙ୍ଗୀ ମେମୋରିଆଲ ଟ୍ରଫି କ୍ରିକେଟ୍ ଉଦ୍‌ଘାଟିତ

ପୁରୀ ଅଫିସ: ପୁରୀ ପୋଲିସ ରିଜର୍ଭ ପଡ଼ିଆରେ ଶୁକ୍ରବାର ଷଷ୍ଠତମ ରଞ୍ଜନ ଷଡ଼ଙ୍ଗୀ ମେମୋରିଆଲ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଲ ସିଂ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଡିସି କୌଶିକ ନାୟକ, ଆସିଷ୍ଟାଣ୍ଟ କମାଣ୍ଡର ଜିତେନ୍ଦ୍ର ଦେହୁରୀ, ଘନଶ୍ୟାମ ହେମ୍ବ୍ରମ ଏବଂ ଆର୍‌ଆଇ ଚନ୍ଦ୍ରଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପତିତପାବନ ଟିମ୍ ଏବଂ ଶ୍ରୀକୃଷ୍ଣ ସ୍ପୋର୍ଟିଂ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପତିତପାବନ ଟିମ୍ ନିର୍ଦ୍ଧାରିତ ୧୫ ଓଭର ଖେଳି ୧୩୪ ରନ୍ କରିଥିଲା। ୧୩୫ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଶ୍ରୀକୃଷ୍ଣ ସ୍ପୋର୍ଟିଂ ୧୨ ଓଭରରେ ୩ ଉଇକେଟ ହରାଇ ମ୍ୟାଚ ଜିତିଥିଲା। ଉତ୍ତମ ଖେଳ ପାଇଁ କୁମାର ଆଶିଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ଆକ୍ରମଣ କରି ଲୁଟ୍

ନିମାପଡ଼ା,୭।୪(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଜୁଆଁଲୋ ଗ୍ରାମରେ ଗୁରୁବାର ରାତିରେ ୨ଜଣ ଦୁର୍ବୃତ୍ତ ଚୋରି ପାଇଁ ଗୋଟିଏ ଘରେ ପଶିଥିଲେ। ସେହି ସମୟରେ ଜଣେ ମହିଳା ଉଠିଯିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ଧମକାଇ ସୁନାଗହଣା ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୦୬/୨୩) ରୁଜୁ କରିବା ସହ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଅଭିଯୋଗକାରିଣୀ ମିନତୀ ବେହେରା ଗୁରୁବାର ରାତିରେ ପରିବାରବର୍ଗଙ୍କ ସହ ଖାଇବା ପରେ ଶୋଇଯାଇଥିଲେ। ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ଘରର ପ୍ରାଚୀର ଡେଇଁ ଘରେ ପଶିଥିଲେ। ଶବ୍ଦ ଶୁଣି ମିନତୀ ଉଠିଯିବାରୁ ଦୁର୍ବୃତ୍ତଦ୍ୱୟ ତାଙ୍କୁ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ଘର ଆଲମିରାରୁ ୫୦ହଜାର ଟଙ୍କା, ୧୦ ଗ୍ରାମର ଏକ ସୁନାଚେନ ଲୁଟି ନେଇଯାଇଥିଲେ। ପରେ ମିନତୀ ପରିବାର ଲୋକଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ମିନତୀ ଆହତ ହୋଇଛନ୍ତି।

### ଯାନବାହନ ଯାଞ୍ଚ ସହ ସଚେତନତା

ନିମାପଡ଼ା,୭।୪(ଡି.ଏନ୍.ଏ.)- ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ଅବସରରେ ଆଞ୍ଚଳିକ ପରିବହନ ପ୍ରାଧିକରଣ (ପୁରୀ) ଓ ଚାରିଛକ ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ଚାରିଛକ ବଜାରଠାରେ ଯାନବାହନ ଯାଞ୍ଚ କରାଯାଇଥିଲା। ପୁରୀର ଆର୍‌ଟିଓ ରବିନ୍ ପଟ୍ଟନାୟକ, ମୋଟରଯାନ ନିରୀକ୍ଷକ(ଏମ୍‌ଭିଆଇ) ପୁରୀର ଅମିତ ରାଣା, ଟ୍ରାଫିକ ଇନ୍‌ସ୍ପେକ୍ଟର(ପୁରୀ) ସୁଶାନ୍ତ ପାତ୍ର, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରମୁଖ ଯାନବାହନ ଯାଞ୍ଚ କରି ଗାଡ଼ି ଚାଳକମାନେ ସରକାରୀ ନିୟମକୁ ଉଲ୍ଲଂଘନ କରି ବିନା ହେଲମେଟ ଓ ସିଟ୍‌ବେଲ୍ଟ ବ୍ୟବହାର ନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ୮୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଚାରିଛକ ଥାନାଧିକାରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଚାରିଛକ ଥାନା ପୋଲିସ ଓ ପୁରୀ ଆର୍‌ଟିଓ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ହେଲମେଟ ପିନ୍ଧିବା, ସିଟବେଲ୍ଟ ଲଗାଇବା, ଟ୍ରାଫିକ ନିୟମ ମାନିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା ଆଦି ନିୟମ ଓ କଟକଣା ସମ୍ପର୍କରେ ଅଧିକାରୀମାନେ ସଚେତନ କରାଇଥିଲେ।

### ପିପିଲି ବଜାର ଦେଇ ବସ୍ ନେବାକୁ ଅନୁରୋଧ

ପିପିଲି,୭।୪(ଡି.ଏନ୍.ଏ./ସ୍ୱ.ପ୍ର.)- ପିପିଲି ବଜାର ଦେଇ ଯାତ୍ରୀବାହୀ ବସ୍ ଯାଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଦୂର ପାଇଁ ଅଣ୍ଟା ଭିଡ଼ିଛନ୍ତି ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଯୁଧିଷ୍ଠିର ସାମନ୍ତରାୟ। ଶୁକ୍ରବାର ଯୁଧିଷ୍ଠିର ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଟୋଲ ଗେଟ୍ ନିକଟରେ ଶତାଧିକ କର୍ମୀଙ୍କ ସହିତ ସମସ୍ତ ବସ୍‌କୁ ଅଟକାଇ ପିପିଲି ବଜାର ଦେଇ ନିୟମିତ ଯିବାପାଇଁ ବସ୍ କର୍ମଚାରୀଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରମୁ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଅଲ୍ଲୀ ବାବୁଲା ପ୍ରମୁଖ ସାମିଲ ହୋଇଥିଲେ। ଯୁଧିଷ୍ଠିରଙ୍କ ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ପୁରୀରେ ଜୟଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ

ପୁରୀ ଅଫିସ, ୭।୪: ମହାପ୍ରଭୁଙ୍କ ପ୍ରିୟ ସଙ୍ଗୀତ ଗୀତଗୋବିନ୍ଦର ରଚୟିତା ଭକ୍ତକବି ଜୟଦେବଙ୍କ ପ୍ରତିମୂର୍ତ୍ତି ପୁରୀ ଜୟଦେବ ଫାଉଣ୍ଡେଶନ ଶାଖା ଏବଂ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଜିଲା ସ୍କୁଲ ନିକଟରେ ସ୍ଥାପନ କରାଯିବ। ଜୟଦେବଙ୍କ ଜନ୍ମତିଥି ଅକ୍ଷୟ ତୃତୀୟାରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ସୂଚନା ମିଳିଛି।

# ମୂଷାନଈ ଫେଜ୍ -୨ ଲେକ୍ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ

ପୁରୀ ଅଫିସ, ୭।୪:

ରାଜ୍ୟ ସରକାର ପୁରୀ ସହରକୁ ଐତିହ୍ୟ ନଗରୀରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ସରକାରଙ୍କ ଅବଢ଼ା ଯୋଜନାରେ ପୁରୀରେ ଏକାଧିକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ଯୋଡ଼ି ହୋଇଛି ମୂଷାନଈ ଫେଜ-୨ ଲେକ୍ ପ୍ରକଳ୍ପର କାର୍ଯ୍ୟ। ପ୍ରାୟ ୨୦ ଏକର ଜମିରେ ବୋଟିଂ, ପାଦଚଲା ରାସ୍ତା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରହିଛି। ତେବେ ସମସ୍ତ କାର୍ଯ୍ୟ ଆସନ୍ତା ୬ମାସ ମଧ୍ୟରେ ଶେଷ କରିବାକୁ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଏନେଇ ଟେଣ୍ଡର ପ୍ରକ୍ରିୟା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଶୁକ୍ରବାର ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି।

ଅବଢ଼ା ଯୋଜନା ଅଧୀନରେ ଜାରି ରହିଛି ୩୨ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ରୂପରେଖ। ମୂଷା ନଦୀ ପୁନରୁଦ୍ଧାର ବି ତନ୍ମଧ୍ୟରେ ସାମିଲ ରହିଛି। ଏହି ପ୍ରକଳ୍ପ ଅଧୀନରେ ଏବେ ଖଣ୍ଡିଆବନ୍ଧ ଅଞ୍ଚଳ ଅଠରନଳା ନିକଟରେ ଥିବା ୨୦ଏକର ଜଳାଶ୍ରୟ ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ଏହାର ନାମ ମୂଷା ନଦୀ ଫେଜ -୨ ଲେକ୍ ପ୍ରୋଜେକ୍ଟ ରହିଛି। ଓବିସିସିକୁ ଏହି ପ୍ରକଳ୍ପ ଦାୟିତ୍ୱ ଦିଆଯାଇଛି। ଆଗାମୀ ୬ମାସ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି। ଏଠାରେ ବୋଟିଂ, ପାଦଚଲା ରାସ୍ତା ସହ ସୌନ୍ଦର୍ଯ୍ୟକରଣ କରାଯିବ। ଫଳରେ ପର୍ଯ୍ୟଟକ, ଶ୍ରଦ୍ଧାଳୁ ଓ ସହରବାସୀଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ଜିଲାପାଳ କହିଛନ୍ତି। ଖଣ୍ଡିଆବନ୍ଧ ଅଞ୍ଚଳରେ ୨୦ ଏକର ଜଳାଶ୍ରୟ ଜମିରେ ପୂର୍ବରୁ ମାଛ ଯାଆଁଳା ଉତ୍ପାଦନ କେନ୍ଦ୍ର ରହିଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହି କେନ୍ଦ୍ର ପ୍ରାୟ ବନ୍ଦ ପଡ଼ିଥିଲା। ପ୍ରାୟ ୧୦ଟି ପୋଖରୀରେ ମତ୍ସ୍ୟ ବିଭାଗ ପକ୍ଷରୁ ଯାଆଁଳ ଉତ୍ପାଦନ କରି ମାଛଚାଷୀଙ୍କୁ ସୁଲଭ ମୂଲ୍ୟରେ ଦିଆଯାଉଥିଲା। ହେଲେ କିଛିବର୍ଷ ହେବ କେନ୍ଦ୍ର ବନ୍ଦ ଅବସ୍ଥାରେ ରହିଥିଲା। ଏବେ ଲେକ୍ ପ୍ରୋଜେକ୍ଟ ମାଧ୍ୟମରେ ଜଳାଶ୍ରୟର ପୁନରୁଦ୍ଧାର ହେବା ସହ ଅଞ୍ଚଳର ବିକାଶ ହୋଇପାରିବ। ଏହାକୁ ଅଞ୍ଚଳବାସୀ ସ୍ୱାଗତ କରିଥିବା ବେଳେ ଯାଆଁଳ ଉତ୍ପାଦନ କେନ୍ଦ୍ର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହେଉଛି।



ପୁରୀ ସାହିଯାତ ଅବସରରେ ବାଲିସାହି ଆଖଡ଼ା ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା ନୀତି ସମ୍ପାଦନ ପାଇଁ ରାବଣ ବେଶଧାରୀ ଲକି ମହାସୁଆର ଶୁକ୍ରବାର ଜଗନ୍ନାଥ ବଲ୍ଲଭକୁ ଯାଉଛନ୍ତି।

# ଗୁରୁକୁଳ ଉତ୍ସବ ଉଦ୍‌ଘାଟିତ



ଗୁରୁକୁଳ ଉତ୍ସବରେ ଗୁରୁ ଗୋପାଳଚନ୍ଦ୍ର ପଣ୍ଡାଙ୍କୁ ସମ୍ମାନିତ କରାଯାଉଛି ।

ସାକ୍ଷୀଗୋପାଳ, ୭।୪(ଡି.ଏନ୍.ଏ./ସ୍ୱ.ପ୍ର.)

**ଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ସମ୍ବର୍ଦ୍ଧିତ**

ସ୍ଥାନୀୟ ବୀରଗୋବିନ୍ଦପୁରସ୍ଥିତ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ପକ୍ଷରୁ ନବମ ଗୁରୁକୁଳ ୨୦୨୨ ଶୁକ୍ରବାର ସନ୍ଧ୍ୟାରେ ଗୁରୁକୁଳ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା ଏବଂ ସମ୍ମାନିତ ଅତିଥି ରୂପେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀ ସଚିବ ପ୍ରବୋଧ ରଥ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ପରେ ଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ଉପଢୌକନ, ମାନପତ୍ର, ଅର୍ଥରାଶି ୨୫ ହଜାର ସହ ଗୁରୁକୁଳ ସମ୍ମାନ ୨୦୨୨ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରୂପକ କୁମାର ପରିଡ଼ାଙ୍କର ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାୟନରୁ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭ ହୋଇଥିଲା। ତାଙ୍କ ପ୍ରସ୍ତୁତିରେ ଥିଲା ରାଗ ବରାଡ଼ି, ତାଳ ଯତିରେ ନିବଦ୍ଧ ଯାହାକୁ ରଚନା କରିଥଲେ ବେଣୁଧର। ତାଙ୍କୁ ମର୍ଦ୍ଦଳରେ ଗୁରୁ ବିଜୟ କୁମାର ବାରିକ, ହାରମୋନିୟମରେ ବାଳକୃଷ୍ଣ ଜେନା ଏବଂ ବଂଶୀରେ ସୌମ୍ୟ ରଞ୍ଜନ ଯୋଶୀ ସହଯୋଗ କରିଥଲେ। ଦ୍ୱିତୀୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବୃନ୍ଦ ଓଡ଼ିଶୀ ଶାସ୍ତ୍ରୀୟ ଗାୟନ ପରିବେଷଣ କରାଯାଇଥିଲା, ଯାହାକି ଗୁରୁ ଭାରତୀ ଜେନାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପ୍ରସ୍ତୁତିରେ ଥିଲା ରାଗ କିରବାଣୀ, ତାଳ ଏକତାଳିରେ ନିବଦ୍ଧ ଥିଲା କବି ବେଣୁଧରଙ୍କ ରଚନା। ଏହି ପରିବେଷଣରେ ମର୍ଦ୍ଦଳରେ ସୌମ୍ୟ ରଞ୍ଜନ ନାୟକ, ହାରମୋନିୟମରେ ଗୁରୁ ରାଜେଶ କୁମାର ଲେଙ୍କା ଏବଂ ମଞ୍ଜିରାରେ ସୀତାକାନ୍ତ ଜେନା ସହଯୋଗ କରିଥିଲେ। ଅନ୍ତିମ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ବଂଶୀ ବିଭାଗ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସମାପନ ହୋଇଥଲା। ଶିଳ୍ପୀ ପରିବେଷଣ କରିଥଲେ ରାଗ ରାଗେଶ୍ରୀ, ଯାହା ଆଡା ଚଉତାଳରେ ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁ ଶ୍ରୀନିବାସ ଶତପଥୀ ପରିଚାଳନା କରିଥିଲେ। ତବଲାରେ ଗୁରୁ ବିଶ୍ୱରଞ୍ଜନ ନନ୍ଦ, ମର୍ଦ୍ଦଳରେ ଗୁରୁ ବୁଧନାଥ ସ୍ୱାଇଁ ଏବଂ ମଞ୍ଜୀରାରେ ସୀତାକାନ୍ତ ଜେନା ସହଯୋଗ କରିଥଲେ। ଏହି ଉତ୍ସବରେ ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସ, ଅଧ୍ୟକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶାର ବିଶିଷ୍ଟ ଗୁରୁ, କଳା ସମୀକ୍ଷକ, କଳାକାର, କଳାପ୍ରେମୀ, କଳା ରସିକ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଇଂ. ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନାରେ ସହଯୋଗ କରିଥଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

ଅସ୍ତରଙ୍ଗ,୭।୪(ଡି.ଏନ୍.ଏ.)

ଅସ୍ତରଙ୍ଗ ଥାନା ଅଧୀନ ବଡ଼ନାନପଡ଼ା ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଲୋପମୁଦ୍ରା ବିଶ୍ୱାଳ। ହେଲେ ଯୌତୁକ ପାଇଁ ଭଉଣୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇ ହତ୍ୟା କରିଥିବା ନେଇ ମୃତାଙ୍କ ଭାଇ ଜୀବନ ଦର୍ଶନ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ. ୫୪/୨୩) ରୁଜୁ କରି ଦଫା ୪୯୮(କ),୩୦୨,୩୪ଆଇପିସିରେ ମହିଳାଙ୍କ ସ୍ୱାମୀ ପ୍ରଭାତ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଶାଶୁଘରର ଅନ୍ୟ ପରିବାର ସଦସ୍ୟ ଫେରାର ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ପଞ୍ଚାନନ ପରିଡ଼ା ସୂଚନା ଦେଇଛନ୍ତି। ପ୍ରଭାତଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଅଭିଯୋଗ ଅନୁଯାୟୀ, ଗୋପ ଥାନା ଅଞ୍ଚଳର ଲୋପାମୁଦ୍ରା କିଛି ବର୍ଷ ତଳେ ବଡ଼ନାନପଡ଼ା ଗ୍ରାମର ପ୍ରଭାତଙ୍କୁ ବିବାହ କରିଥିଲେ। କିନ୍ତୁ କିଛି ମାସ ପରେ ଅଧିକ ଯୌତୁକ ଓ ପାରିବାରିକ କଥାକୁ ନେଇ ଶାଶୁଘର ଲୋକେ ଲୋପାମୁଦ୍ରାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏ ନେଇ ସେ ବାପଘରକୁ ଜଣାଇବାରେ ମଝିରେ ତାଙ୍କ ଭାଇ, ବାପା ଆସି ବୁଝାଶୁଝା କରିଥିଲେ। କିନ୍ତୁ ପରେ ପୁଣି ଝିଅକୁ ନିର୍ଯାତନା ଦିଆଯାଉଥିବା ଫୋନରେ ଜଣାଇଥିବା ବେଳେ ଗତ ୫ତାରିଖରେ ବାପଘରକୁ ଶାଶୁଘର ପକ୍ଷରୁ ଫୋନ ଯାଇଥିଲା ଯେ, ଲୋପାମୁଦ୍ରାଙ୍କ ମୃତ୍ୟୁ ହୋଇଯାଇଛି। ଫଳରେ ଲୋପମୁଦ୍ରାଙ୍କ ବାପା ଓ ଭାଇ ପହଞ୍ଚି ମୃତ୍ୟୁ ପାଇଁ ଶାଶୁଘର ଲୋକଙ୍କୁ ଦାୟୀ କରି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ସ୍ୱାମୀଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

# ସେତୁବନ୍ଧ ନୀତି ସରିଲା: ଆଜି ରାବଣ ବଧ

ପୁରୀ ଅଫିସ, ୭।୪:

ସାହିଯାତ ଅବସରରେ ଶୁକ୍ରବାର ବାଲିସାହି ଆଖଡ଼ା ପକ୍ଷରୁ ସେତୁବନ୍ଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସରିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ଠାକୁରଙ୍କୁ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଯାଇଥିଲା। ଠାକୁର ସାହିଯାତ ନୀତି ପାଇଁ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଠାକୁରଙ୍କୁ ମଠ ଖଟଶେଜ ଉପରକୁ ବିଜେ କରାଯାଇଥିଲା। ପରେ ବାଲିସାହି ଆଖଡ଼ା ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ରାବଣ ଭୂମିକାରେ ଲକି ମହାସୁଆର ଅବତୀର୍ଣ୍ଣ ହୋଇ ସାହି ପରିକ୍ରମା କରିବା ସହ ଜଗନ୍ନାଥ ବଲ୍ଲଭକୁ ଆସି ନୀତି ସମ୍ପାଦନ କରିଥିଲେ। ରାମ ଭୂମିକାରେ ଅଭୟ ଦାସ, ଲକ୍ଷ୍ମଣ ଭୂମିକାରେ ସିତମ ସାହୁ ଏବଂ ହନୁମାନ ଭୂମିକାରେ ବିନାୟକ ସାହୁ ନୀତି ସମ୍ପାଦନ କରିଥିଲେ। ଶୀତଳ ଭୋଗ ମଣୋହି ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ରଥଯାତ୍ରା ପୂର୍ବରୁ ସ୍ଥିତି ସମୀକ୍ଷା କଲେ ଏସ୍‌ପି

ପୁରୀ ଅଫିସ, ୭।୪:



ଆସନ୍ତା ଜୁନ ୨୦ରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବ। ଏହାକୁ ଦେଖିବା ପାଇଁ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଭକ୍ତମାନେ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ କିପରି ରଥଯାତ୍ରା ଏବଂ ସ୍ନାନଯାତ୍ରା ଦେଖି ସୁଖଦ ଅନୁଭୂତି ନେଇ ଫେରିବେ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ୩ ତାରିଖରେ ପୋଲିସ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସ୍ଥିତି ସମୀକ୍ଷା କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ପି କନୱର ବିଶାଲ ସିଂ ସ୍ଥିତି ସମୀକ୍ଷା କରିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ଏସ୍‌ପି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖିଛନ୍ତି। ଏଥିସହ ବ୍ୟାରିକେଡ଼ ବ୍ୟବସ୍ଥା, ପରିକ୍ରମା ପ୍ରକଳ୍ପ କାର୍ଯ୍ୟ, ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କ ଯିବା ଆସିବା ରାସ୍ତା, ପୋଲିସ ଫୋର୍ସ ମୁତୟନ ଆଦି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜିତେନ୍ଦ୍ର କୁମାର ଦେହୁରୀ ଏବଂ ଘନଶ୍ୟାମ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# ନୃତ୍ୟାଞ୍ଜଳିରେ ମନ ଛୁଇଁଲା ଓଡ଼ିଶୀ, କଥକ

ପୁରୀ ଅଫିସ, ୭।୪:

- **ସଞ୍ଚିତାଙ୍କୁ କୋକିଳପ୍ରଭା ଦେବଦାସୀ ସମ୍ମାନ**
- **ଜ୍ୟୋତିଙ୍କୁ ଗୁରୁ ଲିଙ୍ଗରାଜ ବେହେରା ସ୍ମୃତି ସମ୍ମାନ**

ସ୍ୱର୍ଗତ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ୧୯ତମ ଶ୍ରଦ୍ଧାଞ୍ଜଳି ସଭା ଅବସରରେ ପୌର ସଦନରେ ଶୁକ୍ରବାର ପୁରୀ ଡ୍ୟାନ୍ସ ଏକାଡେମୀ ଏବଂ ଐତିହ୍ୟ ସଂସ୍କୃତି କୀର୍ତ୍ତି ତରଫରୁ ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଶିକ୍ଷା ଏବଂ ଅନୁସନ୍ଧାନର କୁଳପତି ପ୍ରଫେସର ଡ. ଅଶୋକ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ଭାବେ ପ୍ରିୟ ରଞ୍ଜନ ଦାସ ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ଡିସିଓ ହେମନ୍ତ କୁମାର ବେହେରା ଓ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ମିତା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ରୁଦ୍ରାକ୍ଷ ଫାଉଣ୍ଡେସନ ଗ୍ରୁପ, ସୃଜନ ଗ୍ରୁପ, ସ୍ୱାଧୀନ ଦାସ ଓ ଗ୍ରୁପ ଏବଂ କଟକରୁ ନଟସୂତ୍ର ରିସର୍ଚ୍ଚ ଚାରିଟେବଲ ଟ୍ରଷ୍ଟର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମହାରାଷ୍ଟ୍ରର ଅମରାବତୀରୁ ଆସିଥିବା ଡ. ମୋହନ ବୋଡେଙ୍କ ଗ୍ରୁପ୍ ଦ୍ୱାରା ପରିବେଷିତ କଥକ ନୃତ୍ୟ ପରିବେଷଣ ସମସ୍ତଙ୍କ ମନ ଛୁଇଁଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର ଛାତ୍ରୀଛାତ୍ରମାନେ ଗୁରୁ ବ୍ରହ୍ମା, ଭୂମି ମଙ୍ଗଳମ୍, ସରସ୍ୱତୀ ବନ୍ଦନା, ବଟୁ, ଦେଖ ଗୋ, କୃଷ୍ଣ ତାଣ୍ଡବ ଅତି ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇଥିଲେ। ନୃତ୍ୟଶିଳ୍ପୀ ସଞ୍ଚିତା ଭଟ୍ଟାଚାର୍ଯ୍ୟଙ୍କୁ କୋକିଳପ୍ରଭା ଦେବଦାସୀ ସମ୍ମାନ, ନୃତ୍ୟ ଶିଳ୍ପୀ ଜ୍ୟୋତି ମହାପାତ୍ରଙ୍କୁ ଗୁରୁ ଲିଙ୍ଗରାଜ ବେହେରା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଯଜ୍ଞେଶ୍ୱର ମହାନ୍ତି, କାର୍ତ୍ତିକ ସେନାପତି, ରାଜେନ୍ଦ୍ର ମହାପାତ୍ର, ଦେବୀ ପ୍ରସନ୍ନ ଗାଙ୍ଗୁଲି ପ୍ରମୁଖ ଫଟୋ ଖବରଦାତାଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ରୋଜାଲିନ ମହାନ୍ତି ଓ ସୁସ୍ମିତା ମିଶ୍ର ସଭା ପରିଚାଳନା କରିଥିଲେ। ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ ଧନ୍ୟବାଦ ଦେଇଥିଲେ।



ନୃତ୍ୟାଞ୍ଜଳିରେ ଜଣେ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

### ଅନ୍ତର୍ଜାତୀୟ ଚିତ୍ରକଳା ଶିବିର

ପୁରୀ ଅଫିସ, ୭।୪

ଅର୍କକ୍ଷେତ୍ର କୋଣାର୍କରେ ପୁରୀର ଓଡ଼ିଶା କଲେଜ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ, ଶକୁନ୍ତଳା ଆର୍ଟ ଗ୍ୟାଲେରି ଭୁବନେଶ୍ୱର ଏବଂ ଜଳେଶ୍ୱର ଆର୍ଟ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଚତୁର୍ଥ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର ଓ ଗ୍ରୁପ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର, ଅନ୍ୟତମ ସମ୍ମାନିତ ଅତିଥି ରୂପେ ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ଅନୁଷ୍ଠାନର ସମ୍ପାଦକ ମୁକ୍ତିପଦ ନନ୍ଦୀ ଉପସ୍ଥିତ ଥିଲେ। ଏହି ଶିବିରରେ ଓଡ଼ିଶା ସମେତ ନେପାଳ, ଭିଏତନାମ୍, ବାଂଲାଦେଶ, କୋଲକାତା ଓ ଭୋପାଳର ୨୫ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। କର୍ମଶାଳା ୭ରୁ ଆରମ୍ଭ ହୋଇଥିବା ବେଳେ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପାନ ଦୋକାନୀ ହେଲେ ପ୍ରାର୍ଥୀ

ଗୋପ,୭।୪(ଡି.ଏନ୍.ଏ.)



ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ଅଧୀନ ବେଣୀପୁର ଗ୍ରାମର ଅଶୋକ କୁମାର ଦାଶ ଚଳିତ ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନରେ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଛନ୍ତି। ସେ ପାନ ଦୋକାନଟିଏ କରିଥିବା ବେଳେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ବିଭିନ୍ନ ଯୋଜନା ପାଇବା ପାଇଁ ହକ୍‌ଦାର ଥିବା ସତ୍ତ୍ୱେ କୌଣସି ଯୋଜନା ପାଇପାରି ନାହାନ୍ତି। ଏ ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ତେଣୁ ସେ ନିର୍ବାଚନ ଲଢ଼ି ସାଧାରଣ ଲୋକମାନଙ୍କ ନିକଟରେ ପହଞ୍ଚି ନିଜର ଏହି ଅଭିଯୋଗ ସମ୍ପର୍କରେ ଜଣାଇ ଭୋଟ ଭିକ୍ଷା କରିବେ ବୋଲି କହିଛନ୍ତି। ସେ ଚାଲି ଚାଲି ବା ସାଇକେଲ ମାଧ୍ୟମରେ ଭୋଟ ଭିକ୍ଷା କରିବା ସହ ଏହି ନିର୍ବାଚନରେ ରହିଥିବା ୯ଟି ପଞ୍ଚାୟତରେ ଘରେ ଘରେ ବୁଲି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିପାରିବି ବୋଲି କହିଛନ୍ତି। ନିଜେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଖଣ୍ଡିଏ ପାନ ଦୋକାନ କରି ନିଜର ପରିବାର ଚଳାଉଥିବାରୁ ଏହା ମୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଓ ସୁଯୋଗ ଥିବାରୁ ଏପରି ନିଷ୍ପତ୍ତି ନେଇ ପ୍ରାର୍ଥୀ ହୋଇଛି ବୋଲି କହିବା ସହ ଟଙ୍କା ପଇସା ନ ଥିଲେ ମଧ୍ୟ ମନୋବଳ ଦୃଢ଼ ରହିଛି ବୋଲି ସୂଚନା ଦେଇଛନ୍ତି। ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ୧୧ ନମ୍ବର ଜିଲା ପରିଷଦ ଜୋନରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି।

# ‘ଉତ୍ତମ ସ୍ୱାସ୍ଥ୍ୟ ସଭିଙ୍କ ପାଇଁ’ ବାର୍ତ୍ତା ନେଇ ସଚେତନତା

ପୁରୀ ଅଫିସ, ୭।୪:

**ସୁନୀଲ ତରେଇ, ଜଗନ୍ନାଥ ସାହୁ, ସୁବ୍ରତ କୁଣ୍ଡ, ଝରଣା ଦାସ ସମ୍ମାନିତ**

ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ବର୍ଷର ବାର୍ତ୍ତା ‘ଉତ୍ତମ ସ୍ୱାସ୍ଥ୍ୟ ସଭିଙ୍କ ପାଇଁ’ ଉପରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟସେବାକୁ ସାର୍ବଜନୀନ କରାଇବାକୁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବାହାରି ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଏଏନ୍‌ଏମ୍‌ସିର ଛାତ୍ରୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ସାମିଲ ଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ନିଃଶୁଳ୍କ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ସୁନୀଲ ତରେଇ, ଫାର୍ମାସିଷ୍ଟ ଜଗନ୍ନାଥ ସାହୁ (ଦୋଳବେଦିକୋଣ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର) ଫାର୍ମାସିଷ୍ଟ ସୁବ୍ରତ କୁମାର କୁଣ୍ଡ ଏବଂ ଏଏନ୍‌ଏମ୍ ଝରଣା ଦାସ (ଚନ୍ଦନ ହଜୁରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମ୍ମାନିତ କରିଥିଲେ। ଡିପିଏଚ୍‌ସିଓ ରବୀନ୍ଦ୍ର ପ୍ରଧାନ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡିପିଏମ୍‌ଟି ନାରାୟଣ ରାଓ, ଅଶୋକ କୁମାର ସାହୁ, ସନ୍ତୋଷ ମିଶ୍ର, ପ୍ରଶାନ୍ତ କୁମାର ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଆଇସିବିସିସି ସହକାରୀ ପରିଚାଳକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।




ସହର ପରିକ୍ରମା ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ଲୋକ ମହୋତ୍ସବ, ସାହିତ୍ୟ ଆସର ଦର୍ଶକଙ୍କୁ ବାନ୍ଧି ରଖିଲା

ଡେଲାଙ୍ଗ,୭।୪(ଡି.ଏନ୍.ଏ.)

**ଦୟଣା ଚୋରି ମେଳଣର ୨ୟ ସନ୍ଧ୍ୟା**

ଡେଲାଙ୍ଗ ବ୍ଲକର ପ୍ରସିଦ୍ଧ ଦୟଣା ଚୋରି ମେଳଣର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଲୋକ ମହୋତ୍ସବ ଓ କବିତା ଆସର ଦର୍ଶକଙ୍କୁ ବାନ୍ଧି ରଖିଥିଲା। ରାଧାକାନ୍ତ ଦେବ ଓ ରାଧାମୋହନ ଦେବଙ୍କ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଲୋକ ମହୋତ୍ସବରେ ଓଡ଼ିଶାର ବିଭିନ୍ନ କଣ୍ଠ ଶିଳ୍ପୀମାନେ ସଙ୍ଗୀତ ଗାନ କରିଥିଲେ। ସେହିପରି ମେକ୍ ଇନ୍ ଇଣ୍ଡିଆ ଆଣ୍ଡ୍ ମିଡିଆ ପରିବାର ଓ ଜଳନ୍ଧର ସ୍ମୃତି ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଘୋରଡିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କବିତା ଆସର ଦର୍ଶକଙ୍କ ମନମୁଗ୍ଧ କରିଥିଲା। ସଂଗଠନର ଆବାହକ ତଥା ଖବରଦାତା ଦିଲୀପ କୁମାର ଧାଉଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଡ.ହେମନ୍ତ ଛୋଟରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଅଧ୍ୟାପକ ଶଶାଙ୍କଶେଖର ଚୂଡାମଣି, ଅଧ୍ୟାପିକା ଲକ୍ଷହିରା ମହାନ୍ତି, ନାଟ୍ୟକାର ବିଭୂତି ପଟ୍ଟନାୟକ, ସୁଦର୍ଶନ ପ୍ରଧାନ, ପ୍ରବଚକ ଶରତଚନ୍ଦ୍ର ରାଉତରାୟ, ବୁଲା ବେହେରା, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଜଗନ୍ନାଥ ସଂସ୍କୃତି ସହିତ ଏହି ଦୟଣା ଚୋରି ମେଳଣର ସମ୍ପର୍କ ଓ ଐତିହ୍ୟ ବିଷୟରେ ଆଲୋକପାତ କରିଥିଲେ। କବୟିତ୍ରୀ ସରୋଜିନୀ ଜେନା ସଭାସଂଯୋଜନା କରିଥିବା ବେଳେ ମହିଳା ଖବରଦାତା ଗୀତାରାଣି ରଣଜିତ ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କବି ପ୍ରଶାନ୍ତ ପଲେଇ, ଅଭୟଚରଣ ସାହୁ, ଅଶୋକ ଦାଶ, ରମେଶ ଚନ୍ଦ୍ର ସ୍ୱାଇଁ, ରତ୍ନାକର ଜେନା, ଶରତ ଚନ୍ଦ୍ର ମହାପାତ୍ର, ରଶ୍ମିତା ସ୍ୱାଇଁ, କଳାବତୀ ମହାପାତ୍ର, ଶୁଭଲକ୍ଷ୍ମୀ ସେନାପତି, ସୌଦାମିନୀ ଚମ୍ପତି, ହୃଷୀକେଶ ପାଢୀ, ଅମିୟ ସାହୁ, ସୁରଭି ଦ୍ୱିବେଦି, ସଚିକାନ୍ତ ବାରିକ, ବିଶ୍ୱରଞ୍ଜନ ନାୟକଙ୍କ ସହିତ ଓଡ଼ିଶାର ବିଭିନ୍ନ ଜିଲାରୁ ଯୋଗଦେଇଥିବା ଶତାଧିକ କବି ଓ କବୟିତ୍ରୀମାନେ ଦୟଣା ଚୋରି ମେଳଣ ସମ୍ପର୍କିତ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଗ୍ରାମର ବାଳିକାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।




ସାହିତ୍ୟ ଆସରରେ ଅତିଥିମାନେ ଜଣେ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ସଂକ୍ଷେପରେ

### ରାସ୍ତାରେ ଅଟକାଇ କାର୍ ଭଙ୍ଗାରୁଜା, ଧମକ: ୪ ଗିରଫ

ଭୁବନେଶ୍ୱର,୭।୪ (ବ୍ୟୁରୋ) - କାରରେ ଯାଉଥିବା ଏକ ପରିବାରର ୩ ସଦସ୍ୟଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ କରିବା ସହ କାର କାଚ ଭାଙ୍ଗି ଧମକ ଦେବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ସଂପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିପାଟଣାର ପ୍ରଭାତ କୁମାର ଭୋଳା, ମୁନା ଭୋଇ, ଉମାକାନ୍ତ ବିସ ଓ ଆଶିଷ ମହାପାତ୍ର। ତାଙ୍କଠାରୁ ଗୋଟିଏ କାର ଜବତ କରାଯାଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ରାତି ସାଢ଼େ ୮ରେ ସମ୍ମିତ ଦାସ ତାଙ୍କ ବାପା ଓ ଭଉଣୀଙ୍କୁ ନେଇ ଶ୍ରୀରାମ ନଗରସ୍ଥିତ ଘରକୁ କାରରେ ଫେରୁଥିଲେ। ଅଭିଯୁକ୍ତମାନେ ଏକ କାରରେ ଆସି ସମ୍ମିତଙ୍କ କାର୍‌କୁ ଅଟମାଥ ଉନ୍ମତ୍ତକାଣ୍ଡ ଘଟାଇଥିଲେ।

### ମେଗା ସ୍ୱାସ୍ଥ୍ୟ ଶିବିର

ବାଲିପାଟଣା,୭।୪(ଡି.ଏନ୍.ଏ.): ଇଣ୍ଡିଆନ ରେଡକ୍ରସ୍ ସୋସାଇଟି ଆଞ୍ଚଳିକ ଶାଖା, କମିଶନରେଟ ପୋଲିସ, ସାମାଜିକ ସେବା ସଙ୍ଗଠନ ସାଥୀ ଏବଂ ଆଦର୍ଶ ଶିଶୁ ନିକେତନ ବନମାଳିପୁର ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଆଦର୍ଶ ଶିଶୁ ନିକେତନଠାରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ ରେଡକ୍ରସ୍ ସୋସାଇଟିର ଯୁଗ୍ମ ସମ୍ପାଦକ ତଥା ଏସିପି ଲଳିତେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଶିବିରରେ ରାଜ୍ୟ ତଥା ଦେଶର ବିଭିନ୍ନ ହସ୍ପିଟାଲର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସେବା ଯୋଗାଇ ଦେଇଥିଲେ। ଶିବିରରେ ଆଖପାଖ ଅଞ୍ଚଳର ଶତାଧିକ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଡାଇବେଟିସ ପରୀକ୍ଷା ସହିତ ରକ୍ତ ପରୀକ୍ଷା ଏବଂ ଲିଭର ପରୀକ୍ଷା କରାଯାଇ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜୋନ-୪ ଏସିପି ଶୁଭ ନାରାୟଣ ମୁଦୁଲି, ଥାନାଧିକାରୀ ଓମ୍ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ ଶିବିର ପରିଚାଳନା କରିଥିବା ବେଳେ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ବନମାଳିପୁର କଲେଜର ସ୍କାଉଟ୍ ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

### ଦିଲ୍ଲୀରେ ଏକକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୭।୪(ବ୍ୟୁରୋ) - ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ଏକକ ଚିତ୍ର କଳା ପ୍ରଦର୍ଶନୀ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ଭିଜୁଆଲ ଆର୍ଟ ଗ୍ୟାଲେରିଠାରେ ଆରମ୍ଭ ହୋଇଛି। ଶୁକ୍ରବାର କେନ୍ଦ୍ର ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ମୀନାକ୍ଷୀ ଲେଖୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଠାରେ ଶିଳ୍ପୀଙ୍କ ୪୫ ବର୍ଷର କଳାକୃତି ଓ ସୃଜନଶୀଳ ଉପଲବ୍ଧିକୁ ପ୍ରଦର୍ଶନ କରଯାଇଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀର ନାମ 'ଚିତ୍ରକାବ୍ୟ' ରଖାଯାଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଛବି ସ୍ଥାନ ପାଇଥିବାବେଳେ କାନ୍‌ଭାସ ଉପରେ ଆକ୍ରେଲିକ ଓ କଲମ କାଳିର ବ୍ୟବହାର ହେଉଛି ପ୍ରଧାନ ବିଶେଷତ୍ୱ। ପ୍ରାୟତଃ ସମସ୍ତ ଚିତ୍ର ପ୍ରକୃତି ଓ ପରିବାର ଉପରେ ଆଧାରିତ। ୨୦ ଫୁଟ ଲମ୍ବ ଓ ୮ ଫୁଟ ଉଚ୍ଚତା ବିଶିଷ୍ଟ ବୌଦ୍ଧ କୀର୍ତ୍ତିକୁ ପ୍ରସ୍ତୁତ କରିବା ପାଇଁ ଚିତ୍ରକାର ସାହୁଙ୍କୁ ୨ବର୍ଷ ସମୟ ଲାଗିଥିବା ବେଳେ ଏହା ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ସାଜିଛି। ସେହିପରି ଅନ୍ୟତମ ଆକର୍ଷଣ ପାଲଟିଥିବା ୧୬ ଫୁଟ ଲମ୍ବ ଓ ୭ ଫୁଟ ଉଚ୍ଚତା ବିଶିଷ୍ଟ ପରିବାର ଓ ପ୍ରକୃତି ଆଧାରିତ ଚିତ୍ର ଅଙ୍କନ କରିବା ପାଇଁ ସେ ଦେଢ଼ ବର୍ଷ ସମୟ ନେଇ ଗଜେନ୍ଦ୍ର କହିଛନ୍ତି।

# 'ବିଏମ୍‌ସି ଉଚ୍ଛେଦ ନ କଲେ ଆମେ ଉଠାଇବୁ'

**ତେଜିଲା ସ୍ଥାୟୀ ଓ ଉଠାଦୋକାନୀଙ୍କ ବିବାଦ**

**ବିଏମ୍‌ସିରେ ଫେରାଦ ହେଲା ମାର୍କେଟ ବିଲ୍ଡିଂ ଆସୋସିଏଶନ୍**

ଭୁବନେଶ୍ୱର, ୭।୪ (ବ୍ୟୁରୋ)



ସହରର ପ୍ରମୁଖ ମାର୍କେଟ କୁହାଯାଉଥିବା ୟୁନିଟ୍-୨ସ୍ଥିତ ମାର୍କେଟ ବିଲ୍ଡିଂରେ ସ୍ଥାୟୀ ଓ ଉଠା ଦୋକାନୀଙ୍କ ମଧ୍ୟରେ ଲାଗିଥିବା ବିବାଦ ସମାଧାନ ହୋଇପାରୁ ନାହିଁ। ମାର୍କେଟରେ ଉଠାଦୋକାନୀଙ୍କ ବେପାରକୁ ବିରୋଧ କରି ପୁଣିଥରେ ବିଏମ୍‌ସିର ଦ୍ୱାରସ୍ଥ ହୋଇଛି ୟୁନିଟ-୨ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ। ବିଏମ୍‌ସି ଅତିରିକ୍ତ କମିଶନର-୩ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ଦେଖା କରିବା ସହିତ ତୁରନ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଦାବି କରିଛି। ଏନେଇ ଅତିରିକ୍ତ କମିଶନର ୩ଦିନ ସମୟ ମାଗିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ୩ଦିନ ଛୁଟି ପଡୁ ଥିବାରୁ ସୋମବାର ଦିନ ଆସୋସିଏଶନ ପକ୍ଷରୁ ବିଏମ୍‌ସିକୁ ଚିଠି କରାଯିବ। ବୁଧବାର ସୁଦ୍ଧା ବିଏମ୍‌ସି ଉଠାଦୋକାନୀଙ୍କୁ ମାର୍କେଟରୁ ନ ଉଠାଇଲେ ଗୁରୁବାର ଆସୋସିଏଶନ ନିଜେ ଉଚ୍ଛେଦ କରିବ। ଏଥିପାଇଁ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ବିଏମ୍‌ସି ଓ ପୋଲିସ ପ୍ରଶାସନ ଦାୟୀ ରହିବ ବୋଲି ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ଲେଙ୍କା ସୂଚନା ଦେଇଛନ୍ତି। ଏବେ ମାର୍କେଟ ବିଲ୍ଡିଂରେ ପୁଣିଥରେ ଉଠାଦୋକାନୀମାନେ ବେପାର ଜମାଇବା ଆରମ୍ଭ କରି ଦେଲେଣି। ୨୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀ ବେପାର କରୁଥିବାବେଳେ ଏହାକୁ ବିରୋଧ କରି ଆସୋସିଏଶନ ପକ୍ଷରୁ ମଙ୍ଗଳବାର ସକାଳୁ ଅପରାହ୍ନ ୩ଟା ଯାଏ ମାର୍କେଟ ବିଲ୍ଡିଂକୁ ବନ୍ଦ ରଖାଯାଇଥିଲା। ପରେ ବିଏମ୍‌ସି ସହ ଆଲୋଚନା କରି ମାର୍କେଟ ଖୋଲା ଯାଇଥିଲା। ତେବେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରା ନ ଗଲେ ମାର୍କେଟକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଅସ୍ଥାୟୀ ବା ଉଠା ଦୋକାନୀଙ୍କ ପାଇଁ ସ୍ଥାୟୀ ଦୋକାନୀଙ୍କ ବେପାର ପ୍ରଭାବିତ ହେବା ସହ କ୍ଷତି ସହୁଛନ୍ତି। ଅପରପକ୍ଷେ ମାର୍କେଟର ସୌନ୍ଦର୍ଯ୍ୟ ଓ ରକ୍ଷଣାବେକ୍ଷଣ ପାଇଁ ସ୍ଥାୟୀ ଦୋକାନୀମାନେ ବିଏମ୍‌ସିକୁ ଟିକସ ଦେଉଛନ୍ତି। ମାତ୍ର ଅସ୍ଥାୟୀ ଦୋକାନୀମାନେ କୌଣସି ଟିକସ ନ ଦେଇ ମାର୍କେଟ ମଝିରେ ଏଠିସେଠି ବସିବା ସହିତ ସୌନ୍ଦର୍ଯ୍ୟ ନଷ୍ଟ କରୁଛନ୍ତି। ତେବେ ବାରମ୍ବାର ଏଭଳି ବିବାଦ ପରେ ବି ବିଏମ୍‌ସି ଏହାକୁ ଗୁରୁତ୍ୱର ସହ ନେଉ ନ ଥିବାରୁ ସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# କପିଳେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୭।୪(ଡି.ଏନ୍.ଏ.)

ଶ୍ରୀକପିଳେଶ୍ୱର ଦେବ ମନ୍ଦିର ନିକଟ ପଡ଼ିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି କପିଳେଶ୍ୱର ମହୋତ୍ସବ-୨୦୨୩। କାର୍ଯ୍ୟକ୍ରମ ପ୍ରାରମ୍ଭରେ କପିଳେଶ୍ୱର ହାଇସ୍କୁଲର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧ ଏବଂ ଗଣେଶ ବନ୍ଦନା ଗାନ କରିଥିଲେ। ପରେ ଅସୀମା ପଣ୍ଡା ଏବଂ ଗ୍ରୁପ୍‌ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଆୟୋଜକଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ କପିଳେଶ୍ୱର ମହୋତ୍ସବ କମିଟିର ଆବାହକ ତଥା କର୍ପୋରେଟର ଚନ୍ଦ୍ରଶେଖର ମଲିଆଙ୍କ ସମେତ ହଳଧର ମଲିଆ, ବିଜୟ କୁମାର ମଲିଆ, ପ୍ରଶାନ୍ତ କୁମାର ମହାପାତ୍ର, ଜିତେନ୍ଦ୍ର କୁମାର ମଲିଆ, ପ୍ରଭାତ ମହାପାତ୍ର, ମନୋରଞ୍ଜନ ମଲିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୁରୁ କେଳୁଚରଣ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ



ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଭୁବନେଶ୍ୱର,୭।୪(ବ୍ୟୁରୋ)

ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ୧୯ତମ ଶ୍ରାଦ୍ଧୋତ୍ସବ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ଡ. ମିହିର ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର, ଅନୁପମା ବେହେରା, ପ୍ରଗତି ରଥ,ଦୀପ୍ତିମୟୀ ରାୟ, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗଦେଇ ଗୁରୁଜୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ପାଠ କରିଥିଲେ। ଏହି ଅବସରରେ ଓଡିଶୀ ଗବେଷଣା କେନ୍ଦ୍ରର ଛାତ୍ରୀ ସ୍ମୃତିରେଖା ପ୍ରତିହାରୀଙ୍କୁ 'କେଳୁଚରଣ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।



ଗୁରୁ କେଳୁଚରଣଙ୍କ ୧୯ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ରିମେମ୍ବରିଂ ଗୁରୁଜୀ' ରେ ସିକତା ଦାସ ଓ ସୁଜାତା ମହାପାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

# ଗୁରୁ କେଳୁଚରଣଙ୍କୁ ନୃତ୍ୟରେ ସ୍ମରଣ

ଭୁବନେଶ୍ୱର,୭।୪(ବ୍ୟୁରୋ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆର୍ଟ ଭିଜନ ସହଭାଗିତାରେ ଶୁକ୍ରବାର ଗୁରୁ କେଳୁଚରଣଙ୍କ ୧୯ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ରିମେମ୍ବରିଂ ଗୁରୁଜୀ' ଗବେଷଣା କେନ୍ଦ୍ର ପରିସର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଶିଷ୍ୟାଶିଷ୍ୟମାନେ ନୃତ୍ୟ ମାଧ୍ୟମରେ ଗୁରୁଜୀଙ୍କୁ ସ୍ମରଣ କରିଥିଲେ। ସିକତା ଦାସଙ୍କ ନୃତ୍ୟରୁ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ସୁଜାତା ମହାପାତ୍ର, ଦେବସରିତା ମହାନ୍ତି, ଇଲିଆନା ଚିତାରିସ୍ତି, ମୋହନ ବୋଦେ, ପ୍ରଣତି ମହାନ୍ତି ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଗୁରୁଙ୍କ ଦ୍ୱାରା କୋରିୟଗ୍ରାଫି କରାଯାଇଥିବା ଜୟଦେବଙ୍କ ଗୀତଗୋବିନ୍ଦର ଅଷ୍ଟପଦୀକୁ ସମସ୍ତ କଳାକାର ଉପସ୍ଥାପିତ କରିଥିଲେ। ଶେଷରେ ଗୁରୁଙ୍କ ପାଦ ତଳେ ସାଥୀ ହୋଇ 'ମୋକ୍ଷ' ପରିବେଷଣ କରିଥିଲେ।

# କ୍ୟାପିଟାଲ ହସ୍ପିଟାଲ: ନ୍ୟୁରୋଲୋଜି ବିଭାଗ ୭ ଦିନ ଖୋଲାଯାଉ

ପୁରୁଣା ଭୁବନେଶ୍ୱର,୭।୪(ଡି.ଏନ୍.ଏ.)

ରାଜ୍ୟର ପ୍ରମୁଖ ସରକାରୀ ହସ୍ପିଟାଲ ମଧ୍ୟରେ ରାଜଧାନୀ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଜିଲ୍ଲାରୁ ପ୍ରତ୍ୟହ ଶହ ଶହ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ବିଭିନ୍ନ ବିଭାଗରେ ଡାକ୍ତର ପଦବୀ ଖାଲି ରହିଥିବାବେଳେ ନ୍ୟୁରୋଲୋଜି ବିଭାଗ ସପ୍ତାହରେ ୩ ଦିନ ଖୋଲାଯାଉଛି। ଫଳରେ ଅନ୍ୟ ଦିନଗୁଡ଼ିରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀଙ୍କ ସମସ୍ୟା ବଢ଼ିଚାଲିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହି ବିଭାଗକୁ ୭ ଦିନ ଖୋଲିବାକୁ ଏକାମ୍ର ଜନଜାଗରଣ ମଞ୍ଚ ଦାବି କରିଛି। ଏନେଇ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିଭାଗ ୭ ଦିନ ଖୋଲାଗଲେ ରୋଗୀମାନେ ଉପକୃତ ହୋଇପାରିବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ୧.୫ ଟନ୍ ପଲିଥିନ ଜବତ

ଭୁବନେଶ୍ୱର, ୭।୪ (ବ୍ୟୁରୋ)

ପଲିଥିନ ଓ ଏକକ ବ୍ୟବହାର ପ୍ଲାଷ୍ଟିକ ଉପକରଣର ବହୁଳ ବ୍ୟବହାର ରୋକିବା ଲାଗି ବିଏମ୍‌ସି ପକ୍ଷରୁ ସଚେତନତା ସହ ଏନ୍‌ଫୋର୍ସମେଣ୍ଟକୁ କଡାକଡି କରାଯାଇଛି। ଶୁକ୍ରବାର ବିଏମ୍‌ସିର ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଡମଣା ମାର୍କେଟ ଅଞ୍ଚଳରେ ଥିବା ଏକ ଗୋଦାମରୁ ୧.୫ ଟନ୍‌ରୁ ଊର୍ଦ୍ଧ୍ୱ ପରିମାଣର ଏକକ ବ୍ୟବହାର ପଲିଥିନ୍ କ୍ୟାରିବ୍ୟାଗ୍, ଗ୍ଲାସ୍, ଥର୍ମୋକୁଲ ପାତ୍ର ଓ ଅନ୍ୟ ଏକକ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି। ଦ୍ୱିତୀୟବାର ଚିହ୍ନଟ ହୋଇଥିବା ଖିଲାପକାରୀଙ୍କୁ ୨୫ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଅପରପକ୍ଷେ ପରିମଳ ନିୟମ ଖିଲାପ କରିବାରୁ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ହୋଟେଲ ରଙ୍ଗିଲାକୁ ସିଲ୍ କରାଯାଇଛି। ୫ହଜାର ଟଙ୍କା ଜରିମାନା ଆଦାୟ ସହ ଆଖପାଖ ୫ମିଟର ପରିମିତ ଅଞ୍ଚଳକୁ ସଫା କରିବା ପରେ ହୋଟେଲ ଖୋଲାଯିବ ବୋଲି ବିଏମ୍‌ସି ନିର୍ଦ୍ଦେଶ ଦେଇଛି।

# ପରିବା ବ୍ୟବସାୟୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୭।୪ (ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରାସାହିରେ ଜଣେ ପରିବା ବ୍ୟବସାୟୀ ଫ୍ୟାନ୍‌ରେ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସ୍ଥାନୀୟ ଥାନା ରାଧାକୃଷ୍ଣ ଲେନ୍‌ରେ ରହୁଥିବା ବାଲିପାଟଣା ଥାନା ଅଞ୍ଚଳର ବିକ୍ରମ କୁମାର ସାହୁ (୨୮)। ମୃତ ବିକ୍ରମ ସ୍ଥାନୀୟ ଅଞ୍ଚଳରେ ପରିବା ବେପାର କରୁଥିଲେ। ତେବେ ମୃତଦେହର କିଛି ଅଂଶ ପଚିଯାଇଥିବାରୁ ବିକ୍ରମ ଦିନେ କିମ୍ବା ୨ ଦିନ ପୂର୍ବରୁ ଆତ୍ମହତ୍ୟା କରିଥାଇପାରନ୍ତି ସାଇଣ୍ଟିଫିକ୍ ଟିମ୍ ସନ୍ଦେହ କରୁଛି। ତେବେ ବନ୍ଦଘରୁ ଝୁଲନ୍ତା ମୃତଦେହ ଜବତ ହୋଇଥିବାରୁ ଏହା ଆତ୍ମହତ୍ୟା ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ (ନଂ.୨୮/୨୦୨୩) ରୁଜୁ କରି ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ବିକ୍ରମଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସେହି ଅଞ୍ଚଳର ଅନ୍ୟସ୍ଥାନରେ ରହୁଛନ୍ତି। ଗୁରୁବାର ସକାଳୁ ଭଉଣୀ ଫୋନ୍ କରିଥିଲେ ମଧ୍ୟ ବିକ୍ରମ ଉଠାଇ ନ ଥିଲେ। ଶୁକ୍ରବାର ପରିବା ଦୋକାନ ବନ୍ଦ ଥିବା ଦେଖି ପରିବାର ସଦସ୍ୟ ଚିନ୍ତାରେ ପଡ଼ିଥିଲେ। ସନ୍ଦେହ ହେବାରୁ ପୂର୍ବାହ୍ନରେ ବିକ୍ରମ ରହୁଥିବା ଭଡାଘରକୁ ଭଉଣୀ ଯାଇଥିଲେ। ସେଠାରେ କବାଟ ବନ୍ଦ ଥିବାବେଳେ ଭିତରୁ ଦୁର୍ଗନ୍ଧ ବାହାରୁଥିଲା। ଏନେଇ ତାଙ୍କ ଭଉଣୀ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଲା ଭାଙ୍ଗିବା ପରେ ଘଟଣା ଜଣାପଡିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ପରିବାର ସଦସ୍ୟଙ୍କ ଝଗଡ଼ା ପରେ ବିକ୍ରମ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି।

# 'ପରିଜା ଲାଇବ୍ରେରି ୧୪ ଘଣ୍ଟା ଖୋଲୁ, ଆବଶ୍ୟକ ବହି ରହୁ'

**ୟୁଜିସିକୁ ବିସିଜେଡି ରାଜ୍ୟ ଉପସଭାପତିଙ୍କ ଚିଠି**

ଭୁବନେଶ୍ୱର,୭।୪(ବ୍ୟୁରୋ)

ରାଜ୍ୟର ସର୍ବ ପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟର ଏକମାତ୍ର ପରିଜା ଲାଇବ୍ରେରିରେ ନାନା ସମସ୍ୟା ରହିଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହାକୁ ୧୪ ଘଣ୍ଟା ଖୋଲା ରଖିବା ସହ ଆବଶ୍ୟକ ବହି ଉପଲବ୍ଧ କରିବାକୁ ଛାତ୍ରୀଛାତ୍ର ଦାବି କରି ଆସୁଛନ୍ତି। ହେଲେ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ଆଣି ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ରାଜ୍ୟ ଉପସଭାପତି ତଥା ପୂର୍ବତନ ଛାତ୍ର ଅରୂପ ଶ୍ରୀଚନ୍ଦନ ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ(ୟୁଜିସି)କୁ ଚିଠି ଲେଖିଛନ୍ତି। ଅରୂପଙ୍କ କହିବାନୁସାରେ, ୧୯୪୩ ନଭେମ୍ବର ୨୭ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ୧୯୪୬ରେ ବିଶ୍ୱବିଦ୍ୟାଳୟ ପରିସରରେ ପାଠାଗାର ପ୍ରତିଷ୍ଠା ହୋଇଥିଲା। ସ୍ୱର୍ଗତ ପ୍ରାଣକୃଷ୍ଣ ପରିଜାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହାର ନାମ ପରିଜା ପାଠାଗାର ରଖାଗଲା। ବିଶ୍ୱବିଦ୍ୟାଳୟର ନିଜସ୍ୱ ଶିକ୍ଷା ବ୍ୟବସ୍ଥା ସହ ଅନେକ ମହାବିଦ୍ୟାଳୟ ଏହାସହ ଅନୁବନ୍ଧିତ ରହିଛି। ଏଠାରେ ୨୭ଟି ସ୍ନାତକୋତ୍ତର ବିଭାଗ ବିଜ୍ଞାନ, କଳା ଓ ବାଣିଜ୍ୟ କ୍ଷେତ୍ରରେ ଶିକ୍ଷାଦାନ କରାଯାଉଛି। ସେହିଭଳି ବିଶ୍ୱବିଦ୍ୟାଳୟ ଅଧୀନରେ ଦୂରଶିକ୍ଷା ନିର୍ଦ୍ଦେଶାଳୟ, ଆଇନ ଶିକ୍ଷା ମହାବିଦ୍ୟାଳୟ ଓ ବହୁ ସେଲ୍ଫ ଫାଇନାନ୍ସ ବିଭାଗ ମଧ୍ୟ ରହିଛି। ଏଥିସହିତ ବିଭିନ୍ନ ସ୍ନାତକୋତ୍ତର ବିଭାଗରେ ପ୍ରାୟ ୩୦୦୦ରୁ ଅଧିକ ଛାତ୍ରୀଛାତ୍ର ପଢୁଛନ୍ତି। ବିଭିନ୍ନ ସ୍ନାତକୋତ୍ତର ବିଭାଗ ଅଧୀନରେ ୨୪ଟି ବିଭାଗୀୟ ପାଠାଗାର ମଧ୍ୟ ରହିଛି। ତେବେ ସମସ୍ତ ଛାତ୍ରୀଛାତ୍ରୀଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଥିବା ପରିଜା ପାଠାଗାରର ଅବ୍ୟବସ୍ଥା ପାଠପଢ଼ା ଓ ଜ୍ଞାନ ଆହରଣରେ ବାଧକ ସାଜିଛି। ଦିନ ୧୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଲାଇବ୍ରେରି ଖୋଲା ରହୁଛି। ଦ୍ୱିତୀୟ ଓ ଚତୁର୍ଥ ଶନିବାରରେ ଲାଇବ୍ରେରି ବନ୍ଦ ରହୁଥିବାରୁ ଛାତ୍ରୀଛାତ୍ର ପାଠ ପଢିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ଦାବି ରହିଛି,. ଲାଇବ୍ରେରିକୁ ୮ ଘଣ୍ଟା ପରିବର୍ତ୍ତେ ୧୪ ଘଣ୍ଟା ଖୋଲାଯାଉ। ପାଠପଢିବା ପାଇଁ ଆବଶ୍ୟକ ପରିମାଣର ବହିର ବ୍ୟବସ୍ଥା କରାଯାଉ। ୟୁଜିସି ଏହି ସମସ୍ୟାର ସମାଧାନ କଲେ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଅରୂପ କହିଛନ୍ତି।

# ନରେନ୍ଦ୍ର ନାଥଙ୍କ ଶ୍ରାଦ୍ଧବାର୍ଷିକୀ

ବାଲିପାଟଣା,୭।୪(ଡି.ଏନ୍.ଏ.)

ନରେନ୍ଦ୍ରନାଥ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନରେନ୍ଦ୍ରନାଥଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ସାହିତ୍ୟିକ ସହଦେବ ଜୟସିଂ କହିଲେ, ନରେନ୍ଦ୍ରନାଥ ଜଣେ ନିର୍ବିବାଦୀୟ ନେତା ଥିଲେ। ଡ.ଦେବାଶିଷ ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ, ନରେନ୍ଦ୍ରନାଥ ଏକ ନିର୍ଦ୍ଦିଷ୍ଟ ଦଳର ନେତୃତ୍ୱ ନେଉଥିଲେ ବି ସର୍ବସାଧାରଣଙ୍କ ନାଥ ଥିଲେ। ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଇଛାଙ୍କ ସଭାପତିତ୍ୱରେ ପୂର୍ବତନ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର, ପୂର୍ବତନ ସରପଞ୍ଚ ରସାନନ୍ଦ ପରିଡା, ଇସ୍ରୋ ବୈଜ୍ଞାନିକ ଗନ୍ଧର୍ବ ବେହେରା, ଦିଲ୍ଲୀପ କୁମାର ରଥ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସୁନନ୍ଦା ଦାସ କାର୍ଯ୍ୟକ୍ରମ ପରିଚଳନା, ଶୁଭେନ୍ଦୁ ଦାଶ ଅତିଥି ପରିଚୟ ଓ ଶୈଳେନ୍ଦୁ ଦାଶ ଧନ୍ୟବାଦ ଦେଇଥିଲେ। ଉର୍ମିଳା ସେନାପତି, ସୁକାନ୍ତି ଷଡଙ୍ଗୀଙ୍କ ନିର୍ଦ୍ଦେଶନାରେ ବାଗଦେବୀ ବିଦ୍ୟାମନ୍ଦିରର ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ଉତ୍ସବରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୭।୪(ବ୍ୟୁରୋ)

ବାଲିଆପଟା ନୂଆସାହିସ୍ଥିତି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୨ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ, ୱାର୍ଡ ନଂ.୧୯ର କର୍ପୋରେଟର ସ୍ମୃତିଶିଖା ବରିସଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲା ପ୍ରମୁଖ ସୁଦର୍ଶ ମିଶ୍ର ଯୋଗଦେଇ ଶିଶୁ ଗଠନରେ ପରିବାର, ସମାଜ ଓ ବିଦ୍ୟାଳୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ହାସ୍ୟାଭିନେତା ହରିହର ମହାପାତ୍ର ବିଶେଷ ଅତିଥି ଭାବେ ଯୋଗଦେଇ ହାସ୍ୟାଭିନୟ ମାଧ୍ୟମରେ ପିଲାଙ୍କୁ ହସାଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୫୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଦୁଃଶାସନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଜଟଣୀ,୭।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ମେଳଣ ପଡ଼ିଆ ଅଞ୍ଚଳରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଅଞ୍ଚଳର ଅଶୋକ ସାମଲ(୨୨)। ସୂଚନା ମୁତାବକ, ଶୁକ୍ରବାର ଅଶୋକଙ୍କ ବାପା କାମ ପାଇଁ ଓ ମା' ଲୋନ୍ ଅର୍ଥ ପୈଠ ଲାଗି ବାହାରକୁ ଯାଇଥିଲେ। କାମସାରି ଘରକୁ ଆସିବା ପରେ ଅଶୋକ ଫ୍ୟାନ୍‌ରେ ଝୁଲୁଥିବା ଦେଖି ତାଙ୍କ ମା' ପଡ଼ୋଶୀଙ୍କୁ ଡାକିଥିଲେ। ସ୍ଥାନୀୟ ପଡ଼ୋଶୀଙ୍କ ସହାୟତାରେ ଅଶୋକଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ଲାଗି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜଟଣୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୩)ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

**ବୋଲଗଡ଼, ୭।୪ (ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ କଡ଼ବ ପଞ୍ଚାୟତ ଅନ୍ତର୍ଗତ ଖଣତି ଗ୍ରାମର ଆରାଧ ଦେବତା ସ୍ୱପ୍ନେଶ୍ୱର ଦେବଙ୍କ ପୀଠରେ ଗ୍ରାମବାସୀ ଓ ଯଜ୍ଞ କମିଟି ସହଯୋଗରେ ୫୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ପାଞ୍ଚଦିନ ଧରି ଚାଲିଥିବା ଏହି ଯଜ୍ଞର ବିଭିନ୍ନ ଦିବସରେ ଅଙ୍କୁରାରୋପଣ, କଳସ ସ୍ଥାପନ, ଅଗ୍ନି ସ୍ଥାପନ, ମଣ୍ଡଳ ରୋପଣ, ଚଣ୍ଡୀ ଆହୁତି ଓ ଶିବାର୍ଚ୍ଚନା, ଗୀତା ଆହୁତି, ନାମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ମୁରଲୀଧର କର ଯଜ୍ଞରେ କର୍ତ୍ତାଭାବେ ରହିଥିବା ବେଳେ ଯଜ୍ଞାଚାର୍ଯ୍ୟ ପ୍ରଭାକର ମିଶ୍ରଙ୍କ ନେତୃତ୍ୱରେ ବ୍ରାହ୍ମଣପଣ୍ଡିତମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷଦିନରେ ପୂର୍ଣ୍ଣାହୁତି ସହିତ ପ୍ରତ୍ୟହ ସନ୍ଧ୍ୟାରେ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମେଗା ସ୍ୱାସ୍ଥ୍ୟ ଶିବିର

**ବାଲିପାଟଣା, ୭।୪ (ଡି.ଏନ୍.ଏ.):** ଇଣ୍ଡିଆନ ରେଡକ୍ରସ୍ ସୋସାଇଟିର ଆଞ୍ଚଳିକ ଶାଖା, କମିଶନରେଟ ପୋଲିସ ଭୁବନେଶ୍ୱର -କଟକ, ସାମାଜିକ ସେବା ସଙ୍ଗଠନ ସାଥୀ ଏବଂ ଆଦର୍ଶ ଶିଶୁ ନିକେତନ ବନମାଳିପୁରର ମିଳିତ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଆଦର୍ଶ ଶିଶୁ ନିକେତନଠାରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ ରେଡକ୍ରସ୍ ସୋସାଇଟିର ଯୁଗ୍ମ ସମ୍ପାଦକ ତଥା ଏସିପି ଲଳିତେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଶିବିରରେ ରାଜ୍ୟ ତଥା ଦେଶର ବିଭିନ୍ନ ହସ୍ପିଟାଲର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସେବା ଯୋଗାଇ ଦେଇଥିଲେ। ଶିବିରରେ ଆଖପାଖ ଅଞ୍ଚଳର ଶତାଧିକ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋନ-୪ ଏସିପି ଶୁଭ ନାରାୟଣ ମୁଦୁଲି, ଥାନାଧିକାରୀ ଓମ୍ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ।

# ୩୦୯ଜଣଙ୍କ କଟିଲା ଚାଲାଣ: ୧୮.୧୬ ଲକ୍ଷ ଜରିମାନା ଆଦାୟ

**ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ**

- ୧୦ ଗାଡି ଜବତ, ଧରାପଡିଲେ ୩ ନାବାଳକ ଓ ୮ ମଦ୍ୟପ ଚାଳକ
- ଓଭରଲୋଡ୍ ପାଇଁ ଡଣ୍ଡ ଗଣିଲେ ୨.୭୪ଲକ୍ଷ ଟଙ୍କା

ଖୋର୍ଦ୍ଧା ଅଫିସ,୭।୪

ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ପାଳନ ଅବସରରେ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଯାନବାହନ ଚେକିଂ କଡ଼ାକଡ଼ି କରାଯାଇଥିଲା। ଶୁକ୍ରବାର ୧୬ ଓ ୫୭ ନମ୍ବର ଜାତୀୟ ରାଜପଥରେ ଚେକିଂ କରାଯାଇଥିଲା। ବିଶେଷକରି ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ପରିଧାନ କରି ନ ଥିବା, କାର୍ ଚାଳକ ସିଟ୍ ବେଲ୍ଟ ବାନ୍ଧି ନ ଥିବା, ନାବାଳକ ଗାଡ଼ି ଚଳାଇବା ଏବଂ ମଦ୍ୟପ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ଆଞ୍ଚଳିକ ପରିବହନ ବିଭାଗର ଅତିରିକ୍ତ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ସପ୍ତାହକ ମଧ୍ୟରେ ୩୦୯ ଜଣଙ୍କ ଚାଲାଣ କଟାଯାଇଛି। ୧୮ଲକ୍ଷ ୧୬ହଜାର ୩ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ୩ ନାବାଳକ ଗାଡ଼ି ଚଳାଇବା ବେଳେ ଧରାପଡ଼ିଛନ୍ତି। ମଦ୍ୟପାନ କରି ଗାଡ଼ି ଚଳାଉଥିବା ୮ ଜଣଙ୍କୁ ଜରିମାନା କରାଯାଇଛି। ବିନା ହେଲ୍‌ମେଟ୍‌ରେ ବାଇକ୍ ଚଳାଇବା ନେଇ ୧୯୪ ଏବଂ କାର୍ ଚଳାଇବା ବେଳେ ସିଟ୍ ବେଲ୍ଟ ପରିଧାନ କରି ନ ଥିବା ୨୬ ଜଣଙ୍କ ଚାଲାଣ କଟିଛି। ଓଭରଲୋଡ୍ ପାଇଁ ୭ ଜଣଙ୍କୁ ୨ଲକ୍ଷ ୭୪ ହଜାର ୭୯୦ଟଙ୍କା ଜରିମାନା କରାଯାଇଛି। ଓଡ଼ିଶା ମୋଟର ଭେହିକିଲ ଆକ୍ଟରେ ୨୩ଟି କେସ୍ କରାଯାଇଥିବା ବେଳେ ୧୦ ଗାଡ଼ି ଜବତ କରାଯାଇଥିବା ସୂଚନା ଦେଇଛନ୍ତି। ଏଥିସହିତ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତଭାବେ ବିଭିନ୍ନ ସ୍ଥାନରେ ସକାଳେ ଲମ୍ବାଯାତ୍ରାରେ ଯାତ୍ରୀଙ୍କୁ ନେଇ ଯାଉଥିବା ଯାତ୍ରୀବାହୀ ଗାଡ଼ିକୁ ଅଟକାଇ ଚା', ପାଣି ଦିଆଯାଇ ସଚେତନ କରାଯାଇଛି। ଯାତ୍ରୀ ଏବଂ ନିଜ ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ଯତ୍ନବାନ୍ ହେବାକୁ ପୋଲିସ ଓ ପରିବହନ ବିଭାଗ ଅଧିକାରୀ ଡ୍ରାଇଭରଙ୍କୁ ସଚେତନ କରାଇଥିଲେ।

ଏନେଇ ଏଆରଟିଓ ନାୟକ କୁହନ୍ତି, ଜୀବନ ଅତି ମୂଲ୍ୟବାନ୍। ଦୈନିକ ସଡ଼କ ଦୁର୍ଘଟଣାଜନିତ ଘଟଣା ବଢ଼ିଚାଲିଛି। ଟ୍ରାଫିକ୍ ନିୟମ ନ ମାନି ଗାଡ଼ି ଚଳାଇଲେ ରାସ୍ତାରେ ଅସୁବିଧାର ସମ୍ମୁଖୀନ ହେବେ ଚାଳକ। ୧୮ ବର୍ଷରୁ କମ୍ ପିଲାମାନଙ୍କୁ ବାଇକ୍ ନ ଦେବା ଲାଗି ଅଭିଭାବକମାନଙ୍କୁ ବାରମ୍ବାର ନିବେଦନ କରାଯାଇଛି। ଏନେଇ ସଦର ଏସ୍‌ଡିପିଓ ଦିଲୀପ ଦାସ କୁହନ୍ତି, ପରିବହନ ବିଭାଗ ସହ ମିଳିତ ଆନୁକୂଲ୍ୟରେ ବିଭିନ୍ନ ଜନଗହଳି ସ୍ଥାନ, ରାଜପଥରେ କଡ଼ା ଚେକିଂ କରାଯାଇଥିଲା। ଦୁର୍ଘଟଣା ପ୍ରବଣ ଅଞ୍ଚଳଗୁଡ଼ିକ ଉପରେ ନଜର ରଖାଯାଇଥିଲା। ହେଲମେଟ୍, ସିଟ୍ ବେଲ୍ଟ ଲଗାଇ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଇଲେ ଚାଳକଙ୍କୁ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ କେବଳ ସପ୍ତାହ ବ୍ୟାପୀ ଜରିମାନା ଆଦାୟ କଲେ ଦୁର୍ଘଟଣାକୁ ରୋକାଯାଇପାରିବନାହିଁ ବରଂ ଦୈନିକ ହେଲମେଟ୍ ଚେକିଂକୁ କଡ଼ାକଡ଼ି କରାଯାଉ ବୋଲି ବରିଷ୍ଠ ନାଗରିକ ପ୍ରଭାତ ମିଶ୍ର କହିଛନ୍ତି। ଯୁବ ସାମାଜିକ କର୍ମୀ ରାକେଶ ସାହୁ କୁହନ୍ତି, ରାତି ପାହିଲେ ସଡ଼କ ଦୁର୍ଘଟଣାରେ ଜୀବନ ଯାଉଛି। ବେପରୁଆ ଗାଡ଼ି ଚାଳକଙ୍କ ଉପରେ ରୋକ୍ ଲଗାଇବା କ୍ଷେତ୍ରରେ ପରିବହନ ବିଭାଗର ଏଭଳି ପ୍ରୟାସ କେତେଦୂର ସଫଳ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ।



ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଚେକିଂ କରାଯାଉଛି।

### ସଡ଼କ ଦୁର୍ଘଟଣା, ୨ ଆହତ

**ଖୋର୍ଦ୍ଧା ଅଫିସ,୭।୪:** ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହର ଶୁକ୍ରବାର ଥିଲା ଶେଷ ଦିବସ। ଏଥିପାଇଁ ଖୋର୍ଦ୍ଧାର ବହୁ ସ୍ଥାନରେ ପରିବହନ ବିଭାଗ ପକ୍ଷରୁ ଚେକିଂ କରାଯାଉଥିବା ବେଳେ ପୋଲିସ ପକ୍ଷରୁ ସେଭଳି ଗୁରୁତ୍ୱ ଦିଆଯାଇ ନ ଥିଲା। ଶୁକ୍ରବାର ଭୋରୁ ଏସ୍‌ପି ଅଫିସ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଗାଡିକୁ ପଛପଟୁ ଧକ୍କାଦେଇ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହାଇୱାର ସମ୍ମୁଖଭାଗ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ବଟି ମାଗିବା ସହ ଠିକାଦାରଙ୍କୁ ଗାଳିଗୁଲଜ

ଜଟଣୀ,୭।୪(ଡି.ଏନ୍.ଏ.)

ବଟି ମାଗିବା ସହ ଠିକାଦାରଙ୍କୁ ଗାଳିଗୁଲଜ କରିବା ନେଇ ଜଟଣୀ ଥାନାରେ ଅଭିଯୋଗ ହୋଇଛି। ଏନେଇ ଠିକାଦାର ରତିରଞ୍ଜନ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୨୮/୨୩)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗତ ୫ ତାରିଖରେ କୁଦିଆରୀ ଗ୍ରାମର ଠିକାଦାର ରତିରଞ୍ଜନ ଏକ ଠିକା କାମ ସମ୍ପର୍କରେ ସ୍ଥାନୀୟ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ କଥା ହେବାକୁ ଯାଇଥିଲେ। ସେହି ସମୟରେ ପୌର କାର୍ଯ୍ୟାଳୟ ପରିସରରେ ଜଟଣୀ ରାଜାବାଜର ଅଞ୍ଚଳର ମହେନ୍ଦ୍ର ସାହୁ ଓ ତାଙ୍କ ପୁଅ ଠିକାଦାର ଦାସଙ୍କୁ ଗାଳିଗୁଲଜ କରିବା ସହ ଠିକା କାମ ବାବଦ ବଟି ୧୦ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ଠିକାଦାର ଟଙ୍କା ଦେବାକୁ ଅରାଜି ହେବାରୁ ନିମ୍ନମାନର କାମ କରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ସହ ବିଲ୍ ବନ୍ଦ କରିଦେବେ ବୋଲି ଧମକ ଦେଇଥିଲେ। ଏଥିସହ ଉକ୍ତ ଘଟଣା ପୋଲିସକୁ ଜଣାଇଲେ ଜୀବନରେ ମାରିଦେବେ ବୋଲି ମହେନ୍ଦ୍ର କହିଥିବା ଠିକାଦାର ଦାସ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୨୮/୨୩) ରୁଜୁକରି ତଦନ୍ତ ଚଳାଇଛି।



**ବେଗୁନିଆ:** ବାଘମାରୀ ତଳସାହିର ରଘୁନାଥ ଦେବ ନାଟ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ରାବଣପୋଡ଼ି ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ସାଧୁ ଅନ୍ତର୍ଯ୍ୟାମୀଙ୍କ ପରଲୋକ

ବେଗୁନିଆ,୭।୪(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଡାମଳିମ ଗ୍ରାମସ୍ଥିତ ମହିମା ଧର୍ମର ସାଧୁ ଅନ୍ତର୍ଯ୍ୟାମୀ(୯୫)ଙ୍କ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ହେବ ମଠ ପରିସରରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମହିମା ଧର୍ମାବଲମ୍ବୀ ଶିଷ୍ୟ ଓ ଅନୁଗାମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଭକ୍ତବତ୍ସଳ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ପରେ ସାରା ଓଡ଼ିଶାର ମହିମାଧର୍ମ ପାଇଁ ଏକ ଅପୂରଣୀୟ କ୍ଷତି ହେଲା ବୋଲି ଶିଷ୍ୟ ବିନିତ ଚହଟରାୟ କହିଛନ୍ତି। ମଠ ପରିସରରେ ଅନ୍ତର୍ଯ୍ୟାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ସମାଧି ଦିଆଯାଇଥିଲା।



୨୨ତମ ଜଟଣୀ ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## 'ମହୋତ୍ସବରେ ଭାଇଚାରା ଭାବ ରହିଥାଏ'

ବେଗୁନିଆ,୭।୪(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ତଳସାହିର ରଘୁନାଥ ଦେବ ନାଟ୍ୟସଂସଦ ଆନୁକୂଲ୍ୟରେ ସପ୍ତମ ବାର୍ଷିକ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାମନବମୀରୁ ୯ଦିନ ବ୍ୟାପୀ ଦୈନିକ ଆୟୋଜିତ ରାମ ଲୀଳା ନାଟକ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ତେବେ ଅନ୍ତିମ ଦିବସରେ ରାବଣକୁ ବଧ କରାଯାଇଥିଲା। ଏହି ଅବସରରେ କମିଟିର ସଭାପତି ଦାଶରଥି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ଅଧ୍ୟାପିକା ଚିରଶ୍ରୀ ଇନ୍ଦ୍ରସିଂ ମୁଖ୍ୟ ବକ୍ତା, ବିଜେଡି ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟା ନବନିତା ମହାନ୍ତି, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବିଜେଡିର ଉପ ସଭାପତି ଦିଲୀପ ମହାଭୋଇ, କମିଟିର ଉପସଭାପତି ଆର୍ତ୍ତବନ୍ଧୁ ସେଠୀ, ସମ୍ପାଦକ ପ୍ରତାପ କୁମାର ମହାନ୍ତି, କୋଷାଧ୍ୟକ୍ଷ ନାରଣ ବେହେରା, ସହ କୋଷାଧ୍ୟକ୍ଷ ଦୀନବନ୍ଧୁ ବେହେରା, ସମାଜସେବୀ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ପାରମ୍ପରିକ ଉତ୍ସବ ପୁରପଲ୍ଲୀରେ ହିଁ ଦେଖିବାକୁ ମିଳେ। ଉତ୍ସବରେ ଭାଇଚାରାର ଭାବଧାରା ସହିତ ସ୍ୱତନ୍ତ୍ର ମହକ ମଧ୍ୟ ଭରିହୋଇ ରହିଥାଏ ବୋଲି ଅତିଥି ସାହୁ କହିଥିଲେ। ଭୁବନେଶ୍ୱର ଶିଳ୍ପିକା ମର୍ଡନ, ସଙ୍ଗୀତ ସାଧନା ଲୁଇସିଙ୍ଗା, ଅର୍ଜ୍ଜୁନପୁର ମୂର୍ଚ୍ଛନା କଲ୍‌ଚରାଲ ଏକାଡେମୀର ଗୋଟିପୁଅ ନାଚ, ନୟାଗଡ଼ ଷ୍ଟାର ସରଗମ୍ ଗ୍ରୁପ୍ ଭଜନ ଓ ଆଧୁନିକ ଗୀତ ଏବଂ ଆତସବାଜି ସହ ୬୦ ଫୁଟର ରାବଣପୋଡ଼ି କରାଯାଇଥିଲା। କାର୍ଯ୍ୟକ୍ରମ କବି ଗୋପୀନାଥ ସେଠୀ ଓ ପ୍ରସନ୍ନ କୁମାର କହଲସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଖବରଦାତା ଯୋଗେଶ୍ୱର ପଣ୍ଡା, ଦୁର୍ଗାପ୍ରସାଦ ଦାସ, ରମେଶ ରଞ୍ଜନ ସାହୁ ଓ ସଞ୍ଜୀବ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବାଘମାରୀ ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭରା କରଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ।




ରାବଣପୋଡ଼ି ଉତ୍ସବରେ ଉପସ୍ଥିତ ଅତିଥିମାନେ।

### ବୋଲଗଡ଼ ଗଟ୍ ଟ୍ୟାଲେଣ୍ଟ ଅଡିଶନରେ ୨୪ ପ୍ରତିଯୋଗୀ

ବୋଲଗଡ଼,୭।୪(ଡି.ଏନ୍.ଏ.)

ବୋଲଗଡ଼ ଗଟ୍ ଟ୍ୟାଲେଣ୍ଟ କାର୍ଯ୍ୟକ୍ରମ ପାଇଁ ଶୁକ୍ରବାର ପ୍ରତିଯୋଗୀ ଚୟନ(ଅଡିଶନ) ଅନୁଷ୍ଠିତ ହୋଇଯାଇଛି। ଆରାଧନା ପ୍ରିନ୍ସେସ୍ ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ରଜପଡ଼ିଆରେ ଆୟୋଜିତ ଏହି ଅଡିଶନରେ ବ୍ଲକ ଅଞ୍ଚଳର ୧୦୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅଡିଶନରେ ଜୁନିୟର, ସବ୍‌ଜୁନିୟର ଓ ସିନିୟର ଆଦି ଶ୍ରେଣୀରେ ପ୍ରତିଯୋଗୀମାନେ ମର୍ଡନ ଡ୍ୟାନ୍ସ, ଓଡ଼ିଶୀ, କଣ୍ଠସଙ୍ଗୀତ, ଯୋଗ, କଳାକୃତି ଆଦି ବିଭାଗରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଆରାଧନା ପ୍ରିନ୍ସେସ୍ ଡ୍ୟାନ୍ସ ଏକାଡେମୀ ଅଧ୍ୟକ୍ଷ ସତ୍ୟବାନ ଦଳବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସତ୍ୟ ନାରାୟଣ ମହାପାତ୍ର, ମାଳବିକା ଦାସ ଓ ଦ୍ୱାରିକା ସେନାପତି ବିଚାରକ ଭାବେ ଉପସ୍ଥିତ ରହି ତିନି ରାଉଣ୍ଡ ପରେ ପ୍ରତ୍ୟେକ ବିଭାଗରେ ୩ଜଣ ଲେଖାଏ ପ୍ରତିଭା ଚୟନ କରିଥିଲେ। ଏମାନେ ଆସନ୍ତା ୧୯ ତାରିଖ ଗ୍ରାମୀଣ କଳା ଉତ୍ସବରେ ପ୍ରଦର୍ଶନ କରିବା ସହ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ପରିଚାଳନାରେ ରୂପଶୀ ଦଳବେହେରା, ଶୁଭମ ଦଳବେହେରା, ରଶ୍ମିରଞ୍ଜନ ପଟ୍ଟନାୟକ, ପ୍ରମୋଦ ଜେନା, ପ୍ରଦୀପ୍ତ ମହାପାତ୍ର ଓ ରାଜେନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ।



ବୋଲଗଡ଼ ଗଟ୍ ଟ୍ୟାଲେଣ୍ଟ ଅଡିଶନ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ ଏବଂ ଅନ୍ୟମାନେ।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବୋଲଗଡ଼,୭।୪(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ପୁରସ୍କାର ବିତରଣ ତଥା ସାଂସ୍କୃତିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ରାଜ କିଶୋର ବ୍ରହ୍ମାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଦେଉଳି ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ସାହୁ ଯୋଗଦେଇ ଓଡ଼ିଶା ରାଜ୍ୟର ଶିକ୍ଷା ଓ ସଂସ୍କୃତି ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ, ଅତିଥିଭାବେ ଶିକ୍ଷାବିତ୍ ସାନନ୍ଦ କୁମାର ସାହୁ, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀଙ୍କ ସମୟର ଶୃଙ୍ଖଳିତ ବିନିଯୋଗ କରିବାରେ ଅଭିଭାବକମାନେ ଦୃଷ୍ଟି ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାକେନ୍ଦ୍ରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ରମେଶ ଚନ୍ଦ୍ର ସାମନ୍ତରାୟ ଅତିଥିଙ୍କ ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା, ଗୁରୁମା ସସ୍ମିତା ବେହେରା ବର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ନୃତ୍ୟ କଳା, ମେଧାବୃତ୍ତି ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷାବିତ୍ ବିନୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପରେ କୁନି ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିଲେ।




ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ୨୧ କୋଠି ପାଟଦଣ୍ଡ ମିଳନ ଉତ୍ସବ



ଟାଙ୍ଗୀ(ଖୋର୍ଦ୍ଧା),୭।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା କୁହୁଡ଼ି ଜନତା ମହାବିଦ୍ୟାଳୟ ଖେଳପଡ଼ିଆରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ୨୧ କୋଠି ପାଟଦଣ୍ଡ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡ ଠାକୁରଙ୍କ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଧ୍ୱନି ସହିତ ଭଗତାଙ୍କ ନୃତ୍ୟର ତାଳେ ତାଳେ ଶୋଭାଯାତ୍ରାରେ ଠାକୁରମାନେ ପଡ଼ାରେ ପ୍ରବେଶ କରି ସୁସଜ୍ଜିତ ମଣ୍ଡପରେ ଅବସ୍ଥାନ କରିଥିଲେ। କୁହୁଡି ବଡ଼କୋଠି, ସାନକୋଠି, ପଣଷପୁର, ଦାରଗାଁ, ଓରଢ଼, ମାନସିଂହପୁର, ରତନପୁର, ବାଲିନାସି, ସୋରଣ, ଛକଡିପୁର, ଜେମାଦେଇପୁର, ବଉଳାବନ୍ଧ, ସୁନାଖଳା, ସଲପଡି, ଭୋବରା, ହାଟବରଡି, ବାଉଁଶମୂଳ, ଜରିପଡା, ବାଲିଆ, ରତନପୁର ଗ୍ରାମର ଆରାଧ ଦଣ୍ଡ ଠାକୁର ଏହି ଉତ୍ସବରେ ସାମିଲ ହୋଇଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଭୋଗ ଅର୍ପଣ କରାଯାଇଥିଲା। ବାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରି କୃପା ଭିକ୍ଷା କରିଥିଲେ। କମିଟି ତରଫରୁ ଧାରାବିବରଣୀ ପ୍ରଦାନ କରାଯାଇଥିଲା। କମିଟି ପକ୍ଷରୁ ପାନୀୟଜଳ, ଦର୍ଶନ ପାଇଁ ବାରିକେଡ, ସୁସଜ୍ଜିତ ତୋରଣ, ଅନ୍ନ ପ୍ରସାଦ ଓ ଆଲୋକର ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ନେତୃମଣ୍ଡଳୀ, ନିର୍ବାଚିତ ପ୍ରତିନିଧିଙ୍କ ସମେତ ରାଜନୈତିକ ଦଳର ପଦାଧିକାରୀମାନେର ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ତିତିପରେ ପଞ୍ଚଦଣ୍ଡ ମିଳନ

କୃଷ୍ଣପ୍ରସାଦ,୭।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ତିତିପ ଗ୍ରାମରେ ଶୁକ୍ରବାର ପଞ୍ଚଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦଗଡ଼, ମଲେଶ୍ୱରୀ, ଗୁରୁବାଇ, ଗଜପତି ନଗର, କେଶପୁର ଆଦି ଗ୍ରାମର ଦଣ୍ଡ ଠାକୁର ଏଥିରେ ସାମିଲ ହୋଇଥିଲେ। ତିତିପ ଗ୍ରାମ୍ୟ କମିଟି ପକ୍ଷରୁ ଅନୁଷ୍ଠିତ ଏହି ପଞ୍ଚଦଣ୍ଡ ମହାମିଳନ ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ତିତିପ ଗ୍ରାମ ଯୁବକ ସଂଘର ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ। ଖରାକୁ ଦୃଷ୍ଟିରେ ରଖି ଯୁବକ ସଂଘ ପକ୍ଷରୁ ପଣା ଓ ଘୋଳଦହି ବଣ୍ଟନ କରାଯାଇଥିଲା। ପୂର୍ବାହ୍ନରେ ଗୋଟିଏ ପରେ ଗୋଟିଏ ଦଣ୍ଡ ଠାକୁର ତିତିପ ଗ୍ରାମର ମୁଖ୍ୟ ପୀଠାଧୀଶ ପଣ୍ଡେଶ୍ୱର ଦେବଙ୍କ ମେଳଣ ପଡ଼ିଆକୁ ଆସି ଏକତ୍ରିତ ହୋଇଥିଲେ। ଏହାପରେ ଗ୍ରାମରେ ଧୂଳି ଦଣ୍ଡ, ସନ୍ଧ୍ୟାରେ ପାଣିଦଣ୍ଡ ଅନୁଷ୍ଠିତ ହୋଇଥିଲା। ରାତ୍ରରେ ଅଗ୍ନିଦଣ୍ଡ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିତିପ ଗ୍ରାମ କମିଟି ସଭାପତି ଯୋଗେନ୍ଦ୍ର ନାଥ ଜେନା, ସମ୍ପାଦକ ନୀଳମାଧବ ମହାପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଏବଂ ଯୁବକ ସଂଘ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



## ଉତ୍କଳ ସର୍ବୋଦୟ ମଣ୍ଡଳର ସାଧାରଣ ପରିଷଦ ବୈଠକ

**କଟକ ଅଫିସ:** ଉତ୍କଳ ସର୍ବୋଦୟ ମଣ୍ଡଳର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଗୁଣନିଧି ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି କହିଥିଲେ, ଦେଶରେ ଗଣତନ୍ତ୍ର ବିପନ୍ନ ଓ ସମ୍ବିଧାନ ସରକାରୀ କଳ ଦ୍ୱାରା ଆକ୍ରମଣର ଶିକାର ହେଉଛି। ଏଭଳି ପରିସ୍ଥିତିରେ ସର୍ବୋଦୟ ମଣ୍ଡଳ କର୍ମୀଙ୍କ ଦାୟିତ୍ୱ ବହୁଗୁଣ ବଢ଼ିଯାଇଛି ବୋଲି ସେ କହିଥିଲେ। ଏହି ବୈଠକରେ ଗିରିଜା ପ୍ରସାଦ ନାୟକ, ଆଦିତ୍ୟ ପଟ୍ଟନାୟକ, ରବୀନ୍ଦ୍ର ନାଥ ମହାନ୍ତି, ରମାକାନ୍ତ ମଣ୍ଡଳ, ଖଗେଶ୍ୱର ବଳ, ଶୁଭେନ୍ଦୁ ରାଉତରାୟ, ଗୋବିନ୍ଦ ଓଝା, ରମାରଞ୍ଜନ ସ୍ୱାଇଁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଦେଇଥଲେ।

## ସଂକ୍ଷେପରେ

### ୧୭ରୁ ସମୂହ ଛୁଟିରେ ଯିବେ ଫାର୍ମାସିଷ୍ଟ

**କଟକ ଅଫିସ,୭।୪:** ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘର ଆହ୍ୱାନକ୍ରମେ ୫ ଦଫା ଦାବି ପୂରଣ ପାଇଁ ଫାର୍ମାସିଷ୍ଟମାନେ ଆସନ୍ତା ୧୭ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏସ୍‌ସିବି ମେଡିକାଲ ସମେତ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ଦନ୍ତ ଚିକିତ୍ସାଳୟ, ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ର, ଏଆର୍‌ଟି ସେଣ୍ଟର ଓ ଶିଶୁଭବନରେ କାର୍ଯ୍ୟରତ ସମସ୍ତ ଫାର୍ମାସିଷ୍ଟ ଏଥିରେ ସାମିଲ ହେବେ। ଏସ୍‌ସିବି ମେଡିକାଲରେ କାର୍ଯ୍ୟରତ ଫାର୍ମାସିଷ୍ଟମାନେ ଶୁକ୍ରବାର ଅଧୀକ୍ଷକ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଛୁଟି ଦରଖାସ୍ତ ଦେଇଥିବା ଜଣାପଡିଛି। ଫାର୍ମାସିଷ୍ଟମାନଙ୍କ ଦାବି ଅନୁସାରେ, ଦୀର୍ଘ ୧୦ ବର୍ଷ ଧରି ବନ୍ଦ ଥିବା ଫାର୍ମାସିଷ୍ଟ କ୍ୟାଡର କାର୍ଯ୍ୟକାରୀ ହେବା, ମୂଳ ଦରମା ସହ ଗ୍ରେଡ୍ ପେ' ବୃଦ୍ଧି, ପଦବୀର ନାମ ପରିବର୍ତ୍ତନ, ୨୦୧୩ ପୂର୍ବରୁ ଠିକାରେ କାର୍ଯ୍ୟ କରିଆସୁଥିବା ସମସ୍ତ ଫାର୍ମାସିଷ୍ଟଙ୍କ କାର୍ଯ୍ୟକାଳକୁ ବରିଷ୍ଠତା ଭିତ୍ତିରେ ବିବେଚନା ସହ ଆର୍ଥିକ ସୁବିଧା ଦେବା ଏବଂ ଏମ୍‌ଏଚ୍‌ୟୁ, ଆର୍‌ବିଏସ୍‌କେ ଫାର୍ମାସିଷ୍ଟମାନଙ୍କୁ ରେଗୁଲାର ନିଯୁକ୍ତି ଦେବା ଆଦି ଦାବି କରାଯାଇଆସୁଛି। ବହୁବର୍ଷ ଧରି ସରକାରଙ୍କ ନିକଟରେ ଏହି ଦାବି ବିଚାରାଧୀନ ଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ଏନେଇ ପଦକ୍ଷେପ ନେଉନାହିଁ। ଫଳରେ ଫାର୍ମାସିଷ୍ଟମାନେ ବାଧ ହୋଇ ସମୂହ ଛୁଟି ନେବେ ବୋଲି ଘୋଷଣା କରିଛନ୍ତି। ଏସ୍‌ସିବି ମେଡିକାଲ ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟସେବା କେନ୍ଦ୍ର ହୋଇଥିବାରୁ ଏଠାର ସମସ୍ତ ନିରାମୟ, କେନ୍ଦ୍ରୀୟ ଔଷଧ ଭଣ୍ଡାର, ସମସ୍ତ ଅସ୍ତ୍ରୋପଚାର ଗୃହ ଏଥିପାଇଁ ପ୍ରଭାବିତ ହେବ। ତେଣୁ ସମୂହ ଛୁଟିରେ ଯାଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଏସ୍‌ସିବି ଶାଖାର ମୁଖ୍ୟ ଉପଦେଷ୍ଟା ଦିଲୀପ କୁମାର ସାହୁ, ସହଯୋଗୀ ଅଶୋକ କୁମାର ସାହୁ, ସୁକାନ୍ତ କୁମାର ଦାସ, ରଜନୀକାନ୍ତ ଦାସ, ବିଶ୍ୱନାଥ ଭୋଳ, ଏସ୍‌ସିବି ଶାଖା ସଭାପତି ନଳିନୀ ସାହୁ, ସମ୍ପାଦକ ନିରଞ୍ଜନ ସାହୁ, ସାରଦା ପ୍ରସନ୍ନ ବେହେରା ପ୍ରମୁଖ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

**ଚୌଦ୍ୱାର, ୭।୪(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକାର କେତେକ ୱାର୍ଡରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଶୁକ୍ରବାର କରାଯାଇଛି। ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଅତିଥି ଭାବେ ଯୋଗଦେଇ ୨, ୪, ୭ ଓ ୧୭ନଂ. ୱାର୍ଡରେ ଡ୍ରେନ ଏବଂ ରାସ୍ତା ପାଇଁ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡା, କାଉନସିଲର ଅଜୟ କୁମାର ବେହେରା(ଅଜିନି), ଅଜୟ କୁମାର ବେହେରା, ଦିଲୀପ କୁମାର ସାହୁ, ବିଜୟ ମଲ୍ଲିକ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ସମେତ ଦଳୀୟକର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ପୌରପାଳିକାର ୧ରୁ ୫ନଂ. ୱାର୍ଡରେ ପ୍ରାତଃଭ୍ରମଣ କରି ସମସ୍ୟା ସମାଧାନ ଦିଗରେ ପୌରଯନ୍ତ୍ରୀ ଓ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ।

# ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ମିଳୁନି ଦରମା

**ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକ**

■ଅମଲାଙ୍କ ମଧ୍ୟରେ ବୃଦ୍ଧିପାଉଛି ଅସନ୍ତୋଷ

କଟକ ଅଫିସ, ୭।୪



ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

କଟକ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ସାଧାରଣ ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଅଧକ୍ଷ ବିରଞ୍ଚି ନାରାୟଣ ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆବାହକ ସୂର୍ଯ୍ୟକାନ୍ତ ପାଣି ଯୋଗଦେଇ କହିଥିଲେ, ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କରାଯାଇଛି। ହେଲେ ସେମାନଙ୍କୁ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତ୍ତିରେ ଦରମା ପ୍ରଦାନ କରାଯାଉନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ବୋଲି କହିଥିଲେ। ଏହି ବୈଠକରେ ଓଡ଼ିଶା ଅମଲା ସଂଘର ରାଜ୍ୟ ସଙ୍ଗଠନ ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ, ସଂଯୋଜକ ହୃଦୟ ବିହାରୀ ମହାପାତ୍ର, ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଶା ଟ୍ରେଜେରି ଅମଲା ସଂଘ ରାଜ୍ୟ ସମ୍ପାଦକ ବ୍ରଜ କିଶୋର ସ୍ୱାଇଁ, ଓଡ଼ିଶା ନିବନ୍ଧକ ଅମଲା ସଂଘ ରାଜ୍ୟ ସଭାପତି ନଳିନୀକାନ୍ତ ମହାନ୍ତି ଯୋଗଦେଇ ଉପରୋକ୍ତ ଦାବିକୁ ସମର୍ଥନ ଦେଇଥିଲେ। କଟକ ଜିଲା ଅମଲା ସଂଘ ସଭାପତି ବିଭୂତି ଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।


ଗୁଡ୍ ଫ୍ରାଇଡେ ଅବସରରେ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ ଚର୍ଚ୍ଚରେ ପ୍ରଭୁଙ୍କ ନବାହ ଉପାସନା।

# ୨୫ ଲକ୍ଷ ଠକେଇ ମାମଲା, ଅଭିଯୁକ୍ତ ଗିରଫ

କଟକ ଅଫିସ,୭।୪


ଗିରଫ ଅଭିଯୁକ୍ତ।

୨୫ ଲକ୍ଷ ଟଙ୍କା ଠକେଇ ମାମଲାରେ କଟକ ସଦର ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ସିଲନ୍ଦ ଗ୍ରାମର ବୈଷ୍ଣବ ତାଣ୍ଡି (୩୮)। ସେ ବିଭିନ୍ନ ଲୋକଙ୍କଠାରୁ ବହୁ ପରିମାଣର ଅର୍ଥ ଠକେଇ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ ସୂଚନା ଅନୁସାରେ, କଟକ ସଦର ଥାନା ଅନ୍ତର୍ଗତ ସନ୍ତୋଳ ଗ୍ରାମର ସୁନ୍ଦର ପ୍ରଭାତ ଦାସ ଜଣେ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଥମ ଶ୍ରେଣୀ ଠିକାଦାର। ସେ ପ୍ରାଇଭେଟ୍ କମ୍ପାନୀ ପାଇଁ କାର୍ଯ୍ୟ କରୁଥିବାରୁ ସାଇଆସ୍ଥା କନ୍‌ଷ୍ଟ୍ରକସନ ନାମକ ସଂସ୍ଥାର ମାଲିକ ବୈଷ୍ଣବ ତାଣ୍ଡିଙ୍କ ସହ ୧୬ ନମ୍ବର ଜାତୀୟ ରାଜପଥରେ ନିର୍ମାଣ କାର୍ଯ୍ୟ ନିମନ୍ତେ ଏକ ଚୁକ୍ତିନାମା କରିଥିଲେ। ପୁନିତୋଳାରୁ ଟାଙ୍ଗୀ ପର୍ଯ୍ୟନ୍ତ କାମ କରିବା ନିମନ୍ତେ ୨୦୧୯ରେ ସିକ୍ୟୁରିଟି ଅର୍ଥ ବାବଦରେ ସେ ଦୁଇ ଥରରେ ୨୫ ଲକ୍ଷ ଟଙ୍କା ବୈଷ୍ଣବଙ୍କ ଆକାଉଣ୍ଟରେ ଜମା କରିଥିଲେ। ଏକ ମାସ କାମ କରିବା ପରେ ସେ ବୈଷ୍ଣବଙ୍କୁ କେତେକ ଅଫିସିଆଲ କାର୍ଯ୍ୟରେ ବିଲ୍ ପଇଠ କରିବା ନିମନ୍ତେ ଡାକିଥିଲେ। ହେଲେ ସେ ଆସି ନ ଥିଲେ। ଏପରି କି ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା। ପରେ ସେ ଜାଣିବାକୁ ପାଇଥିଲେ ବୈଷ୍ଣବ ତାଙ୍କୁ ଠକିଛନ୍ତି। ଏହାପରେ ସେ ତାଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ବୈଷ୍ଣବ ମୋଟ ୨୫ ଲକ୍ଷ ଟଙ୍କାର ୨ଟି ଚେକ୍ ତାଙ୍କୁ ଦେଇଥିଲେ। ସେହି ଚେକ୍ ମଧ୍ୟରୁ ଗୋଟିକରେ ଦସ୍ତଖତ ନ ମିଶିବା ଓ ଅନ୍ୟଟିରେ ପେମେଣ୍ଟ ବନ୍ଦ କରାଯାଇଥିବା କାରଣରୁ ସୁନ୍ଦର ଟଙ୍କା ପାଇପାରି ନ ଥିଲେ। ଏନେଇ ସେ କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଛତିଶଗଡ଼ର ରାୟପୁରରୁ ବୈଷ୍ଣବଙ୍କୁ ଗିରଫ କରିଥିଲା। ରାୟପୁର ସିଜେଏମ୍ ଅଦାଲତରେ ଅଭିଯୁକ୍ତଙ୍କୁ ହାଜର କରାଇବା ପରେ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ଶୁକ୍ରବାର କଟକ ଜେଏମ୍‌ଏଫ୍‌ସିରେ ହାଜର କରାଇଥିବା ଜଣାପଡିଛି।

# ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ଟିଗିରିଆ,୭।୪ (ଡି.ଏନ.ଏ)

ଟିଗିରିଆ ବ୍ଲକ ଗଦାଧରପୁର ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ନବଦିନ ବ୍ୟାପୀ ଚାଲିଥିବା ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ନଅ ଦିନ ଧରି ପୀଠରେ ବ୍ରତ ପାଳନ କରି ଆସୁଥିବା ୩୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପୂର୍ଣ୍ଣାହୁତି ପରେ ଘର ବାହୁଡ଼ା ହୋଇଛନ୍ତି। ଗଦାଧରପୁର ସମେତ ପଡୋଶୀ ଓ ଅନ୍ୟାନ୍ୟ ଗ୍ରାମରୁ ବହୁ ବ୍ୟକ୍ତି ବିଶେଷ ଏହି ପୀଠରେ ବ୍ରତ ପାଳନ କରି ଆସୁଥିଲେ। ଏହି ଅବସରରେ ଗ୍ରାମର ରାମନବମୀ କଳାକାରଙ୍କ ଦ୍ୱାରା ରାମାୟଣ ଓ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଏଥିସହ କୁନି କଳାକାରମାନେ ଚିତ୍ତାକର୍ଷକ ଭଜନ ଓ ନୃତ୍ୟ ପରିବେଷଣ କରିଥିଲେ। ପାଣିପାଗ ଯୋଗୁ ବିଭିନ୍ନ ପ୍ରତିଯୋଗିତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ତରଫରୁ ବାତିଲ କରାଯାଇଥିଲା। ନବଦିନ ବ୍ୟାପୀ ପ୍ରତ୍ୟହ ସନ୍ଧ୍ୟାରେ ପୀଠରେ ଚତୁର୍ଦ୍ଧା ବିଗ୍ରହ ଶ୍ରୀରାମ, ଲକ୍ଷଣ, ମାତା ସୀତା ଓ ହନୁମାନଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଥିଲା। ଏହା ଦେଖିବାକୁ ପୀଠରେ ଭକ୍ତଙ୍କ ଭିଡ଼ ଜମୁଥିଲା। ପୂଜାରେ କର୍ତ୍ତା ଭାବେ ବୈକୁଣ୍ଠ ବିହାରୀ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ। ଠାକୁରଙ୍କ ପୂଜା ସେବା ଓ ବୈଦିକ କାର୍ଯ୍ୟକ୍ରମକୁ ସେବାୟତ ପ୍ରଫୁଲ୍ଲ କୁମାର ମହାପାତ୍ର ଏବଂ ଆଚାର୍ଯ୍ୟ ସନ୍ତୋଷ କୁମାର ଶତପଥୀ ସମ୍ପାଦନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଦାମ ସ୍ୱାଇଁ, ସଭାପତି ଧନେଶର ସ୍ୱାଇଁ, ସଦସ୍ୟ ସୁଦାମ ରାଉତ, ବିକ୍ରମ ରାଉତ, ବିଜୟ କୁମାର ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ବ୍ରଜବନ୍ଧୁ ସ୍ୱାଇଁ, ବିରଞ୍ଚିନାରାୟଣ ରାଉତ, ଗଜେନ୍ଦ୍ର ଦଳେଇ ଓ ରମେଶ ସ୍ୱାଇଁ ପ୍ରମୁଖ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।

# 'ନିସ୍ତବ୍ଧତାରେ ଊର୍ଦ୍ଧ୍ୱଗାମୀ ହୋଇଛି ମାନବ ଚେତନା'

କଟକ ଅଫିସ,୭।୪


ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ପ୍ରଫେସର ବିଶ୍ୱନାଥ ରାୟ ବକ୍ତବ୍ୟ ଦେଉଛନ୍ତି।

**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଯାପିତ**

ଶାନ୍ତି, ନୀରବତା ଓ ନିସ୍ତବ୍ଧତା ମଧ୍ୟରେ ପୃଥିବୀର ଅନେକ ପରିବର୍ତ୍ତନ ଘଟିଛି। ନୂତନ ଶକ୍ତି କୋଳାହଳ ମଧ୍ୟରେ ପୃଥିବୀରେ ଅବତରଣ କରିନାହିଁ। ସମଗ୍ର ପୃଥିବୀ ତଥା ମାନବ ଚେତନାକୁ ନିସ୍ତବ୍ଧତା ମଧ୍ୟରେ ଏହି ଶକ୍ତି ଊର୍ଦ୍ଧ୍ୱଗାମୀ କରିବାରେ ଲାଗିଛି। ଏଣୁ ପ୍ରତ୍ୟେକ ମନୁଷ୍ୟ ଶାନ୍ତି ଓ ନୀରବତା ମଧ୍ୟରେ ସାଧନା କରି ଭଗବତ ଇଚ୍ଛାକୁ ପୂରଣ କରିବା ଉଚିତ୍ ବୋଲି କଟକ ମାତୃଭବନରେ ଚାଲିଥିବା ୪ ଦିନିଆ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଗଦାଧର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ବିଶ୍ୱନାଥ ରାୟ, ଡ. ବିରଞ୍ଚି ନାରାୟଣ ମହାପାତ୍ର, କପିଳାସ ପ୍ରସନ୍ନ ଦାଶ ଆଲୋଚକ ଭାବେ ଯୋଗଦେଇ ଆଧ୍ୟାତ୍ମିକ କ୍ଷେତ୍ରରେ ନୀରବତାର ଶକ୍ତି ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଯୋଗେଶ ରାଉତ, ଯତୀନ୍ଦ୍ର ଦାସ, ସମରେନ୍ଦ୍ର ରାଉତ, କପିଳେନ୍ଦ୍ର ମିଶ୍ର, ସ୍ୱରାଜ ମହାପାତ୍ର, ଡ. ଶରତ ଚନ୍ଦ୍ର ମିଶ୍ର, ଗଙ୍ଗାଧର ସାହୁ, ବିକ୍ରମ କେଶରୀ ମହାନ୍ତି, ସଂଗ୍ରାମ ମିଶ୍ର, ବ୍ରଜମୋହନ ବେହେରା, ଶୁଭ୍ରାଂଶୁ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯାନବାହନ ଯାଞ୍ଚ, ୨.୬୭ ଲକ୍ଷ ଜରିମାନା ଆଦାୟ

କଟକ ସଦର, ୭।୪(ଡି.ଏନ୍.ଏ.)

କଟକ-ପାରାଦୀପ ୧୨ନଂ.ରାଜ୍ୟ ରାଜପଥର କନ୍ଦରପୁର ଟୋଲ୍‌ଗେଟ୍ ନିକଟରେ ଶୁକ୍ରବାର କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଥିଲା। ବିଶେଷକରି ୩ ଜଣ ବାଇକ୍‌ରେ ବସି ଯିବା, ବିନା ହେଲ୍‌ମେଟ୍ ଓ ସିଟ୍ ବେଲ୍ଟରେ ଗାଡ଼ି ଚଲାଉଥିବା ବ୍ୟକ୍ତିଙ୍କଠାରୁ ଇ-ଚାଲାଣ ବାବଦକୁ ୨ଲକ୍ଷ ୬୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଚୌଦ୍ୱାର,୭।୪(ଡି.ଏନ୍.ଏ.)

ପୋଖରୀରେ ବୁଡ଼ି ଚୌଦ୍ୱାର ଓଟିଏମ୍ କଲୋନୀ ବାସିନ୍ଦା ନୀର ପାତ୍ର(୬୭)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେ ନିକଟସ୍ଥ କଳମଝରୀ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପୋଖରୀ କୂଳରେ ପହଞ୍ଚିଥିଲେ। ସେଠାରୁ ସ୍ଥାନୀୟ ଲୋକେ ନୀରଙ୍କୁ ଉଦ୍ଧାର କରି ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ବଧି ଶ୍ମଶାନରେ ସତ୍କାର କରାଯାଇଥିଲା। ବଡପୁଅ ଅରକ୍ଷିତ ପାତ୍ର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ନୀର ଶତାଧିକ ବ୍ୟକ୍ତିଙ୍କ ମୃତଦେହକୁ ସ୍ୱତଃପ୍ରବୃତ୍ତ ଭାବେ ସତ୍କାର କରିଥିଲେ।

# ପଦ୍ମିନୀ କେୟାରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ



କଟକ ଅଫିସ, ୭।୪

ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ହସ୍ପିଟାଲର ବର୍ହିଃ ବିଭାଗଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭେଷଜ ବିଭାଗ ଡା. ବିନୟ ଜୟସ୍ୱାଲ ଯୋଗଦେଇ କହିଥିଲେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାର ୭୫ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଚଳିତବର୍ଷ ଥିମ୍ ରହିଛି 'ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ'। ଏ ଦିଗରେ ଆମକୁ ସଚେତନ ହେବାକୁ ପଡିବ। ବିଗତ ଦେଢବର୍ଷ ଭିତରେ ପଦ୍ମିନୀ କେୟାରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୫ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କର ମାଗଣାରେ ଅସ୍ତ୍ରୋପଚାର କରାଯାଇଛି। ଚଳିତବର୍ଷ ଏହାକୁ ୮ହଜାରରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ସେହିପରି ଡା. ଦୀପକ ସ୍ୱାଇଁ କହିଥିଲେ, ଦେଶରେ ପୁଣି କରୋନା ପ୍ରକୋପ ବୃଦ୍ଧି ପାଉଥିବାରୁ ଜନସାଧାରଣ ସତର୍କ ରୁହନ୍ତୁ। ଏଥିସହ କୋଭିଡ୍ ନିୟମ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଡ୍ରିମ୍‌ସ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରବନ୍ଧକ ସଞ୍ଜୀବ ପ୍ରହରାଜ, ଶୁଭେନ୍ଦୁ ସିଂ, ସେବିକା ସୁବାସିନୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏଲ୍‌ୟୁଓରେ ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ

କଟକ ଅଫିସ, ୭।୪

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍‌ଏଲ୍‌ୟୁଓ)ର ବାର୍ଷିକ ସାଂସ୍କୃତିକ ଉତ୍ସବ (କାଇରାନ୍) ଏବଂ ବାର୍ଷିକ କ୍ରୀଡା ଉତ୍ସବ (ଭିରାଜ୍ ଓ ପାରା ଭିରାଜ) ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ପାରା ଭିରାଜର ପ୍ରଥମ ଦିନ କ୍ରିକେଟ ମ୍ୟାଚ୍ ଶୈଳବାଳା ମହିଳା କଲେଜ ଓ ଆର୍‌ଡି ମହିଳା କଲେଜ ମଧ୍ୟରେ ହୋଇଥିଲା। ଉଭୟ ଦଳର ଦୃଷ୍ଟିହୀନ ମହିଳା ଖେଳାଳିମାନେ ମ୍ୟାଚ୍‌ରେ ଭାଗ ନେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଡିଜିପି ସୁନୀଲ ବଂଶଲ ଯୋଗଦେଇଥିଲେ। ସେହିପରି ଏନ୍‌ଏଲ୍‌ୟୁଓ କୁଳପତି ପ୍ରଫେସର ଡ. ବେଦ କୁମାରୀ ଯୋଗଦେଇ କାଇରାନ୍ ଓ ଭିରାଜ ବିଷୟରେ କହିଥିଲେ। ଡ. ସୋହିନୀ ମହାପାତ୍ର ଓ କପିଲ ଶର୍ମା ବକ୍ତବ୍ୟ ପ୍ରଦାନ କରିଥିଲେ। କୁଳସଚିବ ପ୍ରଫେସର ଡ. ରଙ୍ଗଣୀ ପଲ୍ଲଭ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ କଲିକତାସ୍ଥିତ ଆମିଟି ବିଶ୍ୱବିଦ୍ୟାଳୟ, ଜାମସେଦପୁରସ୍ଥିତ ଏମ୍‌ଟିଏମ୍‌ସି କଲେଜ ଓ ଅନ୍ୟାନ୍ୟ କଲେଜର ଖେଳାଳି ଉପସ୍ଥିତ ଥିଲେ।

# ଡକାୟତି ଯୋଜନା, ୩ ଗିରଫ

କଟକ ଅଫିସ,୭।୪


ଲାଲବାଗ ଥାନା ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ।

**୨ ବନ୍ଧୁକ, ଭୁଜାଲି, ୩ ମୋବାଇଲ ଜବତ**

ନୟାସଡ଼କସ୍ଥିତ ଏକ ସୁନା ଦୋକାନରୁ ଡକାୟତି ପାଇଁ ଯୋଜନା କରୁଥିବା ଏକ ଗ୍ୟାଙ୍ଗର ୩ ଜଣଙ୍କୁ ଲାଲ୍‌ବାଗ ପୋଲିସ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ନୂଆଗାଁର ସୁବ୍ରତ ବେହେରା, ଲାଲବାଗ ଥାନା ଅନ୍ତର୍ଗତ କାଫଲା ବଜାରର ସୁନୀଲ ଓରଫ ସୌମ୍ୟରଞ୍ଜନ ସାହୁ ଓ ହଦଗଡ଼ିଆର ଚେଉଁ ଓରଫ ଲୋକନାଥ ନାଇକ। ସେମାନଙ୍କଠାରୁ ଦୁଇଟି ବନ୍ଧୁକ, ଗୋଟିଏ ଭୁଜାଲି, ଗୋଟିଏ ଗୁଳି ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୮ଟାରେ କାଫଲା ପଡ଼ିଆରେ ଅଭିଯୁକ୍ତମାନେ ବସି ଡକାୟତି ଯୋଜନା କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# 'କଟକ ରୂପ ବଦଳାଇବାକୁ ପଦକ୍ଷେପ ନେଇଛନ୍ତି'

କଟକ ଅଫିସ,୭।୪

**କାଉନ୍‌ସିଲ ଗଠନକୁ ବର୍ଷେ ପୂରିଲା**


ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ ବକ୍ତବ୍ୟ ଦେଉଛନ୍ତି।

କଟକ ମହାନଗର ନିଗମ(ସିଏମ୍‌ସି)କାଉନ୍‌ସିଲ ଗଠନକୁ ଶୁକ୍ରବାର ବର୍ଷେ ପୂରିଛି। ୨୦୨୨ ଏପ୍ରିଲ ୭ରେ ମେୟର ଭାବେ ସୁବାସ ସିଂ ଓ ୫୯ଜଣ କର୍ପୋରେଟର ଶପଥ ଗ୍ରହଣ କରିଥିଲେ। ଉକ୍ତ ଦିନ ସିଏମ୍‌ସି ଡେପୁଟି ମେୟର ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଡେପୁଟି ମେୟର ଭାବେ ଦମୟନ୍ତୀ ମାଝି ନିର୍ବାଚିତ ହୋଇ ଶପଥ ଗ୍ରହଣ କରିଥିଲେ। କାଉନ୍‌ସିଲ ଗଠନର ୧ ବର୍ଷ ପୂର୍ତ୍ତି ଅବସରରେ ଗଡଖାଇସ୍ଥିତ ମେୟରଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର କହିଥିଲେ, ଏକ ବର୍ଷ ଧରି ସିଏମ୍‌ସି ବହୁ ଚ୍ୟାଲେଞ୍ଜକୁ ମୁକାବିଲା କରିବା ସହ କଟକର ରୂପରେଖ ବଦଳାଇବାକୁ ଉଦ୍ୟମ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାହୁଁଛନ୍ତି କଟକର ରୂପରେଖ ବଦଳୁ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛୁ। ପଙ୍କୋଦ୍ଧାରଠାରୁ ଆରମ୍ଭ କରି ଦୁର୍ଗାପୂଜା ଆୟୋଜନରେ ସଫଳତା ମିଳିଛି। ବାଲିଯାତ୍ରା, କଟକ ଇନ୍ କଟକ, କାଗଜ ଡଙ୍ଗା ତିଆରି କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ କଟକ ସ୍ଥାନ ପାଇଛି। ୪ କୋଟି ଟଙ୍କା ବ୍ୟୟରେ ଛତ୍ରବଜାର ଅର୍ବାନ ହାଟ ତିଆରି ହୋଇଛି। ବିଡାନାସୀରେ ମୁଖ୍ୟ ଡ୍ରେନ କାମ ଶେଷ ହେବାକୁ ଯାଉଛି। ସିଏମ୍‌ସି ଅଞ୍ଚଳରେ ୨୦ଟି ୫-ଟି ହାଇସ୍କୁଲରେ ନିଗମ ମାଧ୍ୟମରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ମୋ ୱାର୍ଡ କାର୍ଯ୍ୟକ୍ରମ ଉଦାହରଣ ସୃଷ୍ଟି କରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇ ଦିନ ଧରି ୱାର୍ଡରେ ରହି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇଛି। ସିଏମ୍‌ସି କମିଶନରଙ୍କ ସମେତ ସବୁ ଅଧିକାରୀ ୱାର୍ଡରେ ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିଛନ୍ତି ବୋଲି ମେୟର କହିଛନ୍ତି। ଅପରପକ୍ଷରେ ଏହା ଛଡା ଜାଇକା କାର୍ଯ୍ୟ, ବକ୍ସ ଡ୍ରେନ୍ ନିର୍ମାଣ, ଘରକୁ ଘର ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ସ୍ଥିତିରେ ପହଞ୍ଚିଛି। ନୂଆ ବସ୍‌ଷ୍ଟାଣ୍ଡ, ତାଳଦଣ୍ଡା କେନାଲ, ଚଣ୍ଡୀ ମନ୍ଦିରର ଆଲୋକୀକରଣ, ତେଲୁଗୁ ଶ୍ମଶାନ ନିର୍ମାଣ, କଟକ ବଡ ଡାକ୍ତରଖାନାର ନବୀକରଣ କାର୍ଯ୍ୟ ଜାରି ରହିଥିବା ନେଇ ମେୟର ଏକ ଚିଠା ପ୍ରଦାନ କରିଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ଦିଲ୍ଲୀ**
ସ୍ଥାନ:ଗୁଆହାଟୀ,
ସମୟ: ଅପରାହ୍ନ ୩.୩୦

**ମୁମ୍ବାଇ ବନାମ ଚେନ୍ନାଇ**
ସ୍ଥାନ: ମୁମ୍ବାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




## ହେଡ୍ ଟୁ ହେଡ୍

**(ରାଜସ୍ଥାନ-ଦିଲ୍ଲୀ)**
ମୋଟ ମ୍ୟାଚ ୨୬
ରାଜସ୍ଥାନ ବିଜୟୀ: ୧୩
ଦିଲ୍ଲୀ ବିଜୟୀ: ୧୩
ନଜରରେ ରହିବେ: ଜୋଶ୍ ବଟଲର, ସଞ୍ଜୁ ସାମସନ, ଯୁଜବେନ୍ଦ୍ର ଚହଲ, ଟ୍ରେଣ୍ଟ ବୋଲ୍ଟ (ରାଜସ୍ଥାନ ରୟାଲ୍ସ), ଡେଭିଡ ୱାର୍ନର, ମିଚେଲ ମାର୍ଶ, ଏନରିଚ୍ ନର୍ଜେ, କୁଲଦୀପ ଯାଦବ (ଦିଲ୍ଲୀ କ୍ୟାପିଟାଲ୍ସ)।

**(ମୁମ୍ବାଇ-ଚେନ୍ନାଇ)**
ମୋଟ ମ୍ୟାଚ: ୩୪
ମୁମ୍ବାଇ ବିଜୟୀ: ୨୦
ଚେନ୍ନାଇ ବିଜୟୀ: ୧୪
ନଜରରେ ରହିବେ: ତିଳକ ବର୍ମା, ଇଶାନ କିଶନ, ରିଲେ ମେରେଡିଥ୍, ରମଣଦୀପ ସିଂ (ମୁମ୍ବାଇ ଇଣ୍ଡିଆନ୍ସ), ଋତୁରାଜ ଗାଏକ୍ୱାଡ, ଡେଭନ କନ୍‌ୱେ, ମୋଇନ ଅଲୀ, ମହେଶ ଥିକସାନା (ଚେନ୍ନାଇ ସୁପରକିଙ୍ଗ୍ସ)।

# ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଲକ୍ଷ୍ନୌ

**ଲକ୍ଷ୍ନୌ,୭।୪**

କୃନାଲ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ସଫଳତା(୩୪ ରନ୍, ୩ ଉଇକେଟ୍) ବଳରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୫ ଉଇକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୮ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ଜବାବରେ ୧୬ ଓଭରରେ ୫ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା ସୁପର ଜାଏଣ୍ଟ୍ସ। ତୃତୀୟ ମ୍ୟାଚରୁ ଦ୍ୱିତୀୟ ବିଜୟ ହାସଲ କରିଥିବା ଲକ୍ଷ୍ନୌ ୪ ପଏଣ୍ଟ ସହ ଟେବୁଲର ପ୍ରଥମ ସ୍ଥାନକୁ ଉଠିଛି। ୩ ସ୍ପିନର କୃନାଲ ପାଣ୍ଡ୍ୟା, ରବି ବିଷ୍ଣୋଇ ଓ ଅମିତ ମିଶ୍ର ନିଜ ମଧ୍ୟରେ ୧୨ ଓଭର ବୋଲିଂ କରି ୬ ଉଇକେଟ ବାଣ୍ଟି ନେଇଥିଲ। ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପିଚ୍‌କୁ ପଢିବାରେ ବିଫଳ ହୋଇଥିଲେ ସନରାଇଜର୍ସ ଅଧିନାୟକ ଏଡେନ୍ ମାରକ୍ରମ। ଟସ୍ ଜିତିଥିଲେ ମଧ୍ୟ ସ୍ପିନ୍ ସହାୟକ ପିଚ୍‌ରେ ସେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଯାହା ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା।


ଅଧିନାୟକ ଲୋକେଶ ରାହୁଲଙ୍କ ସହ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ କୃନାଲ ପାଣ୍ଡ୍ୟା (ଡାହାଣ)।

ଓପନର ଅନମୋଲପ୍ରୀତ୍ ସିଂ ୩୧ ରନ୍ କରିଥିବା ବେଳେ ଟପ୍ ଅର୍ଡରରେ ମୟଙ୍କ ଅଗ୍ରୱାଲ ୮, ମାରକ୍ରମ ୦, ବିପଜ୍ଜନକ ହ୍ୟାରୀ ବ୍ରୁକ୍ ୩ ରନ୍ କରି ଆଉଟ ହୋଇଥିଲେ। ମୟଙ୍କ-ଅନମୋଲପ୍ରୀତ ପ୍ରଥମ ଉଇକେଟରେ ୨୧ ରନ୍ ଯୋଡିଥିଲେ। ମୟଙ୍କଙ୍କୁ ଆଉଟ କରି କୃଣାଲ ପାଣ୍ଡ୍ୟା ଏହି ଭାଗୀଦାରିକୁ ଶେଷ କରିଥିଲେ। ଅନମୋଲପ୍ରୀତ-ରାହୁଲ ତ୍ରିପାଠୀଙ୍କ ମଧ୍ୟରେ ୨୯ ରନର ଭାଗୀଦାରି ହୋଇଥିଲା। ୮ମ ଓଭରରେ ଲଗାତାର ଦୁଇ ବଲରେ ଦୁଇ ଉଇକେଟ ଅକ୍ତିଆର କରି ପୁଣି ଥରେ ମ୍ୟାଚକୁ ଲକ୍ଷ୍ନୌ କବଜାକୁ ଅଣିଥିଲେ। ଏହାର ୫ ରନ୍ ମଧ୍ୟରେ ବିପଜ୍ଜନକ ହ୍ୟାର ବ୍ରୁକଙ୍କୁ ଷ୍ଟମ୍ପ ଆଉଟ କରାଇ ବଡ ସଫଳତା ହାତେଇଥିଲେ ରବି ବିଷ୍ଣୋଇ। ୫୫ ରନ୍‌ରେ ଦଳ ୪ ଉଇକେଟ ହରାଇଥିବା ବେଳେ ଟପ୍ ସ୍କୋରର ରାହୁଲ ତ୍ରିପାଠୀ ୩୫ ଓ ୱାଶିଂଟନ୍ ସୁନ୍ଦର ୧୬ଙ୍କ ମଧ୍ୟରେ ପଞ୍ଚମ ଉଇକେଟରେ ୩୯ ରନର ଭାଗୀଦାରି ହୋଇଥିଲା। ତେବେ ଉଭୟ ଖେଳାଳି ବେଶ୍ ଧୀମା ବ୍ୟାଟିଂ କରିଥିଲେ। ରାହୁଲ ୪୧ ବଲ୍ ଖେଳି ୪ ଚୌକା ମାରିଥିବା ବେଳେ ସୁନ୍ଦର ୨୮ ବଲ୍ ଖେଳିଥିଲେ। ଶେଷ ଆଡକୁ ଅବଦୁଲ୍ ସମଦ ଦ୍ରୁତ ୨୧ ରନ୍ କରିବାରୁ ସନରାଇଜର୍ସ ୧୨୦ ରନ୍ ପାର କରିଥିଲା। କୃଣାଲ ପାଣ୍ଡ୍ୟା ୧୮ ରନ୍‌ରେ ୩ ଉଇକେଟ ନେଇଥିବା ବେଳେ ଅମିତ ମିଶ୍ର ୨୩ ରନ୍‌ରେ ୨ ଓ ରବି ବିଷ୍ଣୋଇ ୧୬ ରନ୍‌ରେ ଗୋଟିଏ ଉଇକେଟ ନେଇଥିଲେ। ଅମିତ ମିଶ୍ରଙ୍କ ସ୍ଥାନରେ ଆୟୁଷ ବଦୋନୀ ଏବଂ ରାହୁଲ ତ୍ରିପାଠୀଙ୍କ ସ୍ଥାନରେ ଫଜଲହକ୍ ଫାରୁକିଙ୍କୁ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ଚୟନ କରାଯାଇଥିଲା। ୧୨୨ ରନ୍ ଲକ୍ଷ୍ୟର ପିଛା କରୁଥିବା ଲକ୍ଷ୍ନୌକୁ ଆଉ ଏକ ଭଲ ଆରମ୍ଭ ଦେଇଥିଲେ କାଇଲ ମେୟର୍ସ(୧୩) ଓ ଲୋକେଶ ରାହୁଲ(୩୫)। ପ୍ରଥମ ଉଇକେଟରେ ୩୫ ରନ୍ ଯୋଡିଥିବା ବେଳେ ୪୫ ରନ୍‌ରେ ଦଳ ଦୁଇ ଉଇକେଟ ହରାଇଥିଲା। ଅଧିନାୟକ ଲୋକେଶ ରାହୁଲଙ୍କ ସହିତ ଯୋଗ ଦେଇ କୃନାଲ ପାଣ୍ଡ୍ୟା ଯୋଡିଥିଲେ ୫୫ ରନ୍। କୃନାଲ ୨୩ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ୧୫ ତମ ଓଭରରେ ଆଦିଲ ରଶିଦ୍ ଲଗାତାର ଦୁଇ ବଲରେ ଦୁଇଟି ଉଇକେଟ ନେଇଥିଲେ। ଅନ୍ୟ ବୋଲରଙ୍କ ମଧ୍ୟରେ ଫଜଲହକ୍ ଫାରୁକି, ଉମ୍ରାନ୍ ମଲିକ୍ ଓ ଭୁବନେଶ୍ୱର କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୨୧/୮( ରାହୁଲ ତ୍ରିପାଠୀ-୩୫, ଅନମୋଲପ୍ରୀତ୍ ସିଂ-୩୧, ଅବଦୁଲ ସମଦ-୨୧*, କୃନାଲ ପାଣ୍ଡ୍ୟା-୩/୧୮, ଅମିତ୍ ମିଶ୍ର-୨/୨୩, ରବି ବିଷ୍ଣୋଇ-୧/୧୬)। ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ୧୬ ଓଭରରେ ୧୨୭/୫ (ଲୋକେଶ ରାହୁଲ-୩୫, କୃଣାଲ ପାଣ୍ଡ୍ୟା-୩୪, ଆଦିଲ ରଶିଦ୍-୨/୨୩, ଫଜଲହକ୍ ଫାରୁକି-୧/୧୩, ଭୁବନେଶ୍ୱର କୁମାର-୧/୧୯, ଉମ୍ରାନ ମଲିକ-୧/୨୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୧.୩୫୮ |
| ଗୁଜରାଟ ଟାଇଟନ୍ସ | ୨ | ୨ | ୦ | ୪ | +୦.୭୦୦ |
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୦.୩୧୧ |
| କୋଲକାତା ନାଇଟ ରାଇଡର୍ସ | ୨ | ୧ | ୧ | ୨ | +୨.୦୫୬ |
| ରାଜସ୍ଥାନ ରୟାଲ୍ସ | ୨ | ୧ | ୧ | ୨ | +୧.୬୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୧ | ୧ | ୨ | +୦.୦୩୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨ | ୧ | ୧ | ୨ | -୧.୨୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୦ | ୨ | ୦ | -୧.୭୦୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧ | ୦ | ୧ | ୦ | -୧.୯୮୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୨ | ୦ | ୨ | ୦ | -୨.୮୬୭ |

# ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ


ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଦଳ।

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

ଲକ୍ଷ୍ନୌଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍ (ଅନ୍ତିମ ପର୍ଯ୍ୟାୟ)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ୬-୦ ଗୋଲରେ ଏଚ୍ଆଇଏମ୍ ହକି ଏକାଡେମୀକୁ ପରାସ୍ତ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ଦୀପି ମୋନିକା ଟପ୍ପୋ ୧ମ ଓ ୨୮ତମ ମିନିଟରେ ୨ଟି ଏବଂ ଅଧିନାୟିକା ଜ୍ୟୋତି ଛତ୍ରୀ ୮ମ, କମଳା ସିଂ ୨୭, ସୁନେଲିତା ଟପ୍ପୋ ୨୯ ଓ ସୁନୀତା ଖାଖା ୩୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ମ୍ୟାଚଗୁଡ଼ିକରେ ପ୍ରୀତମ ସିୱାଚ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ ୨-୧ରେ ସାଇ ଶକ୍ତିକୁ, ସାଇ ବାଲ୍ ଟିମ୍ ୧୦-୦ରେ ଭାଇ ଭେଲୋ ହକି ଏକାଡେମୀକୁ ଏବଂ ହର୍ ହକି ଏକାଡେମୀ ୪-୦ରେ ଖାଲସା ହକି ଏକାଡେମୀକୁ ପରାସ୍ତ କରିଛି।

# କେଟି ଗ୍ଲୋବାଲ ଅଲ୍ ଇଣ୍ଡିଆ ଓପନ ଚେସ୍ ୨୧ରୁ

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

ଅରାତି ବିଜୟ ମହାନ୍ତିଙ୍କ ସ୍ମୃତିରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଓ ଅରାତି ୬୪ ସ୍କୋୟାର୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ ପ୍ରଥମ କେଟି ଗ୍ଲୋବାଲ ଅଲ୍ ଇଣ୍ଡିଆ ଓପନ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟ ୨୧ ତାରିଖରୁ ଆରମ୍ଭ ହେବ। ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତା ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ପୁରସ୍କାରରେ ଟପ୍-୨୦ ଜଣଙ୍କ ବ୍ୟତୀତ ୩୦ ରେଟିଂ, ୫ଟି ଅଣରେଟେଡ କାଟେଗୋରୀ, ୫ କେବଳ ଓଡ଼ିଆ ଖେଳାଳି, ୩ ଭେଟେରାନ, ୩ ମହିଳା ଏବଂ ୬ରୁ ୧୫ ବୟସ ବର୍ଗରେ ପୁରସ୍କାରମାନ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ଚାମ୍ପିୟନ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ରନରଅପ୍‌ଙ୍କୁ ୩୦,୦୦୦ ଓ ତୃତୀୟ ସ୍ଥାନ ହାସଲ କରିବା ଖେଳାଳିଙ୍କୁ ୨୦,୦୦୦ ଟଙ୍କା ଦିଆଯିବ। ଗ୍ରାଣ୍ଡମାଷ୍ଟର, ମହିଳା ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର ଓ ମହିଳା ଅନ୍ତର୍ଜାତୀୟ ମାଷ୍ଟରଙ୍କ ପାଇଁ ଏଣ୍ଟ୍ରି ଫ୍ରି ରହିବ। ଅନ୍ୟ ଖେଳାଳିଙ୍କ ପାଇଁ ୨୫୦୦ ଓ ଓଡ଼ିଶାର ସ୍କୁଲ ପିଲା (୧ମରୁ ୧୦ମ)ଙ୍କ ପାଇଁ ଏଣ୍ଟ୍ରି ଫି' ୨୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏପ୍ରିଲ ୧୭ରୁ ଏଣ୍ଟ୍ରିର ଶେଷ ତାରିଖ ରଖା ଯାଇଛି। ୧୭ପରେ ୨୦ ତାରିଖ ମଧ୍ୟରେ ନାମ ପଞ୍ଜୀକରଣ କଲେ ଅତିରିକ୍ତଭାବେ ୫୦୦ ଟଙ୍କା ଲେଟ୍ ଫି' ଦେବାକୁ ପଡ଼ିବ।


ଆଣ୍ଟୋନୀ ଫାରୀ


ରେହେଟ ହକେଟ


ଆଲାନ ଟାନ୍

# ଫାରୀ, ହକେଟ ଆନାଲିଟିକାଲ କୋଚ୍

**ନୂଆଦିଲ୍ଲୀ, ୭।୪ (ପି.ଟି.)**

**ଭାରତୀୟ ମହିଳା ଓ ପୁରୁଷ ହକି ଦଳର ନୂଆ ସପୋର୍ଟ ଷ୍ଟାଫ୍**

ଭାରତୀୟ ମହିଳା ଓ ପୁରୁଷ ହକି ଦଳ ପାଇଁ ନୂଆ ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ଜଣାଶୁଣା ଅଷ୍ଟ୍ରେଲୀୟ କୋଚ୍ ଆଣ୍ଟୋନୀ ଫାରୀ ଓ ଦକ୍ଷିଣ ଆଫ୍ରିକାର ରେହେଟ ହକେଟ ଯଥାକ୍ରମେ ମହିଳା ଓ ପୁରୁଷ ଦଳର ଆନାଲିଟିକାଲ କୋଚ୍ ନିଯୁକ୍ତ ହୋଇଛନ୍ତି। ଫାରୀଙ୍କ ତତ୍ତ୍ୱାବଧାନରେ କାନାଡ଼ା ପୁରୁଷ ଦଳ ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଜାପାନ ମହିଳା ଦଳକୁ ୨୦୧୮ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବାରେ ମଧ୍ୟ ତାଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ତାଙ୍କ ତତ୍ତ୍ୱାବଧାନରେ ୨୧ ବର୍ଷରୁ କମ୍ କାନାଡ଼ା ପୁରୁଷ ଦଳ କ୍ରମାଗତ ଭାବେ ଜୁନିୟର ହକି ବିଶ୍ୱକପ ଯୋଗ୍ୟତା ପାଇଥିଲା। ଏହା ବ୍ୟତୀତ ସେ ୨୦୨୦ ଅଗଷ୍ଟରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ଆମେରିକା ମହିଳା ହକି ଦଳର ହାଇପରଫର୍ମାନ୍ସ ନିର୍ଦ୍ଦେଶକ ଥିଲେ। ସେ ଏବେ ଭାରତୀୟ ଦଳର ମୁଖ୍ୟ କୋଚ୍ ଜାନେକ ସ୍କୁପମାନଙ୍କୁ ସହାୟତା କରିବେ।

ଫାରୀ ଓ ହକେଟଙ୍କ ବ୍ୟତୀତ ହକି ଇଣ୍ଡିଆ ଅଷ୍ଟ୍ରେଲିଆର ଆଲାନ ଟାନ୍‌ଙ୍କୁ ଭାରତୀୟ ପୁରୁଷ ଦଳର ବୈଜ୍ଞାନିକ ପରାମର୍ଶଦାତାଭାବେ ନିଯୁକ୍ତି ଦେଇଛି। କିଛି ଦିନତଳେ ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫୁଲଟନ ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଥିଲେ। ଉଭୟ ହକେଟ ଓ ଟାନ୍ ଏବେ ଫୁଲଟନଙ୍କ କୋଚିଂ ସେଟ୍‌ଅପ୍‌ର ଅଂଶବିଶେଷ ହେବେ। ହକେଟ ୨୦୧୦ରୁ ୨୦୧୮ ମଧ୍ୟରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୫୫ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୨୦୨୦ରେ ସେ ନେଦରଲାଣ୍ଡ୍ସ ମହିଳା ଦଳର ସହକାରୀ କୋଚ୍ ଥିଲେ। ଏହାପରେ ସେ ସ୍କଟଲାଣ୍ଡ ଯାଇ ଉଭୟ ସିନିୟର ଓ ୨୧ ବର୍ଷରୁ କମ୍ ଦଳକୁ କୋଚିଂ ଦେଇଥିଲେ। ଅନ୍ୟପକ୍ଷରେ ଟାନ୍‌ଙ୍କର ନ୍ୟୁ ସାଉଥ୍ ୱେଲ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟରେ ୧୦ ବର୍ଷ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ଅଛି। ନୂଆ କୋଚିଂ ଷ୍ଟାଫ୍‌ଙ୍କୁ ସ୍ୱାଗତ କରିଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ। ଆଗକୁ ଏସିଆନ ଗେମ୍ସ ଆସୁଥିବାରୁ ତ୍ୱରିତ ପଦକ୍ଷେପ ନେଇ ଏପରି ନିଯୁକ୍ତି ଦେଇଥିବାରୁ ଦିଲୀପ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)କୁ ଧନ୍ୟବାଦ ଜଣାଇଛନ୍ତି।

# ମିଡିଆ ରାଇଟ୍ସ, ବିଶ୍ୱକପ ଉପରେ ଫୋକସ

**ନୂଆଦିଲ୍ଲୀ,୭।୪(ପି.ଟି.)**

**ବିସିସିଆଇ ଆପେକ୍ସ କାଉନ୍‌ସିଲ୍ ବୈଠକ**

ଶୁକ୍ରବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆପେକ୍ସ କାଉନ୍‌ସିଲ୍ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଭିନ୍ନ ଦ୍ୱିପାକ୍ଷିକ ସିରିଜ୍ ପାଇଁ ମିଡିଆ ରାଇଟ୍ସ, ମହିଳା ଦଳର ମୁଖ୍ୟ କୋଚ୍ ନିଯୁକ୍ତି ଓ ଦିନିକିଆ ବିଶ୍ୱକପରୁ ଟିକସ ଛାଡ ପରି ପ୍ରସଙ୍ଗ ଉପରେ ଫୋକସ ରହିଥିଲା। ଆଇପିଏଲରୁ ୪୮୩୯୦ କୋଟି ଟଙ୍କାର ମିଡିଆ ରାଇଟ୍ସ ପରେ ୨୦୨୩-୨୭ ଘରୋଇ ସିରିଜ୍‌ର ମିଡିଆ ରାଇଟ୍ସ ବିକ୍ରି ଉପରେ ଧ୍ୟାନ କେନ୍ଦ୍ରିତ କରିଛି ବିସିସିଆଇ। ପୂର୍ବରୁ କେବଳ ଷ୍ଟାର ଓ ସୋନୀ ଘରୋଇ କ୍ରିକେଟର ମିଡିଆ ରାଇଟ୍ସ ନେଉଥିବା ବେଳେ ବର୍ତ୍ତମାନ ଭାଏକମ୍ ୧୮ ଏହି ଧାରାରେ ସାମିଲ ହୋଇଛି। ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଚଳିତ ସିଜନରେ ଷ୍ଟାର ୬୧୩୮.୧ କୋଟି ଟଙ୍କା ପ୍ରଦାନ କରିଛି। ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତି ନେଇ ମଧ୍ୟ ଆଲୋଚନା ହୋଇଥିଲା। ନିକଟରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି୨୦ ବିଶ୍ୱକପ ମଧ୍ୟ ଦଳ ବିନା ମୁଖ୍ୟ କୋଚରେ ଖେଳିଥିଲା। ଡିସେମ୍ବରରେ ରମେଶ ପୱାରଙ୍କୁ ବିଦା କରିବା ପରେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ମିଳି ନାହିଁ। ବ୍ୟାଟିଂ କୋଚ୍ ହୃଷିକେଶ କାନିଟ୍‌କର ଏହି ଦାୟିତ୍ୱ ସମ୍ଭାଳୁଛନ୍ତି। ମୁଖ୍ୟ କୋଚ୍ ଓ ସପୋର୍ଟ ଷ୍ଟାଫଙ୍କ ନିଯୁକ୍ତି ପାଇଁ ଖୁବ ଶୀଘ୍ର ଆବେଦନ ଗ୍ରହଣ କରାଯିବ। ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ବିଶ୍ୱକପ ପାଇଁ ଟିକସ ଛାଡ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଆଇସିସି ଇଭେଣ୍ଟ ଗୁଡିକ ଉପରେ ଅନ୍ୟ ଦେଶରେ ଟିକସ ଛାଡ ହୋଇଥାଏ। ତେବେ ଭାରତୀୟ ଟିକସ ଆଇନ ଅନୁଯାୟୀ ଏପରି ଛାଡ କରାଯିବାର ବ୍ୟବସ୍ଥା ନାହିଁ। ଏ ନେଇ ସରକାରଙ୍କ ସହି ଆଲୋଚନା ଜାରି ରହିଛି। ଯଦି ସରକାର ୨୧.୮୪ ପ୍ରତିଶତର ରିହାତି ଦିଅନ୍ତି ତଥାପି ବିସିସିଆଇ ୯୫୫କୋଟି ଟଙ୍କା ହରାଇବ। ବିସିସିଆଇ ଅଧିକାରୀଙ୍କ ଯାତାୟତ ନିୟମ ଓ ୨୦୨୩-୨୪ ଘରୋଇ ସିଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ବାଇଜୁସ ସହ ସମ୍ପର୍କ ଶେଷ ହୋଇଥିବା ବେଳେ କିଲର ଜିନ୍ସ ପରିବର୍ତ୍ତେ ଆଡିଡାସ ଭାରତୀୟ ଦଳର କିଟ୍ ପାର୍ଟନର ରହିବ।

# ଇକୋର୍ସା, ଖୋର୍ଦ୍ଧା, ସୁନ୍ଦରଗଡ଼, ଗଞ୍ଜାମ, ପାରାଦୀପ, ଗଜପତି ବିଜୟୀ

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

**କଳାହାଣ୍ଡି କପ୍ କ୍ରିକେଟ**

**ଜ୍ୟୋତି ବେହେରାଙ୍କ ଶତକ, କେ. ଈଶ୍ୱର ପ୍ରସାଦଙ୍କୁ ୫ ଉଇକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଡାଇମଣ୍ଡ-ଏ ଓ ସିଲ୍‌ଭର-ଏ ଗ୍ରୁପ୍‌ର ୬ଟି ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇକୋର୍ସା, ଖୋର୍ଦ୍ଧା, ସୁନ୍ଦରଗଡ଼, ଗଞ୍ଜାମ, ପାରାଦୀପ, ଗଜପତି ଦଳ ବିଜୟୀ ହୋଇଛି। ଖୋର୍ଦ୍ଧାର ଜ୍ୟୋତି ବେହେରା ଶତକ ହାସଲ କରିଥିବାବେଳେ ଗଞ୍ଜାମ ଦଳର କେ. ଈଶ୍ୱର ପ୍ରସାଦ ୫ ଉଇକେଟ ସଫଳତା ପାଇଛନ୍ତି।

**ଏମ୍‌ଜିଏମ୍ ଏସ୍‌ଓଏସ୍ ଗ୍ରାଉଣ୍ଡ:** ଏଠାରେ ଇକୋର୍ସା ୧୦ ରନରେ ଭୁବନେଶ୍ୱର-ଏ ଦଳକୁ ପରାସ୍ତ କରିଛି। ଇକୋର୍ସା ୪୫ ଓଭରରେ ୭ ଉଇକେଟ ହରାଇ ୨୫୨ ରନ କରିଥିଲା। ଦଳ ପକ୍ଷରୁ ଗିରିଜା ରାଉତ ସର୍ବାଧିକ ୯୧ ରନ କରିଥିଲେ। ଜବାବରେ ଭୁବନେଶ୍ୱର-ଏ ୪୫ ଓଭରରେ ୯ ଉଇକେଟ ହରାଇ ୨୪୨ ରନ କରିବାକୁ ସକ୍ଷମ ହୋଇଥିଲା।

**ବାରବାଟୀ ଷ୍ଟାଡିୟମ:** ଖୋର୍ଦ୍ଧା ଦଳ ୮୭ ରନରେ କଟକ-ବି'କୁ ହରାଇଲା। ଖୋର୍ଦ୍ଧା ଦଳ ନିର୍ଦ୍ଧାରିତ ୪୩ ଓଭରରେ ୨ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳ ପକ୍ଷରୁ ଜ୍ୟୋତି ବେହେରା ଶତକ (୧୨୪ ରନ) ହାସଲ କରିଥିଲେ। କଟକ-ବି ୩୫ ଓଭରରେ ୧୫୭ ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ରୂପକ ଜେନା ୪ ଉଇକେଟ ହାସଲ କରିଥିଲେ।

**ରେଭେନ୍ସା ଗ୍ରାଉଣ୍ଡ-୧:** ସୁନ୍ଦରଗଡ଼ଠାରୁ ଭଦ୍ରକ ହାରିଲା। ଭଦ୍ରକ ୩୩.୪ ଓଭରରେ ମାତ୍ର ୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ଆଶିଷ ତିୱାରୀ ମାତ୍ର ୧୧ ରନ ଦେଇ ୪ ଉଇକେଟ ହାସଲ କରିଥିଲେ। ସୁନ୍ଦରଗଡ଼ ଦଳ ୨୫.୫ ଓଭରରେ ୪ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ନେଇଥିଲା।

**ରେଭେନ୍ସା ଗ୍ରାଉଣ୍ଡ-୨:** ଗଞ୍ଜାମ ଦଳ ୩ ଉଇକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। କେନ୍ଦ୍ରାପଡ଼ା ୪୦.୨ ଓଭରରେ ୧୩୭ ରନରେ ସମସ୍ତ ଉଇକେଟ ହରାଇଥିଲା। ବିପକ୍ଷ ଦଳର କେ. ଈଶ୍ୱର ପ୍ରସାଦ ୩୫ ରନଦେଇ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଗଞ୍ଜାମ ୩୨.୩ ଓଭରରେ ୭ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ନେଇଥିଲା। କେନ୍ଦ୍ରାପଡ଼ାର ସଞ୍ଜୀବ ସାହୁ ୪ ଉଇକେଟ ନେଇଥିଲେ।

**ସନ୍‌ସାଇନ୍ ଗ୍ରାଉଣ୍ଡ:** ପାରାଦୀପ ୭୧ ରନରେ ନୂଆପଡ଼ାକୁ ହରାଇଲା। ପାରାଦୀପ ଦଳ ୩୯.୩ ଓଭରରେ ୨୦୬ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସାସ୍ୱତ ମହାନ୍ତି ସର୍ବାଧିକ ୬୩ ରନ କରିଥିବାବେଳେ ବିପକ୍ଷ ଦଳର ଆୟୁଷ୍ମାନ ଗୁପ୍ତା ୪ ଉଇକେଟ ନେଇଥିଲେ। ନୂଆପଡ଼ା ଦଳ ୪୦ ଓଭରରେ ୧୩୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।

**ଅଡ଼ଶପୁର ଗ୍ରାଉଣ୍ଡ:** ଗଜପତି ୭୯ ରନରେ କନ୍ଧମାଳକୁ ପରାସ୍ତ କଲା। ଗଜପତି ଦଳ ୩୮ ଓଭରରେ ୮ ଉଇକେଟ ହରାଇ ୨୧୧ ରନ କରିଥିଲା। ଜ୍ୟୋତି ରଞ୍ଜନ ଦଳାଇ ସର୍ବାଧିକ ୯୦ ରନ କରିଥିଲେ। ଜବାବରେ କନ୍ଧମାଳ ୩୫.୪ ଓଭରରେ ୧୩୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।


ଜ୍ୟୋତି ରଞ୍ଜନ ବେହେରା


ଜ୍ୟୋତି ରଞ୍ଜନ ଦଳେଇ


କେ. ଈଶ୍ୱର ପ୍ରସାଦ




କେବଳ 18+ । ଏହି ଖେଳରେ ଆର୍ଥିକ ବିପଦ ରହିଛି ଏବଂ ଏହା ଏକ ନିଶା ପରି। ଦୟାକରି ଏହି ଖେଳକୁ ନିଜର ଦାୟୀତ୍ୱର ସହିତ ଓ ନିଜର ଆପଦରେ ଖେଳନ୍ତୁ।

ପାଠକମାନଙ୍କୁ ଏହା ପରାମର୍ଶ ଦିଆ ଯାଉଛି କି ପ୍ରକାଶିତ ଏହି ବିଜ୍ଞାପନ ସମ୍ପର୍କିତ କୌଣସି ମୂଲ୍ୟ ପ୍ରଦାନ କରିବା ପୂର୍ବରୁ ବା କୌଣସି ପ୍ରତିଶ୍ରୁତିମୂଳକ ଦାବୀର କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ପ୍ରଦାନ କରିବା ପୂର୍ବରୁ ଏ ସମ୍ପର୍କରେ ଉପଯୁକ୍ତ ଅନୁସନ୍ଧାନ କରନ୍ତୁ ଓ ସଠିକ୍ ପରାମର୍ଶ ଗ୍ରହଣ କରନ୍ତୁ। Navajat Printers & Media Pvt. Ltd. ଏବଂ ବିଜ୍ଞାପନ ଏଜେନ୍ସି ବିଜ୍ଞାପନଦାତାଙ୍କର ଉତ୍ପାଦ ଓ ସେବା ସମ୍ବନ୍ଧରେ କରିଥିବା ଦାବୀ ପାଇଁ କୌଣସି ଦାୟିତ୍ୱ ଗ୍ରହଣ କରିବ ନାହିଁ। Navajat Printers & Media Pvt. Ltd. ର ମୁଦ୍ରକ, ପ୍ରକାଶକ, ସମ୍ପାଦକ ଏବଂ ମାଲିକ ଯଦି ବିଜ୍ଞାପନଦାତା ଏ ପ୍ରକାର ଦାବୀକୁ ସମ୍ମାନ ନକରନ୍ତି ତେବେ ଏହାର ପରିଣାମ ପାଇଁ Dharitri Publication Group କଦାପି ଦାୟୀ ରହିବ ନାହିଁ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୮/୨୦୨୩ | Bhubaneswar, | Saturday, April 8/ 2023

# ଫାଇନାଲରେ ମାୟା

ଭୁବନେଶ୍ୱର, ୭।୪
(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭ୍ଲପ୍‌ମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସର ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତର ମାୟା ରାଜେଶ୍ୱରନ ରେଭଥୀ ଉଭୟ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ବାଳିକା ସିଙ୍ଗଲ୍ସ ପ୍ରଥମ ସେମିଫାଇନାଲରେ ମାୟା ଥାଇଲାଣ୍ଡର ନାତ୍ରଡା ସକୁଲଭୋଙ୍ଗତାନାଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ହରିଥା ଶ୍ରୀ ଭେଙ୍କଟେଶ୍ କିନ୍ତୁ ସେମିଫାଇନାଲରେ ହାରି ଯାଇଛନ୍ତି। ସେ କୋରିଆର ଜିୟୁନ ଓ'ଙ୍କଠାରୁ ୦-୬, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ବାଳିକା ଡବଲ୍ସ ସେମିଫାଇନାଲରେ ମାୟା

**୧୪ ବର୍ଷରୁ କମ୍ ଏସିଆନ ଡେଭ୍ଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ**

ଓ ହରିଥା ଯୋଡ଼ି ତୁର୍କମେନିସ୍ତାନର ଇଲିମା ଗୁସେନୋଭା ଓ ଉଜ୍‌ବେକିସ୍ତାନର ଇମିଲି କିମ୍ ଯୋଡ଼ିଙ୍କୁ ୧-୬, ୬-୨ (୧୦-୬)ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟ ସେମିଫାଇନାଲରେ କୋରିଆ ଯୋଡ଼ି ୟେରି ହଙ୍ଗ ଓ ଜିୟୁନ ଓ' ୬-୪, ୩-୬ (୧୧-୯)ରେ କାଜାଖସ୍ତାନ ଯୋଡ଼ି ଇଭା କୋରିଶେଭା ଓ ୟେର୍କଝାନ ଝାଣ୍ଟାୟେଭାଙ୍କୁ ହରାଇ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। କୋରିଆ ଓ ଭାରତୀୟ ଯୋଡ଼ି ମଧ୍ୟରେ ଫାଇନାଲ ହେବ। ବାଳକ ସିଙ୍ଗଲ୍ସ ପ୍ରଥମ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ୍ ଚୋ ୬-୩, ୬-୩ ସେଟ୍‌ରେ ହଂକଂର ଆଲେକ୍ସ ଲାପ୍ ହାଙ୍ଗ ହୁଇଙ୍କୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କୋରିଆର ଓନମିନ କିମ୍ ୬-୨, ୩-୬, ୬-୦ ସେଟ୍‌ରେ ହଂକଂର ଆନ୍ଦ୍ରେ ଲାମ୍ ଜୁନ୍ ବାର୍ଟଙ୍କୁ ହରାଇ ଦେଇଛନ୍ତି। ଅର୍ଥାତ୍ ଦୁଇ କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଟାଇଟଲ ମୁକାବିଲା ହେବ। ସେହିପରି ବାଳକ ଡବଲ୍ସ ପ୍ରଥମ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ୍ ଚୋ ଓ ଓନମିନ କିମ୍ ୬-୪, ୬-୩ରେ ହଂକଂର ଆନ୍ଦ୍ରେ ଲାମ୍ ଜୁନ୍ ବାର୍ଟ ଓ ଆଲେକ୍ସ ଲାପ୍ ହାଙ୍ଗ ହୁଇଙ୍କୁ ହରାଇଛନ୍ତି। ଦ୍ୱିତୀୟ ସେମିରେ ଥାଇଲାଣ୍ଡର ରୁ୍ୟ କୋଟିକୁଲା ଓ ଧର୍ମା ପାଣ୍ଟାରାଟର୍ନ ଭାରତୀୟ ଯୋଡ଼ି ପ୍ରକାଶ ସରନ ଓ ଶିବତେଜ ଶିରଫୁଲେଙ୍କୁ ୬-୩, ୩-୬ (୧୦-୫)ରେ ପରାସ୍ତ କରିଛନ୍ତି। ଏଥିସହ ବାଳକ ବିଭାଗରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ବାଳିକା ଡବଲ୍ସ ସେମିଫାଇନାଲ ପୂର୍ବରୁ ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।



ଶଟ୍ ଖେଳିବା ଅବସରରେ ମାୟା ରାଜେଶ୍ୱରନ ରେଭଥୀ।

## ପ୍ରତ୍ୟାଶାଙ୍କୁ ରୌପ୍ୟ ପଦକ



ବ୍ୟାଙ୍କକ୍ ଆସୁମ୍ପଶନ ୟୁନିଭର୍ସିଟିର ସୁବର୍ଣ୍ଣଭୂମି କ୍ୟାମ୍ପସରେ ଥିବା ଆକ୍ୱାଟିକ୍ ସେଣ୍ଟରରେ ଚାଲିଥିବା ଥାଇଲାଣ୍ଡ ଏଜ୍ ଗ୍ରୁପ୍ ସୁଇମିଂ ଚାମ୍ପିୟନଶିପ୍‌ର ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଛନ୍ତି ଓଡ଼ିଶାର ପ୍ରତ୍ୟାଶା ରାୟ।

## ବାଂଲାଦେଶ ୭ ଉଇକେଟରେ ବିଜୟୀ

**ମୀରପୁର,୭।୪(ପି.ଟି.):** ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚକୁ ୭ ଉଇକେଟରେ ଜିତି ନେଇଛି ବାଂଲାଦେଶ। ଆୟର୍ଲାଣ୍ଡ ପ୍ରଥମ ଇନିଂସରେ ୨୧୪ ରନ୍ କରିଥିବା ବେଳେ ବାଂଲାଦେଶ ୩୬୯ ରନ୍ ସ୍କୋର କରିଥିଲା। ଦ୍ୱିତୀୟ ଇନିଂସରେ ଆୟର୍ଲାଣ୍ଡ ଲଢୁଆ ୨୯୨ ରନ୍ କରିଥିବା ବେଳେ ୩ ଉଇକେଟ ହରାଇ ୧୩୮ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ନେଇଥିଲା ଘରୋଇ ବାଂଲାଦେଶ। ପ୍ରଥମ ଇନିଂସରେ ୧୨୬ ଓ ଦ୍ୱିତୀୟ ଇନିଂସରେ ଅପରାଜିତ ୫୧ ରନ୍ କରିଥିବା ମୁଶଫିକୁର ରହିମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୨୮୬/୬ରୁ ଖେଳ ଆରମ୍ଭ କରି ଆୟର୍ଲାଣ୍ଡ ପରବର୍ତ୍ତୀ ୬ ରନ୍‌ରେ ୪ ଉଇକେଟ ହରାଇଥିଲା। ପେସ୍ ବୋଲର ଏବାଦତ ହୋସେନ୍ ଏହା ମଧ୍ୟରୁ ୩ ଉଇକେଟ ଅକ୍ତିଆର କରିଥିଲେ। ୧୩୭ ରନ୍‌ରେ ଆୟର୍ଲାଣ୍ଡ ଆଗୁଆ ରହିବା ପରେ ବାଂଲାଦେଶ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା।




## ପାର୍ନେଲ, ବିଜୟ ଆର୍‌ସିବିରେ ସାମିଲ

ନୂଆଦିଲ୍ଲୀ,୭।୪(ପି.ଟି.)

ଆଇପିଏଲ୍ ଫ୍ରାଞ୍ଚାଇଜି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପକ୍ଷରୁ ୱେନ୍ ପାର୍ନେଲ ଓ ବୈଶାକ ବିଜୟ କୁମାରଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରାଯାଇଛି। ଆହତ ହୋଇ ରିସି ଟପ୍‌ଲେ ଓ ରଜତ ପଟିଦାର ଚଳିତ ଟୁର୍ନାମେଣ୍ଟରୁ ବାଦ୍ ପଡିଥିବା ବେଳେ ଏହି ଦୁଇ ଖେଳାଳିଙ୍କୁ ସାମିଲ କରାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଟପ୍‌ଲେଙ୍କ କାନ୍ଧରେ ଆଘାତ ଲାଗିଥିଲା। ଅନ୍ୟପକ୍ଷରେ ଆକିଲିସ୍ ଇଞ୍ଜୁରି (ଗୋଇଠିରେ ଆଘାତ) କାରଣରୁ ପଟିଦାର ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ରିସି ଟପ୍‌ଲେଙ୍କ ବଦଳ ଖେଳାଳି ଭାବରେ ବାମହାତୀ ପେସ୍ ବୋଲିଂ ଅଲରାଉଣ୍ଡର ପାର୍ନେଲଙ୍କୁ ଫ୍ରାଞ୍ଚାଇଜି ୭୫ ଲକ୍ଷ ଟଙ୍କାରେ କିଣିଛି। ପାର୍ନେଲ ଦକ୍ଷିଣ ଆଫ୍ରିକା ପକ୍ଷରୁ ୫୬ ଟି୨୦, ୬ ଟେଷ୍ଟ ଓ ୭୩ ଦିନିକିଆ ଖେଳିଛନ୍ତି। ୫୯ ଅନ୍ତର୍ଜାତୀୟ ଟି୨୦ ନେଇଥିବା ପାର୍ନେଲ ୨୬ ଆଇପିଏଲ୍ ମ୍ୟାଚ୍‌ରୁ ୨୬ ଉଇକେଟ ଅକ୍ତିଆର କରିଛନ୍ତି। ଅପରପକ୍ଷରେ ଗତ ସିଜନର ସଫଳ ବ୍ୟାଟର ପଟିଦାରଙ୍କ ସ୍ଥାନରେ ବୈଶାକ ବିଜୟ କୁମାରଙ୍କୁ ଦଳରେ ସାମିଲ କରାଯାଇଛି। କର୍ନାଟକ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ବିଜୟ ୧୪ ଟି୨୦ ମ୍ୟାଚରୁ ୨୨ଟି ଉଇକେଟ ନେଇଛନ୍ତି। ୨୦ ଲକ୍ଷର ବେସ୍ ପ୍ରାଇସ୍‌ରେ ସେ ଆରସିବିରେ ସାମିଲ ହୋଇଛନ୍ତି।

## ଷ୍ଟିପଲଚେଜ୍ ବିଶ୍ୱ ଚାମ୍ପିୟନ ଜେରୁଟୋ ବାସନ୍ଦ

**ଡୋପିଂ ମାମଲା**

ମୋନାକୋ,୭।୪(ପି.ଟି.)

ଷ୍ଟିପଲଚେଜ୍‌ରେ ବିଶ୍ୱ ଚାମ୍ପିୟନ କେନିଆ ଜନ୍ମିତ ନୋରା ଜେରୁଟୋଙ୍କୁ ଡୋପିଂ ଅଭିଯୋଗରେ ବାସନ୍ଦ କରାଯାଇଛି। କାଜାଖସ୍ତାନର ପ୍ରତିନିଧିତ୍ୱ କରୁଥିବା ନୋରା ଗତ ବର୍ଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଶୁକ୍ରବାର ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିବା ନେଇ ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ(ଏଆଇୟୁ) ପକ୍ଷରୁ କୁହାଯାଇଛି। ୨୭ ବର୍ଷୀୟା ଜେରୁଟୋଙ୍କ ରକ୍ତ ନମୂନା ଉପରେ ଏଆଇୟୁ ଦୀର୍ଘ ଦିନ ଧରି ପରୀକ୍ଷା ନୀରିକ୍ଷା ପରେ ତାଙ୍କୁ ବାସନ୍ଦ କରିଛି। ବାସନ୍ଦାଦେଶ ପ୍ରଦାନ କରାଯାଇଥିବା ବେଳେ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ସେ କୌଣସି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ପାରିବେ ନାହିଁ ବୋଲି ଜଣାପଡିଛି। ପ୍ରଥମେ କେନିଆ ପକ୍ଷରୁ ଖେଳୁଥିବା ଜେରୁଟୋ ୨୦୧୬ରେ ଆଫ୍ରିକାନ୍ ଚାମ୍ପିୟନଶିପ୍ ଓ ୨୦୨୧ରେ ଡାଇମଣ୍ଡ ଲିଗ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସ ମିସ୍ କରିବା ପରେ କାଜାଖସ୍ତାନ ପକ୍ଷରୁ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣ କରିଥିଲେ। ଇୟୁଜିନିରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସେ ରେକର୍ଡ ଟାଇମିଂ ସହିତ ସ୍ୱର୍ଣ୍ଣ ଜିତିଥିଲେ।



ନୋରା ଜେରୁଟୋ







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଫାଇନାଲରେ ମାୟା

ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭ୍‌ଲପ୍‌ମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସର ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତର ମାୟା ରାଜେଶ୍ୱରନ ରେଭଥୀ ଉଭୟ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ବାଳିକା ସିଙ୍ଗଲ୍ସ ପ୍ରଥମ ସେମିଫାଇନାଲରେ ମାୟା ଥାଇଲାଣ୍ଡର ନାତ୍ରଡା ସକୁଲଭୋଙ୍ଗତାନାଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ହରିଥା ଶ୍ରୀ ଭେଙ୍କଟେଶ୍ କିନ୍ତୁ ସେମିଫାଇନାଲରେ ହାରି ଯାଇଛନ୍ତି। ସେ କୋରିଆର ଜିୟୁନ ଓ'ଙ୍କଠାରୁ ୦-୬, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ବାଳିକା ଡବଲ୍ସ ସେମିଫାଇନାଲରେ ମାୟା

**୧୪ ବର୍ଷରୁ କମ୍ ଏସିଆନ ଡେଭ୍‌ଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ**

ଓ ହରିଥା ଯୋଡ଼ି ତୁର୍କମେନିସ୍ତାନର ଇଲିମା ଗୁସେନୋଭା ଓ ଉଜ୍‌ବେକିସ୍ତାନର ଇମିଲି କିମ୍ ଯୋଡ଼ିଙ୍କୁ ୧-୬, ୬-୨ (୧୦-୬)ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟ ସେମିଫାଇନାଲରେ କୋରିଆ ଯୋଡ଼ି ୟେରି ହଙ୍ଗ ଓ ଜିୟୁନ ଓ' ୬-୪, ୩-୬ (୧୧-୯)ରେ କାଜାଖସ୍ତାନ ଯୋଡ଼ି ଇଭା କୋରିଶେଭା ଓ ୟେର୍କଝାନ ଝାଣ୍ଟାୟେଭାଙ୍କୁ ହରାଇ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। କୋରିଆ ଓ ଭାରତୀୟ ଯୋଡ଼ି ମଧ୍ୟରେ ଫାଇନାଲ ହେବ। ବାଳକ ସିଙ୍ଗଲ୍ସ ପ୍ରଥମ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ୍ ଚୋ ୬-୩, ୬-୩ ସେଟ୍‌ରେ ହଂକଂର ଆଲେକ୍ସ ଲାପ୍ ହାଙ୍ଗ ହୁଇଙ୍କୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କୋରିଆର ଓନମିନ କିମ୍ ୬-୨, ୩-୬, ୬-୦ ସେଟ୍‌ରେ ହଂକଂର ଆନ୍ଦ୍ରେ ଲାମ୍ ଜୁନ୍ ବାର୍ଟଙ୍କୁ ହରାଇ ଦେଇଛନ୍ତି। ଅର୍ଥାତ୍ ଦୁଇ କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଟାଇଟଲ ମୁକାବିଲା ହେବ। ସେହିପରି ବାଳକ ଡବଲ୍ସ ପ୍ରଥମ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ୍ ଚୋ ଓ ଓନମିନ କିମ୍ ୬-୪, ୬-୩ରେ ହଂକଂର ଆନ୍ଦ୍ରେ ଲାମ୍ ଜୁନ୍ ବାର୍ଟ ଓ ଆଲେକ୍ସ ଲାପ୍ ହାଙ୍ଗ ହୁଇଙ୍କୁ ହରାଇଛନ୍ତି। ଦ୍ୱିତୀୟ ସେମିରେ ଥାଇଲାଣ୍ଡର ରୁ୍ୟ କୋଟିକୁଲା ଓ ଧର୍ମା ପାଣ୍ଡାରାଟର୍ନ ଭାରତୀୟ ଯୋଡ଼ି ପ୍ରକାଶ ସରନ ଓ ଶିବତେଜ ଶିରଫୁଲେଙ୍କୁ ୬-୩, ୩-୬ (୧୦-୫)ରେ ପରାସ୍ତ କରିଛନ୍ତି। ଏଥିସହ ବାଳକ ବିଭାଗରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ବାଳିକା ଡବଲ୍ସ ସେମିଫାଇନାଲ ପୂର୍ବରୁ ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।


ଶଟ୍ ଖେଳିବା ଅବସରରେ ମାୟା ରାଜେଶ୍ୱରନ ରେଭଥୀ।

## ପ୍ରତ୍ୟାଶାଙ୍କୁ ରୌପ୍ୟ ପଦକ


ବ୍ୟାଙ୍କକ୍ ଆସୁମ୍ପଶନ ୟୁନିଭର୍ସିଟିର ସୁବର୍ଣ୍ଣଭୂମି କ୍ୟାମ୍ପସରେ ଥିବା ଆକ୍ୱାଟିକ୍ ସେଣ୍ଟରରେ ଚାଲିଥିବା ଥାଇଲାଣ୍ଡ ଏଜ୍ ଗ୍ରୁପ୍ ସୁଇମିଂ ଚାମ୍ପିୟନଶିପ୍‌ର ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଛନ୍ତି ଓଡ଼ିଶାର ପ୍ରତ୍ୟାଶା ରାୟ।

## ବାଂଲାଦେଶ ୭ ଉଇକେଟରେ ବିଜୟୀ

**ମୀରପୁର,୭।୪(ପି.ଟି.):** ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚକୁ ୭ ଉଇକେଟରେ ଜିତି ନେଇଛି ବାଂଲାଦେଶ। ଆୟର୍ଲାଣ୍ଡ ପ୍ରଥମ ଇନିଂସରେ ୨୧୪ ରନ୍ କରିଥିବା ବେଳେ ବାଂଲାଦେଶ ୩୬୯ ରନ୍ ସ୍କୋର କରିଥିଲା। ଦ୍ୱିତୀୟ ଇନିଂସରେ ଆୟର୍ଲାଣ୍ଡ ଲଢୁଆ ୨୯୨ ରନ୍ କରିଥିବା ବେଳେ ୩ ଉଇକେଟ ହରାଇ ୧୩୮ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ନେଇଥିଲା ଘରୋଇ ବାଂଲାଦେଶ। ପ୍ରଥମ ଇନିଂସରେ ୧୨୬ ଓ ଦ୍ୱିତୀୟ ଇନିଂସରେ ଅପରାଜିତ ୫୧ ରନ୍ କରିଥିବା ମୁଶଫିକୁର ରହିମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୨୮୬/୭ରୁ ଖେଳ ଆରମ୍ଭ କରି ଆୟର୍ଲାଣ୍ଡ ପରବର୍ତ୍ତୀ ୬ ରନ୍‌ରେ ୪ ଉଇକେଟ ହରାଇଥିଲା। ପେସ୍ ବୋଲର ଏବାଦତ ହୋସେନ୍ ଏହା ମଧ୍ୟରୁ ୩ ଉଇକେଟ ଅକ୍ତିଆର କରିଥିଲେ। ୧୩୭ ରନ୍‌ରେ ଆୟର୍ଲାଣ୍ଡ ଆଗୁଆ ରହିବା ପରେ ବାଂଲାଦେଶ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା।




## ପାର୍ନେଲ, ବିଜୟ ଆର୍‌ସିବିରେ ସାମିଲ

ନୂଆଦିଲ୍ଲୀ,୭।୪(ପି.ଟି.)

ଆଇପିଏଲ୍ ଫ୍ରାଞ୍ଚାଇଜି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପକ୍ଷରୁ ୱେନ୍ ପାର୍ନେଲ ଓ ବୈଶାକ ବିଜୟ କୁମାରଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରାଯାଇଛି। ଆହତ ହୋଇ ରିସି ଟପ୍‌ଲେ ଓ ରଜତ ପଟିଦାର ଚଳିତ ଟୁର୍ନାମେଣ୍ଟରୁ ବାଦ୍ ପଡିଥିବା ବେଳେ ଏହି ଦୁଇ ଖେଳାଳିଙ୍କୁ ସାମିଲ କରାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଟପ୍‌ଲେଙ୍କ କାନ୍ଧରେ ଆଘାତ ଲାଗିଥିଲା। ଅନ୍ୟପକ୍ଷରେ ଆକିଲିସ୍ ଇଞ୍ଜୁରି (ଗୋଇଠିରେ ଆଘାତ) କାରଣରୁ ପଟିଦାର ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ରିସି ଟପ୍‌ଲେଙ୍କ ବଦଳ ଖେଳାଳି ଭାବରେ ବାମହାତୀ ପେସ୍ ବୋଲିଂ ଅଲରାଉଣ୍ଡର ପାର୍ନେଲଙ୍କୁ ଫ୍ରାଞ୍ଚାଇଜି ୭୫ ଲକ୍ଷ ଟଙ୍କାରେ କିଣିଛି। ପାର୍ନେଲ ଦକ୍ଷିଣ ଆଫ୍ରିକା ପକ୍ଷରୁ ୫୬ ଟି୨୦, ୬ ଟେଷ୍ଟ ଓ ୭୩ ଦିନିକିଆ ଖେଳିଛନ୍ତି। ୫୯ ଅନ୍ତର୍ଜାତୀୟ ଟି୨୦ ନେଇଥିବା ପାର୍ନେଲ ୨୬ ଆଇପିଏଲ୍ ମ୍ୟାଚ୍‌ରୁ ୨୬ ଉଇକେଟ ଅକ୍ତିଆର କରିଛନ୍ତି। ଅପରପକ୍ଷରେ ଗତ ସିଜନର ସଫଳ ବ୍ୟାଟର ପଟିଦାରଙ୍କ ସ୍ଥାନରେ ବୈଶାକ ବିଜୟ କୁମାରଙ୍କୁ ଦଳରେ ସାମିଲ କରାଯାଇଛି। କର୍ନାଟକ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ବିଜୟ ୧୪ ଟି୨୦ ମ୍ୟାଚରୁ ୨୨ଟି ଉଇକେଟ ନେଇଛନ୍ତି। ୨୦ ଲକ୍ଷର ବେସ୍ ପ୍ରାଇସ୍‌ରେ ସେ ଆରସିବିରେ ସାମିଲ ହୋଇଛନ୍ତି।

## ଷ୍ଟିପଲଚେଜ୍ ବିଶ୍ୱ ଚାମ୍ପିୟନ ଜେରୁଟୋ ବାସନ୍ଦ

ମୋନାକୋ,୭।୪(ପି.ଟି.)

**ଡୋପିଂ ମାମଲା**

ଷ୍ଟିପଲଚେଜ୍‌ରେ ବିଶ୍ୱ ଚାମ୍ପିୟନ କେନିଆ ଜନ୍ମିତ ନୋରା ଜେରୁଟୋଙ୍କୁ ଡୋପିଂ ଅଭିଯୋଗରେ ବାସନ୍ଦ କରାଯାଇଛି। କାଜାଖସ୍ତାନର ପ୍ରତିନିଧିତ୍ୱ କରୁଥିବା ନୋରା ଗତ ବର୍ଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଶୁକ୍ରବାର ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିବା ନେଇ ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ(ଏଆଇୟୁ) ପକ୍ଷରୁ କୁହାଯାଇଛି। ୨୭ ବର୍ଷୀୟା ଜେରୁଟୋଙ୍କ ରକ୍ତ ନମୂନା ଉପରେ ଏଆଇୟୁ ଦୀର୍ଘ ଦିନ ଧରି ପରୀକ୍ଷା ନୀରିକ୍ଷା ପରେ ତାଙ୍କୁ ବାସନ୍ଦ କରିଛି। ବାସନ୍ଦାଦେଶ ପ୍ରଦାନ କରାଯାଇଥିବା ବେଳେ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ସେ କୌଣସି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ପାରିବେ ନାହିଁ ବୋଲି ଜଣାପଡିଛି। ପ୍ରଥମେ କେନିଆ ପକ୍ଷରୁ ଖେଳୁଥିବା ଜେରୁଟୋ ୨୦୧୬ରେ ଆଫ୍ରିକାନ୍ ଚାମ୍ପିୟନଶିପ୍ ଓ ୨୦୨୧ରେ ଡାଇମଣ୍ଡ ଲିଗ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସ ମିସ୍ କରିବା ପରେ କାଜାଖସ୍ତାନ ପକ୍ଷରୁ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣ କରିଥିଲେ। ଇୟୁଜିନିରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସେ ରେକର୍ଡ ଟାଇମିଂ ସହିତ ସ୍ୱର୍ଣ୍ଣ ଜିତିଥିଲେ।


ନୋରା ଜେରୁଟୋ







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ